୬ ଟାର୍ଗେଟ ୫୧୫ : ବାଂଲାଦେଶ ୧୫୮/୪





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୩୬ ● ୨୨ ସେପ୍ଟେମ୍ବର ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-236 ● 22nd September 2024, Sunday ● Bhubaneswar | Licensed to post without pre-payment of postage No- BN-60/22-24


## ଭରତପୁର ଥାନା ଘଟଣା ନେଇ ବିବାଦ ଘନେଇଲା

# କାର୍ଯ୍ୟାନୁଷ୍ଠାନ ବିରୋଧରେ ଏକାଠି ହେଲେ ପୋଲିସ୍

ଭୁବନେଶ୍ୱର, ୨୧ା୯

ନ୍ୟୁଜ୍ ବ୍ୟୁରୋ

ଭରତପୁର ଥାନାରେ ଆର୍ମି ମେଜର ଗୁରୁବଂଶ ସିଂହ ଓ ତାଙ୍କ ବାନ୍ଧବୀଙ୍କୁ ମାଡମରା-ନିର୍ଯାତନା ଘଟଣା ନେଇ ବିବାଦ ଘନେଇବାରେ ଲାଗିଛି। କମିଶନରେଟ୍ ପୋଲିସ୍ ଏହି ଘଟଣାରେ ସଂପୃକ୍ତ ୭ଜଣ ରୋଡ ରୋମିଓଙ୍କୁ ଶୁକ୍ରବାର ଅଟକ ରଖି ପଚରାଉଚରା କରିବା ପରେ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପୋଲିସ୍ କର୍ମଚାରୀ ଏକାଠି ହୋଇଥିବା ଦେଖିବାକୁ ମିଳିଛି।



ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରି ଶନିବାର ଅପରାହ୍ନରେ ଭୁବନେଶ୍ୱରରେ ଏକାଠି ହୋଇଛନ୍ତି ଶହ ଶହ ପୋଲିସ । ସ୍ଥାନୀୟ ରିଜର୍ଭ ପୋଲିସ୍ ଗ୍ରାଉଣ୍ଡରେ ପୋଲିସ୍ କର୍ମଚାରୀମାନେ ଏକାଠି ହୋଇ ଭରତପୁର ଥାନା ଘଟଣାରେ ପୋଲିସ୍ କର୍ମଚାରୀଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ଘଟଣାର ପ୍ରତିବାଦ ଜଣାଇଛନ୍ତି। ଆଗାମୀ ଦିନରେ ବଡ଼ ପ୍ରତିବାଦ ପାଇଁ ପୋଲିସ୍ କର୍ମଚାରୀ ପ୍ରସ୍ତୁତ ହେଉଛନ୍ତି।

ଓଡ଼ିଶା ପୋଲିସ ସଂଘର ସଂଗଠନ ସମ୍ପାଦକ ଉମେଶ ଚନ୍ଦ୍ର ସାହୁ ଶନିବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଆର୍ମି ମେଜର ଓ ବାନ୍ଧବୀଙ୍କ ପ୍ରତି ହୋଇଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣାର ତଦନ୍ତ ଚାଲିଛି, ନିଲମ୍ବନ ହୋଇଥିବା ପୋଲିସ ଦୋଷୀ ପ୍ରମାଣିତ ହୋଇନାହାନ୍ତି । ତଦନ୍ତରେ ଦୋଷୀ ପ୍ରମାଣିତ ହେଲା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନିଲମ୍ବନ ହୋଇଥିବା ପୋଲିସ କର୍ମଚାରୀଙ୍କ ଉପରୁ ନିଲମ୍ବନ ହଟାଯାଉ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି।

ଶିଖ ରେଜିମେଣ୍ଟର ଭାରତୀୟ ସେନା ଅଧିକାରୀ ମେଜର ଗୁରୁବଂଶ ସିଂ ଏବଂ ତାଙ୍କ ବାନ୍ଧବୀଙ୍କୁ ଭରତପୁର ଥାନାରେ ଦୁର୍ବ୍ୟବହାର ସହିତ ମାଡ଼ ମାରିବା ଘଟଣାରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କୁ ଚିଠି ଲେଖି ରିପୋର୍ଟ ମାଗିଛନ୍ତି ଜାତୀୟ ମହିଳା କମିଶନ (ଏନସିଡବ୍ଲ୍ୟୁ)।

ମେଜର ସିଂ ଏବଂ ବାନ୍ଧବୀଙ୍କୁ ଓଡିଶା ପୋଲିସ (ପୃଷ୍ଠା ୭ରେ)

## ମେଗା ସ୍ୱାସ୍ଥ୍ୟ ମେଳାରେ ମୁଖ୍ୟମନ୍ତ୍ରୀ

# ସବୁ ଜିଲ୍ଲାରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବ

କେନ୍ଦୁଝର, ୨୧ା୯

ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ମେଗା ସ୍ୱାସ୍ଥ୍ୟ ମେଳାର ଉଦ୍‌ଘାଟନ କରିଛନ୍ତି ।



ସୂଚନା ଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଉଦ୍ୟମରେ କେନ୍ଦୁଝରଠାରେ ଜିଲ୍ଲା ସଦର ମହକୁମା ଡାକ୍ତରଖାନା, ଧରଣୀଧର ନାୟକ ମେଡିକାଲ କଲେଜ ଓ ଏସସିବି ମେଡିକାଲ କଲେଜର ମିଳିତ ଆନୁକୂଲ୍ୟରେ ଏହି ମେଳା ଆୟୋଜନ କରାଯାଇଛି।

ଏଥିରେ ତିନୋଟି ମେଡିକାଲ କଲେଜରୁ ବିଭିନ୍ନ ବିଭାଗର ବହୁ ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀ ମାନଙ୍କୁ ନିଶୁଳ୍କ ଚିକିତ୍ସା ଯୋଗାଇ ଦେଇଛନ୍ତି । ଯେଉଁଥିରେ ସ୍ନାୟୁରୋଗ, ହୃଦ୍‌ରୋଗ, ଭେଷଜ, ସର୍ଜରୀ, ୟୁରୋଲୋଜି, ନେଫ୍ରୋଲୋଜି, ସାଇକ୍ଆଟ୍ରିକ, ପେଡିଆଟ୍ରିକ, ଅର୍ଥୋପେଡିକ ଇତ୍ୟାଦି ଜଟିଳ ରୋଗର ବିଶେଷଜ୍ଞ ମାନେ ଅଛନ୍ତି ।

ଏହି କାର୍ଯ୍ୟକ୍ରମରେ ଚକ୍ଷୁ ଚିକିତ୍ସା ଶିବିର, ସ୍ୱାସ୍ଥ୍ୟ ସେବା ଶିବିର ଏବଂ ସାମାଜିକ ସଶକ୍ତି କରଣ ଶିବିରର ଆୟୋଜନ କରାଯାଇଛି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ତିନୋଟି ଶିବିରକୁ ଉଦ୍‌ଘାଟନ କରିଥିଲେ ଏବଂ ଶିବିରରେ ଉପସ୍ଥିତ ଡାକ୍ତର, ରୋଗୀ ଓ ସାଧାରଣ ଲୋକଙ୍କ ସହିତ କଥା ହୋଇଥିଲେ। କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକ ଓ ୫ଟି ସହରାଞ୍ଚଳର ହଜାର ହଜାର ଜନସାଧାରଣ ଏହି ଶିବିର ମାଧ୍ୟମରେ ଉପକୃତ ହୋଇ ପାରିଛନ୍ତି।

ଓଏମସି ଏବଂ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ଚକ୍ଷୁ ଚିକିତ୍ସା ଶିବିରରେ ପ୍ରାୟ ୧୦୦୦ ବ୍ୟକ୍ତି ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ ଏବଂ ଚକ୍ଷୁ ପରୀକ୍ଷା ପରେ ଆବଶ୍ୟକତା ଥିବା ବ୍ୟକ୍ତିମାନଙ୍କୁ ମାଗଣାରେ ଚଷମା ମଧ୍ୟ ଯୋଗାଇ ଦିଆଯାଇଥିଲା।

ସେହିଭଳି ସ୍ୱାସ୍ଥ୍ୟ ସେବା ଶିବିର ମାଧ୍ୟମରେ ବିଶେଷଜ୍ଞମାନଙ୍କ ପରାମର୍ଶ ଜରିଆରେ ଜିଲ୍ଲାର ପ୍ରାୟ ୪ହଜାର ଲୋକ ଉପକୃତ ହୋଇଛନ୍ତି । ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଆୟୋଜିତ ହୋଇଥିବା ସାମାଜିକ ସଶକ୍ତିକରଣ ଶିବିରରେ ୯୨୩ ଜଣ ହିତାଧିକାରୀଙ୍କୁ ହୁଇଲ୍ ଚେୟାର, ହସ୍ତ ଚାଳିତ ସାଇକେଲ୍, (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ୭ ଅଭିଯୁକ୍ତ ଗିରଫ ଓ କୋର୍ଟ ଚାଲାଣ

ଭୁବନେଶ୍ୱର, ୨୧ା୯

ନ୍ୟୁଜ୍ ବ୍ୟୁରୋ

ଭରତପୁର ଥାନାର ଏବର ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ଅଭିଯୋଗ ଅନୁସାରେ ଚନ୍ଦକା ଥାନା ପୋଲିସ୍ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୧୧ଟି ମୋବାଇଲ ଫୋନ ଓ ଗୋଟିଏ କାର ଜବତ କରାଯାଇଛି। ଜବତ ହୋଇଥିବା ୧୧ଟି ମୋବାଇଲରୁ ୨ଟି ମୋବାଇଲରେ ସେଦିନ ରାତିର କିଛି ଭିଡ଼ିଓ (ପୃଷ୍ଠା ୭ରେ)

# ୪ ଘଣ୍ଟା ନ ପୂରୁଣୁ ମିଳିଲା ଜାମିନ

ଭୁବନେଶ୍ୱର, ୨୧ା୯

ନ୍ୟୁଜ୍ ବ୍ୟୁରୋ

ମେଜରଙ୍କ ବାନ୍ଧବୀଙ୍କୁ ଚନ୍ଦକା ରାସ୍ତାରେ ମାଡ଼ ଅଭିଯୋଗ ଘଟଣାରେ ଶନିବାର ଗିରଫ ହୋଇଥିବା ୭ଜଣ ରୋଡ ରୋମିଓଙ୍କୁ ୪ଘଣ୍ଟା ନ ପୂରୁଣୁ ଜାମିନ ମିଳିଯାଇଛି। ଭୁବନେଶ୍ୱର କୋର୍ଟରୁ ସେମାନଙ୍କୁ ଜାମିନ ମିଳିଛି।


ଏଠାରେ ସୂଚନାଯୋଗ୍ୟ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ରାସ୍ତାରେ ଅଟକାଇ ମାଡ ମାରିବା ଓ ହଇରାଣ କରିବା ଘଟଣାରେ ୭ ଜଣ ରୋଡ ରୋମିଓଙ୍କୁ କମିଶନରେଟ୍ ପୋଲିସ୍ ଗିରଫ କରିଥିଲା। ମହିଳାଙ୍କ ଉପରକୁ ହାତ ଉଠାଇଥିବା ଘଟଣାରେ ଚନ୍ଦକା ଥାନା ପୋଲିସ୍ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଅନ୍ୟପକ୍ଷରେ କୋର୍ଟ ଚାଲାଣ ବେଳେ ଅଭିଯୁକ୍ତମାନେ ସେମାନଙ୍କ ଉପରେ ଲାଗିଥିବା ଅଭିଯୋଗକୁ ଅସ୍ୱୀକାର କରିଥିଲେ। ସେମାନେ କହିଥିଲେ ଆମେ କେହି ହାତ ଉଠାଇ ନାହୁଁ, (ପୃଷ୍ଠା ୭ରେ)

# ସରକାରଙ୍କୁ ନିଜ ବିରୋଧରେ ସମାଲୋଚନା ଶୁଣିବାକୁ ପଡ଼ିଥାଏ

ପୁଣେ, ୨୧ା୯

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ସେ କହିଛନ୍ତି ଯେ ଗଣତନ୍ତ୍ରର ପ୍ରକୃତ ପରୀକ୍ଷା ହେଉଛି ଯେତେବେଳେ ଶାସକଙ୍କୁ ନିଜ ସମାଲୋଚନା ଶୁଣିବାକୁ ପଡିଥାଏ। ଶାସକ ଏଥିରେ ଥିବା ସମସ୍ତ ମତ ଏବଂ ଆନ୍ତରିକତାକୁ ସହ୍ୟ କରିବା ଉଚିତ୍।


ପୁଣେର ଏକ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଗଡକରୀ ଏହି କଥା କହିଛନ୍ତି।

ସେ କହିଛନ୍ତି ଯେ ଲେଖକ, ଚିନ୍ତକ ଏବଂ କବିମାନେ ନିର୍ଭୟରେ ନିଜର ମତ ପ୍ରକାଶ କରିବା ଉଚିତ ଏବଂ ଏହା ସେମାନଙ୍କଠାରୁ ଆଶା କରାଯାଏ।

ଗଡକରୀ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଗଣତନ୍ତ୍ରର ଚରମ ପରୀକ୍ଷା ହୁଏ, ତେବେ ଏହା ହେଉଛି ଯେ ଶାସକ ଯେତେ ସୁଦୃଢ ହୋଇ ଥାଆନ୍ତୁ ନା (ପୃଷ୍ଠା ୭ରେ)

## ଏକାଳ ସକାଳ



ଆସଜନେ ଟିକେ ବୁଲିଯିବା
ଖବର ନେବା ଯେ ଦିଲ୍ଲୀର
ମୁଖିଆ ଯିଏ ହେଲେ ସେଠି
ଆତିଶୀ ନାଁ ଯେ ତାଙ୍କର
ଏ ଛୋଟିଆ ନୁହେଁ ମ୍ୟାଟର
ଆତଙ୍କୀ ସପକ୍ଷେ ଖୁବ୍ ଲଢିଥିଲେ
ଇଏ ଆଉ ତାଙ୍କ ଫାଦର...
ଏଇଟା ହେଲା ଫ୍ୟାକ୍ଟର।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଆତିଶୀ

ନୂଆଦିଲ୍ଲୀ, ୨୧ା୯

ଆମ ଆଦମୀ ପାର୍ଟି ନେତା ଆତିଶୀ ମାର୍ଲେନା ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଶନିବାର ରାଜନିବାସରେ ଆୟୋଜିତ ଏକ ସରଳ କାର୍ଯ୍ୟକ୍ରମରେ ଦିଲ୍ଲୀର ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ଆତିଶୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଆତିଶୀ ଏବେ ଦିଲ୍ଲୀର ତୃତୀୟ ତଥା ସର୍ବକନିଷ୍ଠ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତାଙ୍କ ସହ ଆପ ବିଧାୟକ ଗୋପାଳ ରାୟ, ସୌରଭ ଭରଦ୍ୱାଜ, କୈଳାସ ଗେହଲଟ, ଇମ୍ରାନ (ପୃଷ୍ଠା ୭ରେ)



## ବାୟୁସେନାର ନୂଆ ଏୟାର ଚିଫ୍ ମାର୍ଶଲ ଅମର ପ୍ରୀତ ସିଂ

ନୂଆଦିଲ୍ଲୀ, ୨୧ା୯

ବର୍ତ୍ତମାନ ବାୟୁସେନାର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିବା ଅମର ପ୍ରୀତ ସିଂ (ପିଭିଏସଏମ,ଏଭିଏସଏମ) ଆସନ୍ତା ୩୦ ତାରିଖରେ ବାୟୁସେନାର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏୟାର ଚିଫ ମାର୍ଶଲ ବିବେକ ରାମ ଚୌଧୁରୀ ଅବସର ଗ୍ରହଣ ପରେ ତାଙ୍କ ସ୍ଥାନରେ ଶ୍ରୀ ସିଂଙ୍କୁ ନିଯୁକ୍ତି ମିଳିଛି। ତାଙ୍କର ୫୦୦୦ ଘଣ୍ଟାରୁ ଅଧିକ ଉଡ଼ାଣ ଅଭିଜ୍ଞତା ଅଛି । ୨୭ ଅକ୍ଟୋବର ୧୯୬୪ରେ ଜନ୍ମ ହୋଇଥିବା ଏୟାର ମାର୍ଶଲ ଅମର ପ୍ରୀତ ସିଂ (ପୃଷ୍ଠା ୭ରେ)

## କର୍ଣ୍ଣାଟକ ସରକାରଙ୍କ ନିର୍ଦ୍ଦେଶ

# ମନ୍ଦିରରେ କେବଳ 'ନନ୍ଦିନୀ' ଘିଅ ବ୍ୟବହାର ହେବ

ବେଙ୍ଗାଲୁରୁ, ୨୧ା୯

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ଘିଅ ପରିବର୍ତ୍ତେ ଘୁଷୁରି ଓ ଗୋରୁ ଚର୍ବି ଏବଂ ମାଛ ତେଲ ବ୍ୟବହାରକୁ ନେଇ ଚାଲିଥିବା ବିବାଦ ମଧ୍ୟରେ କର୍ଣ୍ଣାଟକ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ମନ୍ଦିରରେ କେବଳ ନନ୍ଦିନୀ ବ୍ରାଣ୍ଡର ଘିଅ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି କର୍ଣ୍ଣାଟକ ସରକାର।



ଏନେଇ ଏକ ଗାଇଡଲାଇନ ଜାରି କରି କର୍ଣ୍ଣାଟକ ସରକାର କହିଛନ୍ତି ଯେ, ରାଜ୍ୟର ମନ୍ଦିର ପରିଚାଳନା ସଂସ୍ଥା ଅଧୀନରେ ଥିବା ସମସ୍ତ ୩୪ ହଜାର ମନ୍ଦିରରେ କେବଳ ନନ୍ଦିନୀ ବ୍ରାଣ୍ଡର ଘିଅ ବ୍ୟବହାର କରାଯିବ। ନିର୍ଦ୍ଦେଶନାମା ଅନୁଯାୟୀ, (ପୃଷ୍ଠା ୭ରେ)




30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ସେପ୍ଟେମ୍ବର, ରବିବାର, ୨୦୨୪





# ଖାଦ୍ୟ ନିରାପତ୍ତା ବିଭାଗରେ ବହୁ ପଦବୀ ଖାଲି : ଅସାଧୁ ଖାଦ୍ୟ ବ୍ୟବସାୟୀ ମାଲାମାଲ୍

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିନରେ ଥିବା ଖାଦ୍ୟ ନିରାପତ୍ତା (ଫୁଡ୍ ସେଫ୍ଟି) ବିଭାଗରେ ଦୀର୍ଘ ଦିନରୁ ଅଧିକାରୀ ଓ କର୍ମଚାରୀ ଅଭାବ ସମସ୍ୟା ଲାଗି ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ଦୀର୍ଘବର୍ଷରୁ ଏଠାରେ ମଞ୍ଜୁର ହୋଇଥିବା ଏହି ବିଭାଗର ମୁଖ୍ୟ ଡି.ଓ (ଡେଜିଗ୍‌ନେଟେଡ୍ ଅଫିସର)ପଦବୀ ଖାଲି ରହିଛି । ଫଳରେ ଡିପିଏଚ୍‌ଓ (ଜିଲ୍ଲା ପବ୍ଲିକ୍ ହେଲଥ୍ ଅଫିସର) ଏହି ଦାୟିତ୍ୱକୁ ଅତିରିକ୍ତ ଭାବେ ବହନ କରୁଛନ୍ତି । କହିବାକୁ ଗଲେ ଜଣେ ଏଫ.ଏସ୍.ଓ (ଫୁଡ୍ ସେଫ୍ଟି ଅଫିସର)ଓ ଜଣେ ମାତ୍ର ଅସ୍ଥାୟୀ ଏସ୍.ଟି.ଏସ୍ (ମଲ୍ଟି ଟାସ୍କିଂ ଷ୍ଟାଫ)କାର୍ଯ୍ୟଙ୍କ ହାତରେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ ଚାଲିଛି । ଆଉ ବିଭାଗର ଏଭଳି ଅଚଳାବସ୍ଥାରୁ ବେଶ୍ ଫାଇଦା ନେଉଛନ୍ତି ଅସାଧୁ ଖାଦ୍ୟ ବ୍ୟବସାୟୀ ଓ ବିତରଣକାରୀ ବ୍ୟାବସାୟୀ । ଅଧିକାରୀ ଓ କର୍ମଚାରୀ ଅଭାବରୁ ନିୟମିତ ଚଢ଼ଉ ଓ ଯାଞ୍ଚ କରାଯାଇ ପାରୁନଥିବା ବେଳେ ଅପମିଶ୍ରଣକାରୀ ତଥା ବାସିଯୁକ୍ତ ଖାଦ୍ୟ ବିକ୍ରି କରୁଥିବା ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜରିମାନା ଆଦାୟ ସଠିକ୍ ଢଙ୍ଗରେ ହେଉନାହିଁ । ଫଳରେ ଏହି ବ୍ୟବସାୟୀ ଗୋଷ୍ଠୀ ଏବେ ଜିଲ୍ଲାର ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଯାଏଁ ବେଶ ସକ୍ରିୟ ହୋଇ ଖୋଲାଖୋଲି ଭାବେ ଖାଦ୍ୟ ନିରାପତ୍ତା ଆଇନକୁ ଉଲ୍ଲଂଘନ କରି ଚାଲିଛନ୍ତି । ସୂଚନାଯୋଗ୍ୟ, ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ଭଦ୍ରକରେ ପ୍ରାୟ ୨ହଜାର ଭଳି ରେଜିଷ୍ଟ୍ରେଟ୍ ଲାଇସେନ୍ସ ଧାରୀ ବ୍ୟବସାୟୀ ରହିଛନ୍ତି । ତେବେ ଜଣେ ସ୍ଥାୟୀ ଡି.ଓ ନଥିବାରୁ କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜରିମାନା ଆଦାୟ କରିବାର କ୍ଷମତା ନଥିବାରୁ ସମସ୍ୟା ଉପୁଜୁଥିବା ଜଣାଯାଇଛି । ଭଦ୍ରକ ସହରାଞ୍ଚଳରେ ଥିବା ଶତାଧିକ ଭଠା, ଠେଲା ଓ ରାସ୍ତାକଡ଼ରେ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀମାନେ ସେମାନଙ୍କ ପସରା ମେଲାଇଛନ୍ତି । ଭୋଜନ ସହିତ ଜଳଖିଆ ସାମଗ୍ରୀ ଠାରୁ ଆରମ୍ଭ କରି ଚାଉମିନ, ଚାର୍ଟ, ଦହିବରା, ପୁଚ୍‌କା(ଗୁପଚୁପ) ଆଦି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ବ୍ୟାପକ ଭାବେ ଚଳାଉଛନ୍ତି । ତେବେ ଏହି ବ୍ୟବସାୟୀମାନଙ୍କ ଖାଦ୍ୟର ମାନ ଯାଞ୍ଚ ନିୟମିତ ହେବା ତ ଦୂରର କଥା ବର୍ଷରେ ଥରେ ହେବା ମୁସ୍କିଲ ହୋଇଛି । ସେହିଭଳି ଏହାର ସୁଯୋଗ ନେଇ ବହୁ ଖାଦ୍ୟ ବ୍ୟବସାୟୀ ପଞ୍ଜିକରଣ କରୁନଥିବା ଜଣାଯାଇଛି । ଏବେ ଜିଲ୍ଲାରେ ଲାଇସେନ୍ସ ନେଇ ବିଭିନ୍ନ ବ୍ରାଣ୍ଡର ସୁଖାଲା ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛି । ତେବେ ଏହି ଖାଦ୍ୟ ସାମଗ୍ରୀଗୁଡ଼ିକର ମାନ ଯାଞ୍ଚ ନିୟମିତ ହେବା ଦରକାର ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଅନୁରୂପ ଭାବେ ଭଦ୍ରକ ଜିଲ୍ଲା ସହର ଉପକଣ୍ଠରେ ଗୋଲି ସୋଡା, ଆଇସ୍‌କ୍ରିମ ର ବଡ଼ ବଡ଼ କମ୍ପାନୀ ଖୋଲି ସେମାନଙ୍କ ଖାଦ୍ୟ ସାମଗ୍ରୀ ଖୋଲାବଜାରରେ ବିକ୍ରି କରୁଛନ୍ତି । ସେହିପରି ଏକାଧିକ ମିଷ୍ଟାନ୍ନ, ବେକରୀ ପ୍ରଡକ୍ଟ ମଧ୍ୟ ଚାଲିଛି । ତେବେ ଏହି ସବୁ କମ୍ପାନୀ ଫୁଡ୍ ସେଫ୍ଟି ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ (ଏଫଏସଏସ୍‌ଏଆଇ)ଠାରୁ ଲାଇସେନ୍ସ ନେଇଛନ୍ତି ସତ, ହେଲେ ସେମାନେ ସେମାନଙ୍କ ଖାଦ୍ୟ ସାମଗ୍ରୀରେ ମିଶ୍ରଣ କରୁଥିବା ପାଣି ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଦ୍ରବ୍ୟଗୁଡ଼ିକର ଯାଞ୍ଚ ହେଉନାହିଁ । ଫଳରେ କେତେବେଳେ ଯେ, କଣ ଅଘଟଣ ଘଟିବ ତାହା କିଏ କହିବ ବୋଲି ଆଲୋଚନା ଚାଲିଛି । ଖାଦ୍ୟ ନିରାପତ୍ତା ଆଇନରେ : ବିନା ଖାଦ୍ୟ ଲାଇସେନ୍ସ ଓ ରେଜିଷ୍ଟ୍ରେସନରେ କୌଣସି ବ୍ୟବସାୟ କରିପାରିବେ ନାହିଁ । ଆଉ ଅପମିଶ୍ରିତ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରି ଦଣ୍ଡନୀୟ ଅପରାଧ, ଖାଦ୍ୟ ତିଆରି ପାଇଁ ବିଶୁଦ୍ଧ ଜଳର ବ୍ୟବହାର, ଖାଦ୍ୟଦ୍ରବ୍ୟ ଦେବା ନେବାରେ ପଲିଥିନ ବ୍ୟବହାର ନକରିବା, ବାସି ପଚାଶଢ଼ା ଖାଦ୍ୟ ବିକ୍ରୟ ନକରିବା, ରୋଷେଇ ଘରକୁ ପରିଷ୍କାର ରଖିବା ଓ ରାସ୍ତାକଡ଼ରେ ଖାଦ୍ୟ ସାମଗ୍ରୀକୁ ଘୋଡ଼ାଇ ରଖିବା ଏବଂ ଗରମ ପାଣିରେ ବାସନ କୁସନକୁ ଧୋଇବା ଭଳି ଅନେକ ନିୟମ ରହିଛି । ତେବେ ଭଦ୍ରକ ଜିଲ୍ଲା ସଦର ମହକୁମା ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଶହ ଶହ ସଂଖ୍ୟକ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଛୋଟବଡ଼ ବ୍ୟବସାୟୀ ଏହି ନିୟମକୁ ସଠିକ୍ ଭାବେ ଆଦୌ ପାଳନ କରୁନଥିବା ଜଣାଯାଇଛି । ଜଣେ ଡିଓ ଓ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତ କରାନଗଲେ ଏହି ବିଭାଗ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅସମ୍ଭବ ଜଣାପଡୁଛି । ଅନେକ ବ୍ୟବସାୟୀ ଲାଇସେନ୍ସ ବା ପଞ୍ଜୀକରଣ କରୁନଥିବା ବେଳେ ଅଧିକାଂଶ ଅନୁପଯୋଗୀ ଖାଦ୍ୟର ବହୁଳ କାରବାର କରି ସାଧାରଣ ଲୋକଙ୍କୁ ରୋଗାକ୍ରାନ୍ତ କରିବାର ଅଭିଯୋଗ ହୋଇଛି । ତେଣୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏଦିଗରେ ଗୁରୁତ୍ୱର ସହ ଦୃଷ୍ଟି ଦେଇ ଖାଦ୍ୟ ନିରାପତ୍ତା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ଦାବି ହୋଇଛି ।

# ଜାତୀୟ ରାଜପଥ ଜବରଦଖଲ ଯୋଗୁଁ ବଢୁଛି ଦୁର୍ଘଟଣା

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ରାଜପଥ କଡ଼ରୁ ଜବରଦଖଲ ଉଚ୍ଛେଦ ପାଇଁ ଶାସନ ସଚିବଙ୍କ ନିର୍ଦ୍ଦେଶ ପାଳନ ହେଉ ନଥିବାବେଳେ ରାଜପଥ ଉପରେ ବେଆଇନ ଜବରଦଖଲ ପାଇଁ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଚମ୍ପୁଆ ଉପଖଣ୍ଡ ମଧ୍ୟଦେଇ ଯାଇଥିବା ୫୨୦ ଓ ୨୦ ନମ୍ବର ଜାତୀୟ ରାଜପଥ ଏ ଅଞ୍ଚଳର ଲାଇଫ୍ ଲାଇନ ଭାବେ ପରିଗଣିତ ହେଉ ଥିବାବେଳେ ଏହି ରାଜପଥ ମଧ୍ୟଦେଇ ଦୈନିକ ହଜାର ହଜାର ଭାରିଯାନ ଚଳାଚଳ କରିଥାଏ । ତେବେ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ଜବରଦଖଲ ଏହି ରାଜପଥରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିଲେ ସୁଦ୍ଧା ଏଥିପ୍ରତି ପ୍ରଶାସନର ଦୃଷ୍ଟି ନଥିବା ପରି ଲାଗୁଛି । ଜାତୀୟ ରାଜପଥ ଲ୍ୟାଣ୍ଡ ଏଣ୍ଡ ଟ୍ରାଫିକ ଆକ୍ଟ ୨୦୦୨ ଅନୁସାରେ ଜାତୀୟ ରାଜପଥ ଉପରୁ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ଶାସନ ସଚିବଙ୍କ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ଏହି ଆଇନକୁ ପାଳନ କରିବାରେ ସ୍ଥାନୀୟ ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ ଏହି ରାଜପଥରେ ଦୁର୍ଘଟଣା ବୃଦ୍ଧି ପାଇଁ ପ୍ରମୁଖ କାରଣ ସାଜି ସାରିଛି । ଦୈନିକ ଦୁର୍ଘଟଣାରେ ଜନଜୀବନ ହାନୀ ଏକ ନୀତି ଦିନିଆଁ ଘଟଣା ପାଲଟି ସାରି ଥିବାବେଳେ ନିକଟରେ ଜାତୀୟ ରାଜପଥରେ ଜବରଦଖଲକୁ ନେଇ ସୁପ୍ରିମକୋର୍ଟ ମଧ୍ୟ ଉଦବେଗ ପ୍ରକାଶ କରିବା ସହ ଉଚ୍ଛେଦ ନିର୍ଦ୍ଦେଶ ରଖି ଥିଲେ ସୁଦ୍ଧା ଏହାକୁ ପାଳନ କରାଯାଉ ନାହିଁ । ଯାହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦୃଢ ଦାବି ହେଉଛି ।

# ଡାକ୍ତରଙ୍କୁ ସୁରକ୍ଷା ଦେବେ ଓଡ଼ିଶା ସରକାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କୋଲକାତାରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ପରେ ଓଡ଼ିଶା ସରକାର ସତର୍କ ହୋଇଛନ୍ତି । ରାଜ୍ୟର ଡାକ୍ତର, ମେଡିକାଲ ଛାତ୍ରଛାତ୍ରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା ଦେବା ପାଇଁ ଗାଇଡ ଲାଇନ୍ ଜାରି କରିଛନ୍ତି । କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଗାଇଡ ଲାଇନ୍ ଜାରି କରାଯାଇଛି । ଡାକ୍ତରଖାନାରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ, ଡାକ୍ତରୀ ଛାତ୍ର ଓ ଡାକ୍ତରଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର ।

ଗାଇଡଲାଇନ୍ ଅନୁସାରେ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ । କର୍ମଚାରୀଙ୍କ ପାଇଁ ପରିଚୟପତ୍ର ଓ ଡ୍ରେସ୍ କୋଡ୍ ରହିବ । ଜରୁରୀ ଇଣ୍ଡୋର ରୋଗୀଙ୍କ ସହାୟକଙ୍କ ପାଇଁ ପାସ୍ ଆବଶ୍ୟକ ବ୍ୟବସ୍ଥା କରାଯିବ । ସବୁ ଓପିଡିରେ ଉଭୟ ପୁରୁଷ ଓ ମହିଳା ସୁରକ୍ଷାକର୍ମୀ ରହିବେ । ହସ୍ପିଟାଲର ପ୍ରମୁଖ ସ୍ଥାନମାନଙ୍କରେ ସିସିଟିଭି ବାଧ୍ୟତାମୂଳକ ।

ସେହିପରି ସୁରକ୍ଷାକର୍ମୀଙ୍କ ପାଇଁ ଏକ କଣ୍ଟ୍ରୋଲ ରୁମ ରହିବ । ମହିଳା ଡାକ୍ତର ଓ କର୍ମଚାରୀଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଘରେ ଛଡ଼ାଯିବ । ସରକାରୀ ମେଡିକାଲ କଲେଜରେ ପୁଲିସ ଆଉଟପୋଷ୍ଟ ରହିବ । ସବୁ ସମୟରେ ମହିଳା ପୁଲିସ ନିୟୋଜିତ ରହିବେ । ମେଡିକାଲ ଛାତ୍ରଛାତ୍ରୀଙ୍କ ସହ ହିଂସା ହେଲେ, ୬ ଘଣ୍ଟାରେ ଏଫଆଇଆର ହିଂସା ବିରୋଧରେ ଏସପି ତ୍ୱରିତ ପଦକ୍ଷେପ ନେବେ ।



# ରୁଦ୍ର ହତ୍ୟା ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବି



**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳାଥାନା ଅନ୍ତର୍ଗତ ଅଭୟପୁର ଗ୍ରାମର ନରହରି ବେହେରାଙ୍କ କଲେଜ ପଢୁଆ ପୁଅ ରୁଦ୍ରର ମୃତ୍ୟୁ ଘଟଣାପରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ଟାଳଟୁଳ ନୀତି ଗ୍ରହଣ କରିଥିବାରୁ ନବ ଭାରତ ହିନ୍ଦୁ ସଂଗଠନ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଛି । ସଙ୍ଗଠନ ପକ୍ଷରୁ ଶଙ୍କାରୀ ଡିହ ଠାରୁ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜାରକା ବିଟହାଉସ୍ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ଉପସ୍ଥିତ ଥିବା ଯାଜପୁର ରୋଡ଼ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଏହି ହତ୍ୟାକାଣ୍ଡର ସଂପୃକ୍ତିରେ ୨ ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ରୁଦ୍ରକୁ ସେମାନେ ଯୋଜନାବଦ୍ଧ ଭାବେ ଡକାଇ ହତ୍ୟା କରିଥିଲେ । ସଂଗଠନର ସତ୍ୟରଞ୍ଜନ ନାୟକ, ଆଲୋକ ବାରିକ, ସୁଶାନ୍ତ ପରିଡ଼ା, ସଞ୍ଜୀବ ରାଉତ, ମନୋଜ ସେଠୀ, ହେମନ୍ତ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ୬ ଶିଶୁ ସମେତ ୧୪ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କଲା ବେଲପଡ଼ା ପୋଲିସ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାରେ ଆରମ୍ଭ ହୋଇଯାଇଛି ଦାଦନ ଋତୁ ଏବଂ ବର୍ଷର ପ୍ରଥମ ବେଆଇନ ଦାଦନ ଚାଲାଣ କେସ ପଞ୍ଜିକୃତ ହୋଇଛି ବେଲପଡ଼ା ଥାନାରେ । ଦାଦନ ଶ୍ରମିକମାନେ କାମ କରିବା ପାଇଁ ନିଜ ସ୍ତ୍ରୀ, ପିଲାଛୁଆଙ୍କୁ ସାଙ୍ଗରେ ଧରି ବର୍ଷଟେ ପାଇଁ ଚାଲିଯାଉଛନ୍ତି ବାହାର ରାଜ୍ୟକୁ । କିଏ ମୁଣ୍ଡରେ ମୁଣ୍ଡାଇ, କିଏ ହାତରେ ଧରି ଆବଶ୍ୟକୀୟ ଜିନିଷପତ୍ର ନେଇ ନିଜ ଗାଁ, ମାଟିକୁ ଛାଡି ଅଜଣା ସ୍ଥାନକୁ ଚାଲିଯାଉଛନ୍ତି । ବେଲପଡା ପୋଲିସ ଦ୍ୱାରା ରବିବାର ୬ ଶିଶୁ ସମେତ ୧୪ ଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇଥିବା ଜଣାପଡିଛି । ଉଦ୍ଧାର ଶ୍ରମିକ ମାନେ ବେଲପଡା ଥାନା ଡୁଙ୍ଗରିଗୁଡା ଗ୍ରାମର ୯ ଜଣ ପାଟଣାଗଡ଼ ଥାନା କର୍ଲାମାଲ ଗ୍ରାମର ୨ ଜଣ ଖପ୍ରାଖୋଲ ଥାନା ଭରୁଆମୁଣ୍ଡା ଗ୍ରାମର ୪ ଜଣ ଏବଂ ସୁଦୂର ଛତିଶଗଡ ରାଜ୍ୟର ୫ ଜଣ ବୋଲି ଜଣାପଡିଛି । ସୂଚନା ଅନୁସାରେ, ବେଆଇନ ଭାବେ ଦାଦନ ଚାଲାଣ ହେଉଥିବା ବେଲପଡା ଥାନାଧିକାରୀ ଅନନ୍ତ ପଧାନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ପୋଲିସ ଟିମ୍ ସହ ଡୁଙ୍ଗରିଗୁଡା ବସ୍‌ଷ୍ଟାଣ୍ଡ ଠାରେ ଆତର୍କିତ ଭାବେ ଚଢ଼ଉ କରି ୬ ଜଣ ଶିଶୁ ସମେତ ୧୪ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ଦାଦନ ସର୍ଦ୍ଦାର ରନ୍ ବାଗଙ୍କୁ ମଧ୍ୟ ଗିରଫ କରିବାରେ ସଫଳ ହୋଇଥିଲେ । ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରି ବେଲପଡା ଥାନାକୁ ଅଣାଯାଇଥିବା ବେଳେ ସେମାନଙ୍କୁ ପଚରାଉଚରା ପରେ ବେଲପଡା ଥାନା ଡୁଙ୍ଗରିଗୁଡା ଗ୍ରାମର ଦାଦନ ସର୍ଦ୍ଦାର ରନ୍ ବାଗ ସେମାନଙ୍କୁ ପ୍ରଥମେ କଂଟାବାଞ୍ଜି ଓ ପରେ କର୍ଣ୍ଣାଟକ ରାଜ୍ୟ ଅନ୍ତର୍ଗତ ବାଙ୍ଗାଲୁର ସିଟିକୁ ଇଟା ଭାଟିରେ କାମ କରେଇବା ପାଇଁ ବେଆଇନ ଭାବେ ଚାଲାଣ କରୁଥିବା ଜଣାପଡିଥିଲା । ବେଆଇନ ଦାଦନ ଚାଲାଣ କରୁଥିବା ନେଇ ବେଲପଡା ଥାନା କେସ୍ ନଂ ୨୬୫/୨୦୨୪ରେ ଭାରତୀୟ ପେନାଲ କୋର୍ଡ ଧାରା ୧୪୩/୧୪୫/୩୧୮(୨) ବିଏନ୍‌ଏସ୍ ୨୫ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ ଅନୁଯାୟୀ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସମସ୍ତ ଶ୍ରମିକଙ୍କୁ ନିଜ ନିଜ ଘରକୁ ପଠାଇ ଦେଇଥିବା ବେଳେ କେସ୍‌କୁ ନେଇ ଅଧିକ ତଦନ୍ତ ଚାଲିଥିବା ବେଲପଡା ଥାନା ଅଧିକାରୀ ଅନନ୍ତ ପଧାନ ପ୍ରକାଶ କରିଛନ୍ତି ।

# ଡକାୟତି ଯୋଜନା ପଣ୍ଡ : ୩ ଗିରଫ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଆଉ ଛୋଟଛୋଟ ନୁହେଁ, ଥରେ ହାତ ମାରିଦେଲେ ଯେମିତି ଭାଗରେ ଲକ୍ଷଲକ୍ଷ ଟଙ୍କା ପଡ଼ିବ ସେଥିପାଇଁ ବାଟହୁଡା ବେକାର ଯୁବକ ପ୍ରସ୍ତୁତି କରୁଥିବା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ରାତି ସାଢ଼େ ଗୋଟାଏ ବେଳେ କେତେକ ଅସାମାଜିକ ଯୁବଗୋଷ୍ଠୀ କୌଣସି ଷଡ଼ଯନ୍ତ୍ର କରୁଥିବା ନେଇ ବରେଇପାଲି ଥାନା ପୋଲିସ ଜାଣିବାକୁ ପାଇଥିଲା । ଥାନାର ରାତ୍ରୀକାଳୀନ ପାଟ୍ରୋଲିଙ୍ଗ୍ ସ୍କ୍ୱାର୍ଡ ବାଲାଜୀ ଆବାସ ଯୋଜନା ଆପାର୍ଟମେଣ୍ଟ ସନ୍ନିକଟ ପଡ଼ିଆରେ ଅଚାନକ ଚଢ଼ାଉ କରିଥିଲା । ପୋଲିସ ଗାଡ଼ିକୁ ଦେଖି ଘଟଣା ସ୍ଥଳରୁ ଦୁଇଜଣ ଚମ୍ପଟ ମାରିଥିବା ବେଳେ ଅନ୍ୟ ତିନିଜଣଙ୍କୁ ପୋଲିସ୍ ଧରିବାରେ ସକ୍ଷମ ହୋଇଥିଲା । ଏନେଇ ବରେଇପାଲି ଥାନାରେ ପୋଲିସ ୧୭୮/୨୪ରେ ଏକ ମାମଲା ରୁଜୁ କରିଛି । ଘଟଣା ସ୍ଥଳରୁ ପୋଲିସ ଡକାୟତି ଯୋଜନା କରିବା ଅଭିଯୋଗରେ ଗୋପାଳପାଲ୍ଲୀର ମନୀଷ ସାହୁ (୨୮), ଆକାଶ ପ୍ରଧାନ (୨୯) ଓ ଧନୁପାଲି ଥାନା ଅର୍ନ୍ତଗତ ଗୋବିନ୍ଦଟୋଳା ଅଞ୍ଚଳର ଚିନ୍ମୟ କୁମାର ଦାଶ (୨୭)କୁ ଗିରଫ କରିଛି । ଏଥିସହ ଘଟଣା ସ୍ଥଳରୁ ଏକ ବାଇକ୍, ଖାଲି ରୟାଲ ଷ୍ଟାଗ୍ ମଦ ବୋତଲ ଦୁଇଟି, ୟୁଜ୍ ଆଣ୍ଡ ଥ୍ରୋ ପ୍ଲାଷ୍ଟିକ ଗ୍ଲାସ୍ ୫ଟି, ଲିଟିରିକିଆ ପାଣି ବୋତଲ ଜବତ କରିଥିବା ବେଳେ ଅଧାପୋଡ଼ା ୮/୧୦ଟି ବିଡ଼ି ମଧ୍ୟ ପଡିଥିବା ଦେଖିବାକୁ ମିଳିଥିଲା । ପୋଲିସ ଆଜି ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବେଶ୍ ତନାଘନା ଆରମ୍ଭ କରିଛି ।

# ଜରାଜୀର୍ଣ୍ଣ ଅବସ୍ଥାରେ ୨୦୮ ବର୍ଷ ତଳର ରାଜଘାଟ ପୋଲ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

୧୮୧୬ ମସିହାରେ ନିର୍ମିତ ଭଦ୍ରକର ବ୍ରିଟିଶ ସମୟର ରାଜଘାଟ ପୋଲ ଏବେ ଜନସାଧାରଣଙ୍କ ପାଇଁ ବିପଦ ସଂକୁଳ ହୋଇପଡ଼ିଛି । କେତେବେଳେ କେଉଁ ସମୟରେ ଏହା ଯେ ଭୁଶୁଡି ପଡ଼ିବ, ତାହା ସମୟ କହିବ । କିନ୍ତୁ ଏଭଳି ଏକ ମରଣଯନ୍ତା ପାଲଟିଥିବା ଏହି ପୋଲ ଏବେ ଜିଲ୍ଲା ପ୍ରଶାସନର ଦୃଷ୍ଟିରେ ଥାଇ ମଧ୍ୟ ନିଷେଧାଦେଶ ଜାରିନହେବା ବୁଦ୍ଧିଜୀବୀ ମହଲରେ ଭୃକୁଞ୍ଚନ ସୃଷ୍ଟି କରିଛି । ପ୍ରାୟ ୨୦୮ବର୍ଷ ତଳେ ସାଳନ୍ଦୀ ନଦୀ ଉପରେ ବ୍ରିଟିଶ ଅମଳର ଭଦ୍ରକ ରାଜଘାଟ ପୋଲକୁ ମରାମତି ନହେବାରୁ ଏହା ଜରାଜୀର୍ଣ୍ଣ ହୋଇ ଭୁଶୁଡିବାକୁ ବସିଛି । ୧୮୧୬ ମସିହାରେ ନିର୍ମିତ ଏହି ପୋଲର ଫଳକ ଏବେ ବି ସୁରକ୍ଷିତ । ସେତେବେଳର ବଡ଼ କମ୍ପାନି ବ୍ରାଇଟ ବିଲଡର ପକ୍ଷରୁ ଏହି ପୋଲ ନିର୍ମିତ ହୋଇଥିବା ସୂଚନା ଫଳକ ଦର୍ଶାଉଛି । ବ୍ରିଟଶ ଅମଳର ଏହି ପୋଲର କାର୍ଯ୍ୟ ଖୁବ୍ ସଶକ୍ତ ଓ ଆକର୍ଷଣୀୟ । ପ୍ରାଚୀନ ଲୁହାରେ ନିର୍ମିତ ଏହି ପୋଲ ଏବେ ଭାରି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । କେଉଁ ମୁହୂର୍ତ୍ତରେ ସାଳନ୍ଦୀ ନଦୀକୁ ନଭୁଶୁଡ଼ିବ ତା'କେହି କହିପାଇବ ନାହିଁ । ଏକ ପୋଲ ଭୁଶୁଡ଼ିବା ଦ୍ୱାରା ଐତିହାସିକ ପୋଲଟି ଖାଲି ନିଶ୍ଚିହ୍ନ ହେବନି ବରଂ ଅଘଟଣ ଘଟି ଅନେକ ଜୀବନ ମଧ୍ୟ ଉଜୁଡ଼ି ପଡ଼ିବ । ଭଦ୍ରକ ପୂର୍ତ୍ତ ବିଭାଗର ନିରବତା ଓ ଜିଲ୍ଲା ପ୍ରଶାସନର ଦୂରଦୃଷ୍ଟି ଅଭାବ ଯୋଗୁଁ ଏହି ଐତିହାସିକ ପୋଲଟିର ଅବସ୍ଥା ଶୋଚନୀୟ ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ, ଇଷ୍ଟ ଇଣ୍ଡିଆ କମ୍ପାନି ସମୟରେ ନିର୍ମିତ ଏହି ସର୍ବପୁରାତନ ଐତିହାସିକ ପୋଲର ମରାମତି କରି ରଖାଯିବାକୁ ବହୁ ବୁଦ୍ଧିଜୀବୀ ଦାବି କରି ଆସୁଛନ୍ତି । ତେବେ ପୂର୍ତ୍ତ ବିଭାଗର ନିଦ କିନ୍ତୁ ଭାଙ୍ଗୁନାହିଁ । ଫଳରେ ଏହି ରାଜଘାଟ ପୋଲ ଏବେ ଦୋହଲୁଛି । ଏହି ପୋଲ ବିପଦସଂକୁଳ ବୋଲି ପ୍ରଶାସନ ପକ୍ଷରୁ ସତର୍କତା ଜାରି କରାଯାଇଛି । ସ୍ୱତନ୍ତ୍ର ନୋଟିସ୍ ମରାଯାଇଛି । ବିପଦପୂର୍ଣ୍ଣ ପୋଲରେ ଯାତାୟାତ ନିଷେଧ ବୋଲି ବାରଣ କରାଯାଇଛି, ତଥାପି ଲୋକେ ଯାତାୟତ କରୁଛନ୍ତି । କିନ୍ତୁ କେହି କଟକଣାକୁ ଖାତିର କରୁନାହାନ୍ତି । ପୁରୁଣା ପୋଲ ଦୁର୍ବଳ ଓ ସଙ୍କୁଚିତ ପୋଲକୁ ଲଗାଇ ଆଉ ଏକ ଓସାରିଆ ନୂଆ ପୋଲର ଆବଶ୍ୟକତା ପଡ଼ିଲା । ସହରର ଜନସଂଖ୍ୟା ବୃଦ୍ଧି ଯୋଗୁ ରାଜଘାଟ ପୋଲ ନିର୍ମାଣ ହେଲା । ୨୦ ବର୍ଷର ଏହି ନୂତନ ଚଉଡ଼ା ପୋଲରେ ଦେଇ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ଯାତାୟାତ ହେଉଛି । ଗାଡ଼ି ମୋଟର ସମେତ ରାତି ବେଳା ଭାରୀଯାନ ବି ଗତି କରୁଛି । ହେଲେ ତା ପାର୍ଶ୍ୱରେ ଥିବା ପୁରୁଣା ରାଜଘାଟ ପୋଲ କଥା ପ୍ରଶାସନ କେବଳ ସତର୍କ ନୋଟିସ ଲଗାଇ ଭୁଲିଯାଇଛି । ଅନେକ ଲୋକେ ବହୁ ସମୟରେ ବାଧ୍ୟ ହୋଇ ପୁରୁଣା ପୋଲ ଦେଇ ଯାଉଛନ୍ତି । ଏହି ସମୟରେ ପୁରୁଣା ପୋଲରେ ଭିଡ଼ ବଢୁଛି । ନୂଆ ପୋଲରେ ଟ୍ରଲି ରିକ୍ସା ଭଳି ଯାନ ଯିବା କଷ୍ଟକର ହେଉଛି । ଅତିରିକ୍ତ ଉଚ୍ଚା ଯୋଗୁଁ ଟ୍ରଲି ଓ ରିକ୍ସା ଯିବା ସହଜ ହେଉନି । ଫଳରେ ଟ୍ରଲି ଓ ରିକ୍ସା ବାଲା ସବୁବେଳେ ପୁରୁଣା ପୋଲ ବ୍ୟବହାର କରୁଛନ୍ତି । ଏଥିସହିତ ବାଇକ ଚାଳକ ବି ଏହି ପୋଲରେ ଗତି କରୁଛନ୍ତି । ଏବେ ପୋଲ ଉପର ଖାଲକମା ଭର୍ତ୍ତି ହୋଇଛି । ପୁରୁଣା ରାଜଘାଟ ପୋଲ ତଳ ଅଂଶ ସାଳନ୍ଦୀ ନଦୀର ପ୍ରଖର ଜଳ ସ୍ରୋତରେ ନଷ୍ଟ ହେବାକୁ ବସିଛି । ଲୁହା ବିମ ବିପଦଜନକ ଅବସ୍ଥାରେ ପିଲାର ବାରଣ ସତ୍ତ୍ୱେ ଯାତାୟାତ ମରାମତି କରି ଐତିହ୍ୟକୁ ସୁରକ୍ଷା ଦାବି ସବୁ କଳଙ୍କି ଧରି ନଷ୍ଟ ହୋଇଯାଇଛି । ମୂଳ ହୁଗୁଳା ରହିଛି । ଏହି ବ୍ରିଜ ଉପରେ ସାମାନ୍ୟ ବାଇକ୍ ଓ ରିକ୍ସା ସହ କିଛି ବାଇକ ଗଲେ ପୋଲଟି ଦୋହଲୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ପୋଲର ମରାମତି କରିବା ତ ଦୂରର କଥା, ଓଲଟି ଏହି ପୋଲ ଉପରେ ଓ ଦୁଇକଡ଼ରେ ମୋଟା ମୋଟା ପାଇପ୍ ଲାଇନ୍ ବିଛା ଯାଇ ଏହି ଦୋହୁଲୁ ଥିବା ଜରାଜୀର୍ଣ୍ଣ ପୋଲକୁ ଅଧିକ ଭାରକ୍ରାନ୍ତ କରାଯାଉଛି । ପ୍ରଶାସନର ଦୂରଦୃଷ୍ଟି ଅଭାବର ସୁଯୋଗ ନେଇ ପୂର୍ତ୍ତ ବିଭାଗ ଏହି ବ୍ରିଟିଶ ଅମଳର ଐତିହାସିକ ରାଜଘାଟ ପୋଲକୁ ଶହୀଦ କରିବାକୁ ଉଦ୍ୟମରତ ବୋଲି ଉପରୋକ୍ତ ଘଟଣାରୁ ସ୍ୱତଃ ପ୍ରମାଣିତ ହେଉଛି । ଏଦିଗରେ ରାଜ୍ୟ ସରକାରଙ୍କ ଶୁଭଦୃଷ୍ଟି ପଡ଼ିବାକୁ ବୁଦ୍ଧିଜୀବୀମାନେ ନିବେଦନ କରିଛନ୍ତି ।

# ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା : ପ୍ରତାରକ ଯୁବକ ଗଲା ଜେଲ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର,୧୬/୦୯: ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେଲା । ଯୁବତୀଙ୍କ ସହ ଶାରୀରିକ ସଂପର୍କ ରଖିଲା । ଯୁବତୀଙ୍କ ନାଁରେ ଲୋନ୍ କରି ଏସି, ଫ୍ରିଜ୍, ଟିଭି ଓ ମୋବାଇଲ ନେଇଗଲା । ଶେଷରେ ଅଧିକ ଟଙ୍କା ଲୋନ୍ କରିବାକୁ ବାଧ କରି ମାଡ଼ ମାରିଲା । ଏଭଳି ଜଣେ ପ୍ରତାରକକୁ ବାନ୍ଧିଛି ଭୁବନେଶ୍ୱର ମହିଳା ଥାନା ପୁଲିସ । ତାଙ୍କ ନାମ ସୁଧୀର ବେହୁରା (୨୫) । ଘର କଟକ ନିଆଳି । ସେ ପୁରୀ ବାଇପାସ୍‌ର ପାଣ୍ଡରାରେ ରହୁଥିଲେ । ପୁଲିସ ସୂଚନା ଅନୁଯାୟୀ, ପୀଡ଼ିତା ୨୦୨୨ ମସିହାରେ ସହିଦ ନଗରରେ ଏକ ମଲ୍‌ରେ କାମ କରୁଥିବା ବେଳେ ସୁଧୀର ସହ ଭେଟ ହୋଇଥିଲା । ପ୍ରଥମ ଦେଖାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା । ପରେ ସୁଧୀର ପୀଡ଼ିତାଙ୍କୁ ବିବାହ କରିବାକୁ ତାଙ୍କ ମା'ଙ୍କୁ ପ୍ରସ୍ତାବ ଦେଇଥିଲା । ପରେ ଗତ ଏପ୍ରିଲ ୧ ତାରିଖରୁ ସେ ପୀଡ଼ିତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ସାଙ୍ଗରେ ଆଣି ଆସିଥିଲେ । ପାଣ୍ଡରାରେ ଏକ ଘର ଭଡ଼ା ନେଇ ଉଭୟ ପତିପତ୍ନୀର ପରିଚୟ ଦେଇ ରହୁଥିଲେ । ସେଠାରେ ସୁଧୀର ପୀଡ଼ିତାଙ୍କ ସହ ଇଚ୍ଛା ବିରୋଧରେ ଶାରୀରିକ ସଂପର୍କ ରଖିଥିଲା । ଏହାପରେ ସେ ପୀଡ଼ିତାଙ୍କ ନାମରେ ଲୋନ୍ କରି ଏସି, ଫ୍ରିଜ, ଟିଭି ଓ ଦାମୀ ମୋବାଇଲ ଆଦି ନେଇଥିଲା । କିଛିଦିନ ପରେ ସେ ପୁଣି ଲୋନ୍ କରି ଟଙ୍କା ଆଣିବାକୁ କହିଥିଲା । ପୀଡ଼ିତା ମନା କରିବାରୁ ସୁଧୀର ତାଙ୍କୁ ମାଡ଼ ମାରିଥିଲା । ସୁଧୀର ଏପରି ଅନେକ ଲୋକଙ୍କ ଠାରୁ ଋଣ କରିଥିବା ପୀଡ଼ିତା ଜାଣିବାକୁ ପାଇଥିଲେ । ଏ ନେଇ ସୁଧୀରଙ୍କୁ ସେ ପଚାରିବାରୁ ସୁଧୀର ତାଙ୍କୁ ପୁଣି ମାଡ଼ ମାରିବା ସହ ତାଙ୍କ ମା'ଙ୍କୁ ମଧ୍ୟ ଗାଳିଗୁଲଜ କରି ମାଡ଼ ମାରିଥିଲା । ପୀଡ଼ିତା ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ସୁଧୀରଙ୍କୁ ଗିରଫ କରିଥିଲା । ଅପରାହ୍ନରେ ସୁଧୀରଙ୍କୁ ଅଦାଲତ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି ।

# ଆକ୍ରମଣ ମାମଲା : ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଦଳି ଆମ୍ବଗୁଡା ଗ୍ରାମର ହରି ପରଜା (୪୮) । ପୋଲିସ ସୂଚନା ଅନୁଯାୟୀ, ଗତ ୧୫.୯.୨୪ ମହାଳିଆପୁଟର ମନୋରଞ୍ଜନ ପାଣିଗ୍ରାହୀ (୫୦) ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଥିଲେ ଯେ ସହଯୋଗୀ ଖଗେଶ୍ୱର ପରଜା ସହ ଜୟପୁରରୁ ମହାଳିଆପୁଟ ଯିବା ସମୟରେ ଦଳିଗୁଡ଼ା ବ୍ରିଜ୍ ନିକଟରେ ଆକ୍ରମଣ କରିଥିଲା । ଫଳରେ ମନୋରଞ୍ଜନ ଦୌଡିଥିବା ବେଳେ ଅଭିଯୁକ୍ତ ହରି ହତ୍ୟା କରିବାକୁ ପିଛା କରି ତଳେ ପକାଇ ମାଡ଼ ମାରିଥିଲା । ଖଣ୍ଡାରେ ଆକ୍ରମଣ କରିବା ସମୟରେ ଖଗେଶ୍ୱର ରକ୍ଷା କରିଥିଲା । ଏନେଇ ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି ଖଣ୍ଡାକୁ ଜବତ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇ ଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ପ୍ରଥମ ସ୍ତ୍ରୀକୁ ନିର୍ଯାତନା : ମହିଳା ଥାନାରେ ଅଭିଯୋଗ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରଥମ ସ୍ତ୍ରୀକୁ ନିର୍ଯ୍ୟାତନା ଦେଇ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୋଲିସ ସୂଚନା ଅନୁଯାୟୀ ବିସିଂପୁର ଥାନା ଅନ୍ତର୍ଗତ ଯୋଡାପୁଟ ମିନୁ ହରିଜନ ଗତ ୫ ବର୍ଷ ତଳେ କଣା ଗାଁର ବୁଦ୍ଧୁ ହରିଜନକୁ ବିବାହ କରିଥିଲେ । ବର୍ତ୍ତମାନ ସ୍ୱାମୀ ପ୍ରଥମ ସ୍ତ୍ରୀକୁ ନିର୍ଯାତନା ଦେଇ ଘରୁ ବାହାର କରି ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି ।

## 'ସୁବର୍ଣ୍ଣଦୀପ'ର ନୂଆଁଖାଇ ସଂଖ୍ୟା ଲୋକାର୍ପିତ

# ୩୦ରୁ ଉର୍ଦ୍ଧ୍ୱ ଲେଖକ ଲେଖିକାଙ୍କୁ ନୂଆଁଖାଇ ସମ୍ମାନ ପ୍ରଦାନ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଜିଲ୍ଲାର ଅଗ୍ରଣୀ ଯୁଗୋପଯୋଗୀ 'ସୁବର୍ଣ୍ଣ ଦୀପ' ଶିଶୁ କିଶୋର ପତ୍ରିକା ଆନୁକୂଲ୍ୟରେ ଶିଶୁ ଲେଖିକା ଲେଖକଙ୍କ ସମ୍ମିଳନୀ ଅନୁଷ୍ଠିତ ହେବା ସହ ବରଗଡ଼ ସମେତ ବିଭିନ୍ନ ଜିଲ୍ଲାର ୩୦ରୁ ଉର୍ଦ୍ଧ୍ୱ ଲେଖକ ଲେଖିକାଙ୍କୁ ନୂଆଁ ଖାଇ ସମ୍ମାନ ୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି । 'ସୁବର୍ଣ୍ଣ ଦୀପ' ଶିଶୁ ସାହିତ୍ୟ ପତ୍ରିକାର ସଂପାଦକ ସାମ୍ବାଦିକ ପ୍ରଦୀପ୍ତ ଭାନୁ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ନିରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିବା ସହ 'ସୁବର୍ଣ୍ଣ ଦୀପ' ଶିଶୁ ସାହିତ୍ୟ ପତ୍ରିକା ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରକାଶିତ ହୋଇ ଆସିବା ଓ ୩୦ରୁ ଉର୍ଦ୍ଧ୍ୱ ଲେଖିକା ଲେଖକଙ୍କୁ ସମ୍ବର୍ଦ୍ଧିତ କରିବା ବରଗଡ଼ ଜିଲ୍ଲା ପାଇଁ ଗୌରବର ବିଷୟ ବୋଲି ଅଭିହିତ କରିଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟକ ମନୋରଞ୍ଜନ ମେହେର ଯୋଗ ଦେଇ ଲେଖକ ଲେଖିକାଙ୍କୁ ସମ୍ବର୍ଦ୍ଧିତ କରିବାରେ ଆହୁରି ଅଧିକରୁ ଅଧିକ ଶିଶୁ ସାହିତ୍ୟ ସୃଷ୍ଟିରେ ସହାୟକ ହେବ ବୋଲି ଉଲ୍ଲେଖ କରିଥିଲେ । ସହ ସମ୍ପାଦକ ଅଧାପକ ନବକୃଷ୍ଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସୁବର୍ଣ୍ଣ ଦୀପ'ର ନୂଆଁଖାଇ ସଂଖ୍ୟାକୁ ଅତିଥି ଗଣ ଲୋକାର୍ପିତ କରିଥିଲେ । ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କୁମାର ସାହୁ, କେନ୍ଦ୍ରୀୟ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ମିଶ୍ର ଯାଦବ ସମାଜ ସଭାପତି ପ୍ରଦୀପ ଥୱା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରୋଷନ ମେହେରଙ୍କ ସମେତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଖଜୁର ଟିକ୍ରା ସ୍କୁଲର ପ୍ରଜ୍ଞା ପରାମିତା ମାଝୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ଅରବିନ୍ଦ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକ ମହିଳା ମହାବିଦ୍ୟାଳୟକୁ ନିଜସ୍ୱ ଜମି ଯୋଗାଣ ପାଇଁ ଦାବି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୧୯୮୦ମସିହାରୁ ପ୍ରତିଷ୍ଠିତ ଭଦ୍ରକ ମହିଳା ମହାବିଦ୍ୟାଳୟର ନିଜସ୍ୱ ଜମି ନାହିଁ । ଭଦ୍ରକର ତତ୍‌କାଳୀନ ବିଧାୟକ ତଥା ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ସଂଖ୍ୟାଲଘୁ ବହୁଳ ଭଦ୍ରକ ସହରର ମୁସଲିମ ମହିଳାଙ୍କୁ ଉଚ୍ଚଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି କଲେଜଟିକୁ ନିଜ ଉଦ୍ୟମରେ ସ୍ଥାପନ କରିଥିଲେ । ପୂର୍ବ ଓ ଏବେକାର ସରକାର ସମସ୍ତ ସ୍କୁଲ ଓ କଲେଜର ନିଜସ୍ୱ ଜମି ପ୍ରଦାନ ପାଇଁ ଗୁରୁତ୍ୱ ଦେଇଛନ୍ତି । ତେବେ ଏହି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିଚାଳନା କମିଟିର ଚରମ ଅବହେଳା ଯୋଗୁଁ ଏହା ମଧ୍ୟରେ ୪୪ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କଲେଜର ନିଜସ୍ୱ ଜମି ନାହିଁ । ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟର ନିୟମାନୁଯାୟୀ ଯୁକ୍ତ ୨ ଓ ଯୁକ୍ତ ୩ ଉଭୟ ଶ୍ରେଣୀ ପାଇଁ ସର୍ବନିମ୍ନ ଯଥାକ୍ରମେ ୩ଏକର ଓ ୫ଏକର ଭୂମି ମିଶି ୮ଏକର ଜମି କଲେଜ ନାମରେ ନାମିତ ହେବା ପାଇଁ ନିର୍ଦ୍ଦେଶ ରହିଛି । ଏହି ମହାବିଦ୍ୟାଳୟଟି ଭଦ୍ରକର ପ୍ରସିଦ୍ଧ ସଦାବର୍ତ୍ତ ମଠର ସମ୍ପତ୍ତି ଓ ଅଳ୍ପକିଛି ସରକାରୀ ଜାଗାରେ ପ୍ରତିଷ୍ଠିତ ହୋଇଛି । କଲେଜର ସମ୍ମୁଖ ଭାଗ(ଦକ୍ଷିଣ ପାର୍ଶ୍ୱ) ଓ ପୂର୍ବ ଭାଗରେ ଅବଶିଷ୍ଟ ଯେଉଁ ସରକାରୀ ଜମି ରହିଛି ତାହାକୁ ମାପଚୁପ୍ କରାଯାଇ କଲେଜକୁ ପ୍ରଦାନ କରିବାରେ କୌଣସି ଅସୁବିଧା ନାହିଁ ବୋଲି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି । ଏବେକାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜମି ନଥିବା କଲେଜଗୁଡ଼ିକୁ ସରକାରୀ ଜମି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି । ଏହି ମହାବିଦ୍ୟାଳୟର




ଅଧ୍ୟକ୍ଷ ନୀଳଗିରି ରବି ସାହୁଙ୍କ ସୂଚନାନୁଯାୟୀ ଗତ ୩୧.୮.୨୪ତାରିଖରେ ନୂଆଦିଲ୍ଲୀ କୃଷି ଭବନ କନଫରରେନ୍ସ ହଲ୍‌ରେ ପ୍ରଧାନମନ୍ତ୍ରୀ ଉଚ୍ଚ ଶିକ୍ଷା ଅଭିଯାନ(ପିଏମ୍-ୟୁଏସଏଚ୍‌ଏ) ନୂଆ ଶିକ୍ଷା ଯୋଜନା-୨୦୨୦ରେ ବୁଝାମଣା ପତ୍ର(ଏମଓୟୁ)ହୋଇଥିଲା । ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷା ସଚିବ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷା ସଚିବ ପ୍ରମୁଖ ଯୋଗଦେଇଥିଲେ । ଓଡ଼ିଶାର ୨୭ଟି କଲେଜକୁ ଆର୍ଥିକ ଅନୁଦାନ ବ୍ୟବସ୍ଥାରେ ସାମିଲ କରାଯାଇଥିଲା । ସେହି ୨୭ଟି କଲେଜ ମଧ୍ୟରୁ ଭଦ୍ରକ ମହିଳା ମହାବିଦ୍ୟାଳୟଟି ୧ନମ୍ବର ସିରିଏଲ୍‌ରେ ରହିଥିବା ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ଆର୍ଥିକ ଅନୁଦାନ ଖୁବ୍ ଶୀଘ୍ର ମିଳିବ ବୋଲି ଅଧ୍ୟକ୍ଷ ଶ୍ରୀ ସାହୁ ସୂଚନା ଦେଇଛନ୍ତି । ତେବେ ନିଜସ୍ୱ ଜମି ନଥିବାରୁ ସରକାରୀ ମଞ୍ଜୁର ଅନୁଦାନ ବିନିଯୋଗ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରୀ ଜମି ପ୍ରଦାନ ନିମନ୍ତେ ଅଧ୍ୟକ୍ଷ ନୀଳଗିରି ରବି ସାହୁ ଜିଲ୍ଲାପାଳଙ୍କୁ ଏକ ଲିଖିତ ପତ୍ର ଦେଇଛନ୍ତି ।





# ସୁନାର କେନ୍ଦୁଝର ଗଠନ ପାଇଁ ନିଆଯିବ ପଦକ୍ଷେପ:ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଆସି କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲାଇଫ୍ ସେଭର୍ସ ଗ୍ରୁପ୍ ଟ୍ରଷ୍ଟର ତୃତୀୟ ବାର୍ଷିକୀ ଉତ୍ସବରେ ଯୋଗଦେଇ କେନ୍ଦୁଝରର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ସହ ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର ଓଡ଼ିଶା ପାଇଁ ଏକ ବରଦାନ ହେଲେ ମଧ୍ୟ ଏହାର ବିକାଶ ଆଗକୁ ବଢ଼ି ନାହିଁ ଏବଂ କେନ୍ଦୁଝର ଦାରିଦ୍ର୍ୟ ମଧ୍ୟରେ ଅଛି। ତେଣୁ ବର୍ତ୍ତମାନ କେନ୍ଦୁଝରର ବିକାଶକୁ ଆଗେଇ ନିଆଯିବ ଏବଂ ସୁନାର କେନ୍ଦୁଝର ଗଠନ ପାଇଁ ସମସ୍ତ ପଦକ୍ଷେପ ନିଆଯିବ । କେନ୍ଦୁଝରର ବିକାଶ ମୋ ଫୋକସ୍‌ରେ ଅଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। କେନ୍ଦୁଝରର ବିକାଶ ପାଇଁ ନିୟମିତ ସମୀକ୍ଷା ହେଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦୁଝରରେ ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି ଏବଂ ଏହା ନିଶ୍ଚୟ ପ୍ରତିଷ୍ଠା ହେବ ବୋଲି ସେ କହିଥିଲେ। ସେହିଭଳି ଜିଲ୍ଲା ହେଡକ୍ୱାର୍ଟର୍ସ ସ୍ଥିତ ସେଲ୍ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦୁଝର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ଅନେକ ବିକାଶ ମୂଳକ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନିକଟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଉଦ୍‌ଘାଟନ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବ୍ରହ୍ମପୁର- ଟାଟା ନଗର ବନ୍ଦେ ଭାରତ ଏକ୍ସପ୍ରେସ୍ କେନ୍ଦୁଝର ଦେଇ ଯାଉଛି। ମୁଖ୍ୟମନ୍ତ୍ରୀ କେନ୍ଦୁଝରର ସମାଜ ସେବା ଅନୁଷ୍ଠାନ ଲାଇଫ୍ ସେଭର୍ସ ଗ୍ରୁପ୍‌ର ପ୍ରଶଂସା କରି କହିଥିଲେ ଯେ ସମାଜ ପ୍ରତି ଆପଣମାନଙ୍କ ଯେଉଁଭଳି ଅବଦାନ ରହିଛି, ତାହା ନିଶ୍ଚିତ ଭାବରେ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ। ଏଭଳି ସାମାଜିକ ମୂଲ୍ୟବୋଧ ଯଦି ଓଡ଼ିଶାର ପ୍ରତ୍ୟେକ ସହର, ପ୍ରତ୍ୟେକ ଗାଁରେ ସୃଷ୍ଟି ହେବ, ତେବେ ଆମେ ନିଶ୍ଚୟ ଏକ ଆଦର୍ଶ ସମାଜ ଗଠନ କରିପାରିବୁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ସାମାଜିକ ସଂଗଠନ, ୧୦ ହଜାର ୟୁନିଟ୍‌ରୁ ଅଧିକା ରକ୍ତଦାନ କରି ଆବଶ୍ୟକ କରୁଥିବା ଲୋକଙ୍କୁ ଯୋଗାଇ ଦେଇଛି। ପ୍ରତି ବର୍ଷ ଆପଣମାନେ ୩ ରୁ ୪ଟି ରକ୍ତଦାନ ଶିବିର ଅନୁଷ୍ଠିତ କରି ଜିଲ୍ଲାରେ ରକ୍ତର ଅଭାବକୁ ପୂରଣ କରିବାର ପ୍ରଚେଷ୍ଟା କରୁଛନ୍ତି। ଏହା ବାସ୍ତବରେ ବହୁତ ପୂଣ୍ୟର କାମ। ସେ ପୁଣି କହିଥିଲେ ଯେ ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାର ଅନୁଭବ ଆମର ଉଚ୍ଚ ମାନବୀୟ ମୂଲ୍ୟବୋଧର ପରିଚୟ ପ୍ରଦାନ କରେ। ଏହି ପରିଚୟ ଆମକୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରେ। ଆମର ମୂଳ ଲକ୍ଷ୍ୟ ହେଉଛି ରକ୍ତ ଅଭାବରୁ କୌଣସି ଜୀବନ ଅସମୟରେ ଝଡ଼ି ନପଡ଼ୁ। ଏ ଦିଗରେ ଆପଣାମାନଙ୍କର ଉଦ୍ୟମ ଓ ସହଯୋଗ ବାସ୍ତବିକ ପ୍ରଶଂସନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।




# ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ଆଜି ବିପଦରେ:ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳ ତରଫରୁ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଏମ୍‌ସି ମେୟର ସୁଲୋଚନା ଦାସ ଓ ଦଳର ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀ ପ୍ରତି ହୋଇଥିବା ଅମାନବୀୟ ଅତ୍ୟାଚାର ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ଓ ମହିଳା ସୁରକ୍ଷା ବିପଦରେ ଅଛି ବୋଲି ଅଭିଯୋଗ କରିବା ସହ ଏହି ଘଟଣାକୁ ଦୃଢ଼ ପ୍ରତିବାଦ କରିବା ପାଇଁ ବିଜୁ ମହିଳା ଜନତା ଦଳ ତରଫରୁ ଶନିବାର ସକାଳେ, ରାଜ ଭବନ ସମ୍ମୁଖରେ ଏକ ଗଣଧାରଣା ଦିଆଯିବ ବୋଲି ପ୍ରବକ୍ତାମାନେ ସୂଚନା ଦେଇଥିଲେ। ତାଛଡ଼ା, ବିଜେଡ଼ି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିକୁ ଦୋହରାଇଥିଲେ। ସୁଲତା ଦେଓ କହିଥିଲେ, ରାଜ୍ୟରେ ବିଜେପି ସରକାର ହେବା ଦିନଠାରୁ, ରାଜ୍ୟର ଆଇନ୍ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ତଳକୁ ଯିବାରେ ଲାଗିଛି। ଗଭର୍ଣ୍ଣରଙ୍କ ପୁଅଙ୍କ ଦ୍ୱାରା ଏକ ସରକାରୀ ଅଧିକାରୀଙ୍କୁ ମାଡ଼ ମରା ଘଟଣାରେ ସରକାର କୌଣସି ପଦକ୍ଷେପ ନନେବା ରାଜ୍ୟରେ ଆଇନ୍ ଶୃଙ୍ଖଳା ହୁଗୁଳା ହୋଇଯାଇଛି ବୋଲି ସ୍ପଷ୍ଟ ହୋଇଥିଲା। ସେହି ଘଟଣାରେ ରାଜ୍ୟ ସରକାର ଉଚିତ୍ ପଦକ୍ଷେପ ନେଇଥିଲେ, ଆଜି ରାଜ୍ୟରେ ଏଭଳି ଲଜ୍ଜା ଜନକ ଘଟଣା ଦେଖିବାକୁ ମିଳିନଥାନ୍ତା ବୋଲି ଶ୍ରୀମତୀ ଦେଓ କହିଥିଲେ। ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ରାଜ୍ୟରେ ବିଜେପି ସରକାର ଆସିବା ପରେ 'ମୋ ସରକାର'କୁ ହଟାଇ ଦିଆଗଲା । ଯାହାଫଳରେ ପୋଲିସ ପ୍ରଶାସନର ଉତ୍ତର ଦାୟିତ୍ୱ ହଟିଗଲା। ବିଜେପି ସରକାର ୧୦୦ ଦିନ ପୂର୍ତ୍ତିର ଉତ୍ସବ ମନାଇବାରେ ବ୍ୟସ୍ତ ଅଛନ୍ତି। ସେମାନଙ୍କର ମହିଳା ସୁରକ୍ଷା ଉପରେ ନିଘାନାହିଁ। ରାଜ୍ୟର ଏକ ମଡେଲ୍ ପୋଲିସ ଷ୍ଟେସନ୍‌ରେ ଏଭଳି ଜଘନ୍ୟ ଘଟଣା ଘଟୁଛି, ସରକାର ନିଦାବିଷ୍ଟ ସାଜି ବସିଛନ୍ତି। ଓଡ଼ିଆ ଅସ୍ମିତା ନାରା ଦେଇ ସରକାରକୁ ଆସିଥିବା ବିଜେପିର କଣ ପୋଲିସ ଷ୍ଟେସନ୍‌ରେ ମହିଳାଙ୍କୁ ଅତ୍ୟାଚାର କରିବା ଓଡ଼ିଆ ଅସ୍ମିତା କି ବୋଲି ଶ୍ରୀମତୀ ସାମନ୍ତସିଂହାର ପ୍ରଶ୍ନ କରିଥିଲେ। ଦୁଃଖ ଓ ପରିତାପର ବିଷୟ, ରାଜ୍ୟ ସରକାର ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଏହି ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଛନ୍ତି ।



# ଘର ସାମ୍ନାରୁ ଯୁବକକୁ ଘୋଷାରି ମାରିଲା ବଣୁଆ ଦନ୍ତା ହାତୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାମେବାରୀ ଫରେଷ୍ଟ ସେକ୍ସନର ବଡ଼ କାଳିମାଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ପଦ୍ମଚରଣ ମୁଣ୍ଡାଙ୍କ ଘରେ ତାଙ୍କ ସମ୍ପର୍କୀୟ ଭଣଜା ୨୯ ବର୍ଷୀୟ ରାଜେଶ ମୁଣ୍ଡା ବସନ୍ତପୁର ଗ୍ରାମର ଗୋବିନ୍ଦ ମୁଣ୍ଡାଙ୍କ ପୁଅ ରାଜେଶ ଆସି ଦୀର୍ଘଦିନ ହେବ ପଦ୍ମଚରଣ ମୁଣ୍ଡାଙ୍କ ଘରେ ରହି ଘର କାମରେ ସହଯୋଗ କରିଆସୁଥିବା ବେଳେ ଗୁରୁବାର ରାତିରେ ବାହାରକୁ ପରିଶ୍ରା ଯାଇଥିବା ବେଳେ ହଠାତ୍ ଏକ ବଣୁଆ ଦନ୍ତା ହାତୀ ଆସି ସିଧା ଘର ସମ୍ନାରେ ଆସି ଆକ୍ରମଣ କରିଥିଲା । ରାଜେଶକୁ ହାତୀ ଶୁଣ୍ଢରେ ଜାବୁଡ଼ି ଧରି ଅତି ନିର୍ମମ ଭାବେ ଆକ୍ରମଣ କରିବା ସହିତ ଘୋଷାରି ଘୋଷାରି କଚାଡ଼ି ମାରି ଦେଇଥିବା ଅଭିଯୋଗ ହୋଇଛି । ଚିତ୍କାର ଶୁଣି ଘରଲୋକେ ବାହାରକୁ ଆସି ଲାଇଟ୍ ଦେଖାଇ ହାତୀକୁ ଘଉଡାଇଥିଲେ । ଖବରପାଇ ଘଟଣାସ୍ଥଳରେ ବାମେବାରୀ ପୋଲିସ ଓ ବନବିଭାଗ ଅଧିକାରୀ ପହଞ୍ଚିଥିଲେ । ତଦନ୍ତ ପରେ ଶବକୁ ଜବଦ କରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ବିଲ୍ ସବ୍‌ଡିଭିଜନ୍ ଚିକିତ୍ସାଳୟକୁ ପଠାଇବା ସହିତ ଘଟଣା ଉପରେ ଅଧିକ ତଦନ୍ତ ଜାରି ରଖିଛନ୍ତି ।




# ଉତ୍କଳ ଆଲୁମିନାର ବକ୍ସାଇଟ୍ ଖଣିକୁ ମିଶ୍ରିଲାଲ୍ ଜୈନ ପରିବେଶ ପୁରସ୍କାର

**ରାୟଗଡ଼ା/କଳାହାଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନାର ବାଫିଲମାଳି ବକ୍ସାଇଟ୍ ଖଣିକୁ ଫେଡେରେସନ୍ ଅଫ୍ ଇଣ୍ଡିଆନ ମିନେରାଲ୍ ଇଣ୍ଡଷ୍ଟ୍ରିଜ୍ (ଏଫଆଇଏମ୍‌ଆଇ) ଦ୍ୱାରା ୨୦୨୩-୨୪ ବର୍ଷ ପାଇଁ ସମ୍ମାନଜନକ ମିଶ୍ରିଲାଲ ଜୈନ ପରିବେଶ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ଭି.ଏଲ.କାନ୍ତା ରାଓ, ଆଇଏଏସ୍, ସେକ୍ରେଟାରୀ, ଭାରତ ସରକାର, ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ପରିବେଶଗତ ଦୀର୍ଘସ୍ଥାୟିତ୍ୱ ଏବଂ ସମ୍ବେଦୀ ଖଣି କାର୍ଯ୍ୟାଭ୍ୟାସ ପ୍ରତି ବାଫିଲମାଳି ଟିମ୍‌ର ଏକନିଷ୍ଠ ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି। ପରିବେଶଗତ ପ୍ରଭାବକୁ ସର୍ବନିମ୍ନ ସ୍ତରକୁ ଆଣିବା ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ସକାଶେ ବ୍ୟାପକ ଉଦ୍ୟମ ଏହି ଶିଳ୍ପରେ ଏକ ମାନକ ସ୍ଥାପନ କରିଛି। 'ଏହି ସମ୍ମାନ ହାସଲ୍ କରି ଆମେ ଗୌରବାନ୍ୱିତ ମନେ କରୁଛୁ, ଯାହା ପରିବେଶ ସଂରକ୍ଷଣ ଏବଂ ସେହି ସମୟରେ ବକ୍ସାଇଟ୍‌ର ବର୍ଦ୍ଧିତ ଚାହିଦା ପୂରଣ ନିମନ୍ତେ ଆମର ଉତ୍ସର୍ଗୀକୃତ ଭାବକୁ ପ୍ରତିଫଳିତ କରୁଛି। ଏହି ପୁରସ୍କାର ଶ୍ରେୟ ସମୁଦାୟ ଟିମ୍‌ର ଯେଉଁମାନଙ୍କର କଠିନ ପରିଶ୍ରମ ଏବଂ ଆଗ୍ରହ ଆମର ଦୀର୍ଘସ୍ଥାୟୀ ପ୍ରୟାସଗୁଡିକୁ ଆଗେଇ ନେଉଛି,' ବୋଲି ରବି ମିଶ୍ର, ୟୁନିଟ୍ ହେଡ୍, ଉତ୍କଳ ଆଲୁମିନା କହିଛନ୍ତି। ବାଫିଲମାଳି ବକ୍ସାଇଟ୍ ଖଣି ଦୀର୍ଘସ୍ଥାୟୀ ଖଣି କାର୍ଯ୍ୟରେ ଉତ୍କର୍ଷ ନିମନ୍ତେ ନିରନ୍ତର ପ୍ରୟାସ କରୁଛି, ଯାହା ଏକ ସବୁଜ ଭବିଷ୍ୟତ ଦିଗରେ ଉତ୍କଳ ଆଲୁମିନାର ପ୍ରତିବଦ୍ଧତାକୁ ପୁନଃସୁଦୃଢ଼ କରୁଛି।

# ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତରୀ ଶିକ୍ଷାକୁ ସମସ୍ତଙ୍କ ନିମନ୍ତେ ଉପଲବ୍ଧ କରାଯିବ:ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ପରିବାରକୁ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ନିମନ୍ତେ ଡାକ୍ତରୀ ଶିକ୍ଷାକୁ ସମସ୍ତଙ୍କ ନିମନ୍ତେ ଉପଲବ୍ଧ କରିବାକୁ ପଡ଼ିବ ବୋଲି ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଉତ୍ତମ ଡାକ୍ତରୀ ଚିକିତ୍ସା ବର୍ତ୍ତମାନ କେବଳ ବଡ଼ ସହର ମାନଙ୍କରେ ଉପଲବ୍ଧ ଅଟେ ଓ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ପାଇଁ ଏହି ସୁବିଧା ନିମନ୍ତେ ସେମାନଙ୍କୁ ସହରକୁ ଆସିବାକୁ ପଡ଼ିଥାଏ। ତେଣୁ ଅନେକ ପ୍ରାଣହାନୀ ଘଟିଥାଏ। ଏହାର ପରିବର୍ତ୍ତନ ଆବଶ୍ୟକ ବୋଲି ୪ର୍ଥ ବିଶ୍ୱ କମ୍ପ୍ରିହେନ୍‌ସିଭ୍ କ୍ରିଟିକାଲ୍ କେୟାର ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ଶୁକ୍ରବାର ମୁଖ୍ୟଅତିଥି ଭାବେ ଯୋଗଦେଇ ସିଂହଦେଓ ଏହା କହିଛନ୍ତି। ଶ୍ରୀ ସିଂହଦେଓ କହିଥିଲେ ଯେ ଡାକ୍ତରୀ ଶିକ୍ଷା ଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରଛାତ୍ରୀ ମାନଙ୍କୁ ଅନେକ ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ। ତେଣୁ ଶିକ୍ଷା ସମାପ୍ତ ହେବାପରେ ଏହି ଡାକ୍ତରମାନେ ଗ୍ରାମାଞ୍ଚଳରେ ରହି କାର୍ଯ୍ୟ କରିବାକୁ ଇଚ୍ଛା ନକରି ସହରାଭିମୁଖୀ ହୋଇଥାନ୍ତି । ଏହି ପରିସ୍ଥିତିରେ ପରିବର୍ତ୍ତନ ଆଣିବାକୁ ହେଲେ ଡାକ୍ତରୀ ଶିକ୍ଷାକୁ ସମସ୍ତଙ୍କ ନିମନ୍ତେ ଉପଲବ୍ଧ କରିବାକୁ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେ କହିଥିଲେ। ଶ୍ରୀ ସିଂହଦେଓ କହିଥିଲେ ଯେ ଓଡ଼ିଶାରେ ବିଜେପି ସରକାର ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ତୃଣମୂଳ ସ୍ତରରେ ଉନ୍ନତ ଓ ବ୍ୟାପକ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ଅଟନ୍ତି। ଏଥି ନିମନ୍ତେ ଯେ କେହି ସ୍ୱାସ୍ଥ୍ୟ ଶିକ୍ଷା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ସୃଷ୍ଟି କରିବାକୁ ଚାହିଁବେ ସରକାର ସେଥି ନିମନ୍ତେ ସମସ୍ତ ସହଯୋଗ କରିବାକୁ ପ୍ରସ୍ତୁତ। ଗୁରୁବାର ଆରମ୍ଭ ହୋଇଥିବା ଏହି ୪ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀକୁ ସମ୍ ଅଲ୍ଟିମେଟ୍ ମେଡିକେୟାର୍ ପକ୍ଷରୁ ଇଣ୍ଡିଆନ୍ ସୋସାଇଟି ଫର କ୍ରିଟିକାଲ୍ କେୟାର ଫାଉଣ୍ଡେସନ୍ (ଆଇଏସ୍‌ସିସିଏଫ୍) ସହଯୋଗିତାରେ ଆୟୋଜନ କରାଯାଇଛି । ଏହି ସମ୍ମିଳନୀର ମୂଳପ୍ରସଙ୍ଗ ହେଉଛି 'ମଲ୍ଟି ଅର୍ଗାନ୍ ଫେଲ୍ୟୁଅର:ପ୍ରିଭେନ୍‌ସନ୍ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଡିମିଷ୍ଟିଫାଏଡ'। ଏହି ସମ୍ବନ୍ଧରେ ଏକ ପୁସ୍ତକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉନ୍ମୋଚିତ ହୋଇଥିଲା।




# ଚିନ୍ମୟୀ ସାହୁ ମୃତ୍ୟୁ ମାମଲା:ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ୍ ଦାଖଲ

**କଟକ, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କୁ ଜବାବ୍ ମାଗିଲେ ହାଇକୋର୍ଟ । ଭିସୁଟ୍ ଛାତ୍ରୀ ଚିନ୍ମୟୀ ସାହୁ ସନ୍ଦେହଜନକ ମୃତ୍ୟୁ ମାମଲା । ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ । ତଦନ୍ତର ଅଗ୍ରଗତି ନେଇ ଜବାବ ଦାଖଲ କଲେ ରାଜ୍ୟ ସରକାର । ମୃତ୍ୟୁର ସିବିଆଇ ତଦନ୍ତ ପାଇଁ ପିଟିସନ୍ କରିଥିଲେ ଚିନ୍ମୟୀଙ୍କ ପରିବାର । କାହିଁକି ସିବିଆଇ ତଦନ୍ତ ହେବନି ଜବାବ୍ ଦେବାକୁ ନିର୍ଦ୍ଦେଶ । ଆସନ୍ତା ମଙ୍ଗଳବାର ପରବର୍ତ୍ତୀ ଶୁଣାଣି କରିବେ ହାଇକୋର୍ଟ ।

# ୬୫ ଲକ୍ଷ ହଡ଼ପ କରି ପିଇଓଙ୍କ ଫେରାର୍ ଘଟଣାର ତଦନ୍ତ ଆରମ୍ଭ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ବ୍ଲକ ତୁରଡ଼ି ପଞ୍ଚାୟତ ପିଇଓ ସୁରେନ୍ଦ୍ର ଭତ୍ରାଙ୍କ ଦ୍ୱାରା ୬୫ ଲକ୍ଷ ଟଙ୍କା ହଡପ୍ ଓ ଫେରାର୍ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତହସିଲଦାର ରିତୁ ସିଂହଙ୍କ ନେତୃତ୍ୱରେ ବିଡ଼ିଓ ଲକ୍ଷ୍ମୀସାଗର ମାଝୀ, ଏବିଡ଼ିଓ ବିଜୟ କୁମାର ସେଠୀ, ଥାନା ଅଧିକାରୀ ପ୍ରଶାନ୍ତ ସେଠୀ ପ୍ରମୁଖ ପହଞ୍ଚି ପଞ୍ଚାୟତ ଅଫିସର ଆଲମାରି ତାଲା ଭାଙ୍ଗି ଗୁରୁତ୍ୱପୂର୍ଣ୍ଣ ରେକର୍ଡପତ୍ରକୁ ଜବତ କରିଛନ୍ତି। ରେକର୍ଡପତ୍ର ଜବତ କଲା ପ୍ରଶାସନ । ଶୁକ୍ରବାର ଏଠାରେ ନୂତନ ପିଇଓ ଭାବେ ସସ୍ମିତା କରଙ୍କୁ ଦାୟିତ୍ୱ ଦିଆଯାଇଛି। ସୂଚନାଥାଉକି, ୨ ମାସ ତଳେ ପିଇଓ ଶ୍ରୀ ଭତ୍ରା ପଞ୍ଚାୟତର ୬୫ ଲକ୍ଷ ଟଙ୍କା ହଡ଼ପ୍ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବିଡିଓ କାରଣଦର୍ଶାଅ ଓ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ନୋଟିସ୍ ଜାରି କରିବା ସତ୍ତ୍ୱେ ସେ ହାଜର ହୋଇନଥିଲେ। ଏହାପରେ ତାଙ୍କ ସ୍ଥାନରେ ପିଇଓ ସସ୍ମିତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେ କାଗଜପତ୍ର ହସ୍ତାନ୍ତର କରିନଥିଲେ। ଫଳରେ ପଞ୍ଚାୟତର ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଶେଷରେ ଗତ ୪ ତାରିଖରେ ଶ୍ରୀ ଭତ୍ରାଙ୍କ ନାଁରେ ଟଙ୍କା ପ୍ରକ୍ରିୟା ଦେଇ କରିବା କୁହେଇ ଥାନାରେ ବିଡିଓ ଲିଖିତ ଏତଲା ଦେଇଥିଲେ । ପଞ୍ଚାୟତ କାର୍ଯ୍ୟାଳୟରୁ ସମସ୍ତ କାଗଜପତ୍ର ଜବତ କରାଯାଇଛି।



# ୨୦୫୦ ସୁଦ୍ଧା ନେଟ୍ ଜିରୋ କାର୍ବନ୍ ପ୍ରତି ବେଦାନ୍ତ ଆଲୁମିନିୟମ୍‌ର ପ୍ରୟାସ୍

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଭାରତର ବୃହତ ଆଲୁମିନିୟମ୍ ଉତ୍ପାଦକ, ବେଦାନ୍ତ ଆଲୁମିନିୟମ୍, ଭାରତ ସରକାରଙ୍କ ସରଡେଗା-ଭାଲୁମୁଣ୍ଡା ରେଳ ଲାଇନ୍ ସଂଯୋଗୀକରଣ ପ୍ରକଳ୍ପକୁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ କୋଇଲା ପରିବହନକୁ ସୁଗମ କରିବା ଲାଗି କାର୍ଯ୍ୟକାରୀ ହୋଇଛି । ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଦ୍ୱାରା ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଓଡ଼ିଶାର ବେଦାନ୍ତର ଜାମଖାନି ଓ ଘୋଗରପାଲୀ କ୍ୟାପ୍ଟିଭ ଖଣିରୁ ୧୦୦% ରେଳ ଭିତ୍ତିକ କୋଇଲା ଛାଡ଼ିବା ସହିତ ସଡ଼କ ପରିବହନ ପରିବର୍ତ୍ତେ ଏହି ପ୍ରକଳ୍ପ ଅଙ୍ଗାରକାମ୍ଳ ପଦଚିହ୍ନ ଓ କୋଇଲା ଲଜିଷ୍ଟିକସ୍ ବ୍ୟୟକୁ ହ୍ରାସ କରିବ ୩୭ କିମି ବିଶିଷ୍ଟ ରେଳ ଲାଇନ୍ କମ୍ପାନିର କୋଇଲା ଖଣିରୁ କୋଇଲା ପରିବହନକୁ ଶୃଙ୍ଖଳିତ କରିବା ସହ ଦ୍ରୁତ ଲୋଡିଂ ସିଷ୍ଟମ୍ ମାଧ୍ୟମରେ କ୍ରମାଗତ କୋଇଲା ଗୁଣ ଓ ଲଜିଷ୍ଟିକ୍ସକୁ ନିଶ୍ଚିତ କରିବ । ୨୦୫୦ ସୁଦ୍ଧା ଏହାର ନେଟ୍ ଜିରୋ କାର୍ବନ ନିର୍ଗମନ ଲକ୍ଷ୍ୟ ହାସଲ କରିବା ଦିଗରେ କମ୍ପାନିର ବ୍ୟାପକ ରଣନୀତିରେ ଏହି ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଯୋଗାଣ ଶୃଙ୍ଖଳାରେ ଦକ୍ଷତା ବୃଦ୍ଧି, ଯେହେତୁ କମ୍ପାନି ଏକ ସବୁଜ, ଅଧିକ ଉତ୍ସ ଦକ୍ଷ ଭବିଷ୍ୟତ ଦିଗରେ କାର୍ଯ୍ୟ କରୁଛି, ତେଣୁ ଏହି ବିକାଶ ଇନ୍ଧନ ଖର୍ଚ୍ଚ କମ୍ କରିବାରେ ସହାୟତା କରିବ । ଏହି ବିକାଶ ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ ସ୍ଲାଭେନ୍ କହିଛନ୍ତି ଯେ ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଡ୍ରାଇଭିଂ ପାଇଁ ଆମେ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ, ଯାହା ଆମର ଯୋଗାଣ ଶୃଙ୍ଖଳାରେ କାର୍ଯ୍ୟଦକ୍ଷତାକୁ ବହୁଗୁଣିତ କରିବ । ୨୦୫୦ ସୁଦ୍ଧା ନେଟ୍ ଜିରୋ କାର୍ବନ୍ ପ୍ରତି ଆମର ପ୍ରୟାସରେ ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍ ଖୁଣ୍ଟ ହେବ, ସବୁ ଠାରୁ ବଡ଼ କଥା ହେଉଛି ଏହି ଭିତ୍ତିଭୂମି ଆଞ୍ଚଳିକ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବ ଓ ଜାତୀୟ ଶିଳ୍ପକୁ ଉପକୃତ କରିବା ସହ ନିକଟବର୍ତ୍ତୀ ଅଞ୍ଚଳରେ ଆର୍ଥିକ ସୁଯୋଗ ସୃଷ୍ଟି ହେବ । ରେଳଲାଇନ୍ ପ୍ରକଳ୍ପ ସ୍ଥାନୀୟ ଗୋଷ୍ଠୀଙ୍କ ଲାଗି ବିଶେଷ ଭାବରେ ନିର୍ମାଣ ଓ କାର୍ଯ୍ୟକ୍ଷମତା ପର୍ଯ୍ୟାୟରେ ନୂଆ ନିଯୁକ୍ତି ସମ୍ଭାବନା ଆଣିବ । ପରିବହନ ଦକ୍ଷତା ବୃଦ୍ଧି ଓ ଅଧିକ ପୁଞ୍ଜି ନିବେଶକୁ ଆକର୍ଷିତ କରି ଆଞ୍ଚଳିକ ଶିଳ୍ପ ବୃଦ୍ଧିରେ ସହାୟକ ହେବ । ବେଦାନ୍ତ ଆଲୁମିନିୟମ୍‌ର ବାହାରେ ଏହି ପ୍ରକଳ୍ପ ସମଗ୍ର ଅଞ୍ଚଳରେ ବହୁ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ସହ ଅର୍ଥନୈତିକ ବିକାଶରେ ସହାୟକ ହେବ ।



# ସରକାରଙ୍କ ୧୦୦ଦିନ ପୂର୍ତ୍ତି ଉପଲକ୍ଷେ ପ୍ରଗତିର ନୂତନ ସୂର୍ଯ୍ୟୋଦୟ କାର୍ଯ୍ୟକ୍ରମ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

କୁସୁମା ପଡିଆ ଯାଜପୁର ଠାରେ ସରକାରଙ୍କ ୧୦୦ ଦିନ ଉପଲକ୍ଷେ ପ୍ରଗତିର ନୂତନ ସୂର୍ଯ୍ୟୋଦୟ, ୨୦୩୬ ସୁଦ୍ଧା ହେବ । ବିକଶିତ ଓଡ଼ିଶାର ଅଭ୍ୟୁଦୟ କାର୍ଯ୍ୟକ୍ରମ ଏବଂ ବିକାଶ ମେଳାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ ଯାଜପୁର ଅଞ୍ଚଳରେ ଖଣିଜ ସମ୍ପଦ, ପ୍ରାକୃତିକ ସମ୍ପଦ ଓ ପର୍ଯ୍ୟଟନ ସ୍ଥଳୀ ଭରପୁର ରହିଛି। ଏହାର ବିନିଯୋଗ ହେଲେ ସମଗ୍ର ବିଶ୍ୱରେ ଯାଜପୁର ଏକ ଐତିହ୍ୟ, ସଂସ୍କୃତି କେନ୍ଦ୍ର ହେବ। ବର୍ତ୍ତମାନ ସାଧାରଣ ଲୋକଟିଏ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚି ପାରୁଛି। ଏ ସରକାର ହେଉଛି ଲୋକଙ୍କ ସରକାର ଏହା ଜନ ଭାଗିଦାରୀରେ ଚାଲୁଛି। ଓଡ଼ିଶାର ଶାସନ ଓଡ଼ିଆ ଭାଷାରେ ହେବ। ପ୍ରତ୍ୟେକ ଯୋଗ୍ୟ ମା'ଙ୍କୁ ଆମେ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ପ୍ରଦାନ କରିବୁ। ତାହା ସାକାର ହୋଇଛି। ଶ୍ରୀମନ୍ଦିର ପାଇଁ ୫୦୦ କୋଟି କର୍ପସ୍ ପାଣ୍ଠି ଗଠନ କରାଯାଇଛି। ଧାନର ଆଉ ଅଭାବି ବିକ୍ରି ହେବନାହିଁ, ଏମ୍.ଏସ୍.ପି. ବୃଦ୍ଧି କରାଯାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯିବ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡା. ରବିନାରାୟଣ ବେହେରା କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ସ୍ୱପ୍ନର ଭାରତ ଚିନ୍ତା କରିଛନ୍ତି। ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱକୁ ପ୍ରାଧାନ୍ୟ ଦେଇଛନ୍ତି। ମାତୃଶକ୍ତି, ଯୁବଶକ୍ତି, କୃଷକମାନଙ୍କୁ କେନ୍ଦ୍ର ସରକାର ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ନିର୍ବାଚନ ପ୍ରତିଶ୍ରୁତି ସମସ୍ତ ପୂରଣ କରାଯାଉଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଲେ ଏ ସରକାର ଲୋକଙ୍କ ସରକାର। ମୁଖ୍ୟମନ୍ତ୍ରୀ ଲୋକଙ୍କ ସମସ୍ୟା ଶୁଣୁଛନ୍ତି। ପ୍ରଥମ କ୍ୟାବିନେଟ୍‌ରେ ଆରାଧ୍ୟ ଦେବତା ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଚାରିଦୁଆର ଖୋଲାଯାଇଥିଲା ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଚାଲିଛି। ଏହି ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଦିବସରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ବିକାଶ ମେଳାକୁ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ କାର୍ଯ୍ୟ ଚାଲିଛି। ମା' ଆଗକୁ ବଢ଼ିଲେ ସମାଜ ଆଗକୁ ବଢିବ ବୋଲି କହିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସମସ୍ତଙ୍କୁ ସ୍ୱଚ୍ଛତା ହିଁ ସେବା ଶପଥ ପାଠ କରାଇଥିଲେ। ଏହାପରେ ମୁଖ୍ୟ ଅତିଥି ବିକାଶ ମେଳାକୁ ଉଦ୍‌ଘାଟନ କରିଥିଲେ।




## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୯ବୃ / ୧୦ମ୍ପ | ୮ଚ | ରା୭ / ଶ୬ |
| ୧୧ | ୩ / ୧ | ୫ |
| ୧୨ବୁ / ଲଗ୍ନକେର | ୨ଶୁ | ୪ / ୩ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୨।୯।୨୦୨୪, ଆଶ୍ୱିନ ଦି୭ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩୫।୩୨** **ଚନ୍ଦ୍ରୋଦୟ- ରାଘ୯।୦୦।୧୦**


**ପଞ୍ଚମୀ-** ଦିଘ ୩।୪୪ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର-** ରାଘ ୧୧।୦୪ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ପ୍ରାଘ ୬।୦୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ମୀନ ରାଶିର । ପ୍ରାଘ ୬।୦୯ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ପ୍ରାଘ ୬।୦୯ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୩।୪୪ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୭ ଗତେ ଘ ୮।୫୧ ମଧ୍ୟେ। ଦିଘ ୧।୧୦ ଗତେ ଘ ୩।୧୫ ମଧ୍ୟେ । **ପର୍ବୋତ୍ସବ -** ଅଶ୍ୱ ପଞ୍ଚମୀ, ବିଶ୍ୱ ନଦୀ ଦିବସ ।




**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।




**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ । ଆୟର ପରିମାଣ ବଢ଼ିପାରେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।




**କର୍କଟ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦ ଅନୁଭବ କରିବେ । ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଶାନ୍ତିର ବାତାବରଣ ରହିବ ।




**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।




**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି । ରୋଜଗାର ମଧ୍ୟମ ହେବ । ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ । ଘରେ କଳହ ଓ ଅଶାନ୍ତି ଦେଖାଦେବ।




**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ହେବ । ଶତ୍ରୁ ନାଶ ହେବେ । ଘରେ ଆନନ୍ଦ ଦେଖାଦେବ । ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଶରୀର ସୁସ୍ଥ ରହିବ ।




**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର। ବ୍ୟବସାୟରେ କ୍ଷତି ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହୋଇପାରେ। ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।




**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ସାମାଜିକ ସ୍ତରରେ ଲାଭବାନ୍ ହେବେ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।



**ମକର:** ସମସ୍ତ କାର୍ଯ୍ୟ ଆପଣଙ୍କର ସୁରୁଖୁରୁରେ ସମ୍ପାଦନ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଦେହ ଓ ମନ ଭଲ ରହିବ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ସମସ୍ତ ସମସ୍ୟାର ଅନ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ । ନୂତନ ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ । ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଶାନ୍ତିର ବାତାବରଣ ରହିବ ।

# ଚାକୁଣ୍ଡା ଗଛରୁ ଯୁବକ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସାଲେପୁର, ନ୍ୟୁଜ୍**

ସାଲେପୁର ବ୍ଲକ ନାଳିଆ ମୁହଁ ନିକଟ ଜଙ୍ଗଲିଆ ସ୍ଥାନରେ ଥିବା ଏକ ଚାକୁଣ୍ଡା ଗଛରେ ଝୁଲୁଥିବା ଅବସ୍ଥାରେ ଯୁବକ ଯୁବତୀଙ୍କ ଯୁଗଳ ମୃତଦେହ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ, ଦୁଇ ଯୁବକ ଯୁବତୀ ଏକତ୍ର ଭାବେ ଚାକୁଣ୍ଡା ଗଛରେ ଝୁଲୁଥିବାରୁ ଏହାକୁ ନେଇ ନାନା କଥା ଆଲୋଚନା ହେଉଛି । ମୃତ ଯୁବକଙ୍କ ପରିଚୟ ମିଳିଛି । ମୃତ ଯୁବକ ସ୍ଥାନୀୟ ଅଲିପୁର ଗାଁର ପବିତ୍ର ସାମଲଙ୍କ ଏକମାତ୍ର ବିବାହିତ ପୁତ୍ର ମନୋଜ ସାମଲ ବୋଲି ଜଣାପଡିଛି । ମୃତା ଯୁବତୀ ରାମେଶ୍ୱର ଅଞ୍ଚଳର ହୋଇଥିବା ବେଳେ ସଠିକ୍ ପରିଚୟ ମିଳିନାହିଁ । ବିବାହିତ ମୃତ ମନୋଜର ସ୍ତ୍ରୀ ଓ ଏକ ସନ୍ତାନ ରହିଛି । ପୋଲିସ ଉଭୟ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୯।୨୦୨୪, ଆଶ୍ୱିନ ଦି୮ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୫।୪୫** **ଚନ୍ଦ୍ରୋଦୟ- ରାଘ୯।୫୪।୧୪**

**ଷଷ୍ଠୀ-** ଦିଘ ୧।୫୧ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ରାଘ ୧୦।୦୯ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୧।୫୧ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୯ ଗତେ ଘ ୭।୦୮ ମଧ୍ୟେ। ଦିଘ ୮।୫୧ ଗତେ ଘ ୧୧।୧୪ ମଧ୍ୟେ ।

# ଅତ୍ୟାବଶ୍ୟକୀୟ ସାମଗ୍ରୀ ମୂଲ୍ୟବୃଦ୍ଧିରେ ଖାଉଟି ହନ୍ତସନ୍ତ

ପାଇକାରୀ ମୁଦ୍ରାସ୍ଫିତି ସୂଚକାଙ୍କ (ଡବ୍ଲୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ୮ମାସର ସର୍ବୋଚ୍ଚ ସ୍ତରକୁ ପହଞ୍ଚିଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରାଳୟ ତଥ୍ୟରୁ ଏହି ସୂଚନା ମିଳିଛି। ଖାଦ୍ୟ ମୂଲ୍ୟ ବୃଦ୍ଧି ଯୋଗୁ ନଭେମ୍ବର ମାସରେ ପାଇକାରୀ ମୁଦ୍ରାସ୍ଫୀତି ୦.୨୬ ପ୍ରତିଶତକୁ ପହଞ୍ଚିଥିଲା। ଯାହା ଗତ ୮ ମାସର ସର୍ବୋଚ୍ଚ ସ୍ତର ବୋଲି କୁହାଯାଉଛି। ତେବେ ମାର୍ଚ୍ଚ ୨୦୨୩ ପରେ ଡବ୍ଲୁପିଆଇ ଋଣାତ୍ମକରୁ ସୁଧାର ଆଡକୁ ମୁହାଁଇବା ସହ ଗତ ୭ ମାସ ହେଲା ଶୁନ ରହୁଥିଲା। ବାଣିଜ୍ୟ ମନ୍ତ୍ରାଳୟ ଦ୍ୱାରା ଜାରି ସୂଚନା ଅନୁସାରେ ଡବ୍ଲୁପିଆଇ ଆଧାରିତ ମୁଦ୍ରାସ୍ଫୀତି ଅକ୍ଟୋବର ୨୦୨୩ରେ ଶୁନରୁ ୦.୫୨ ପ୍ରତିଶତ ତଳେ ଥିଲା ଓ ନଭେମ୍ବରରେ ଏହା ୬.୧୨ ପ୍ରତିଶତକୁ ଆସିଥିଲା। ଫଳରେ ଅତ୍ୟାବଶକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇଛି। ତେବେ ଖାଦ୍ୟସାମଗ୍ରୀ, ଖଣିଜ, ମେସିନାରୀ ଓ ଉପକରଣ, କମ୍ପ୍ୟୁଟର, ଇଲେକ୍ଟ୍ରୋନିକ୍ସ ଓ ଅପ୍ଟିକାଲ ଉତ୍ପାଦ, ମୋଟର ବାହନ ଓ ଅନ୍ୟ ପରିବହନ ଉପକରଣ ସାଙ୍ଗକୁ ଅନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ନଭେମ୍ବର ୨୦୨୩ରେ ଏହି ମୁଦ୍ରାସ୍ଫୀତି ବଢିଛି। ଖାଦ୍ୟମୁଦ୍ରାସ୍ଫୀତି ନଭେମ୍ବରରେ ବଢି ୮.୧୮ ପ୍ରତିଶତ ହୋଇଯାଇଛି, ଯାହା ଅକ୍ଟୋବରରେ ୨.୫୨ ପ୍ରତିଶତ ଥିଲା। ଗତ ମାର୍ଚ୍ଚ ମାସରେ ଡବ୍ଲୁପିଆଇ ଆଧାରିତ ମୁଦ୍ରାସ୍ଫୀତି ୧.୪୧ ପ୍ରତିଶତ ଥିଲା। କେବଳ ଡବ୍ଲୁପିଆଇ ନୁହେଁ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ବଢିଛି। ଚଳିତ ସପ୍ତାହ ପ୍ରାରମ୍ଭରେ ଜାରି ଅଧିକାରୀକ ତଥ୍ୟ ଅନୁସାରେ ନଭେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୫୫ ପ୍ରତିଶତ ହୋଇଯାଇଛି, ଯାହା ୩ ମାସର ସର୍ବୋଚ୍ଚ ସ୍ତର ବୋଲି କୁହାଯାଇଛି। କାରଣ ଏହି ସମୟରେ ଦେଶରେ ଖାଦ୍ୟ ମୂଲ୍ୟ ବୃଦ୍ଧି ଦେଖାଯାଇଛି। ଖୁଚୁରା ମୁଦ୍ରାସ୍ଫୀତି ଅକ୍ଟୋବରରେ ୪.୮୭ ପ୍ରତିଶତ ଓ ନଭେମ୍ବର ୨୦୨୨ରେ ୫.୮୮ ପ୍ରତିଶତ ଥିଲା। ଏଥିରେ ଚଳିତବର୍ଷ ନଭେମ୍ବର ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ବଢି ୮.୭ ପ୍ରତିଶତ ହୋଇଯାଇଛି, ଯାହା ୬.୬୧ ପ୍ରତିଶତ ଓ ୨୦୨୨ ନଭେମ୍ବରରେ ୪.୬୭ ପ୍ରତିଶତ ଥିଲା। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନଭେମ୍ବର ଓ ଡିସେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ ନେଇ ଆଗରୁ ସତର୍କ କରିଥିଲେ। ଏଣୁ ଗତ ସପ୍ତାହରେ ହୋଇଥିବା ଦ୍ୱିମାସିକ ମୌଦ୍ରିକ ନୀତି ସମୀକ୍ଷା (ଏମପିସି)ରେ ଆରବିଆଇ ପ୍ରମୁଖ ସୁଧହାରକୁ ସ୍ଥିର ରଖିଛି। ତେବେ ଆରବିଆଇ ଜାରି ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୫.୪ ମଧ୍ୟରେ ରହିବ ବୋଲି ପୂର୍ବାନୁମାନ କରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

# ମହାଭାରତୀୟ ଚେତନାର ପୁନର୍ଜାଗରଣ ହେଉ



କିଶୋର ଚନ୍ଦ୍ର ଜେନା
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ.ଏଲ) ଓ
ଆଇନଜୀବୀ
ମୋ: ୯୪୩୭୦୪୧୩୦୦

ଭାରତ ଏକ ବିଶାଳ ରାଷ୍ଟ୍ର। ଏହାର ଗଠନ ବା ନିର୍ମାଣ ସନାତନ ସଂସ୍କୃତି ଦ୍ୱାରା ନିର୍ମିତ ଓ ପରିପୁଷ୍ଟ। ଅନେକ ସଂସ୍କୃତି, ଭାଷା, ଧର୍ମ, ଜାତି ସମୁହ ଏହି ଭାରତରୂପୀ ମହାକାୟ ଫୁଲଦାନୀରେ ବିଭିନ୍ନ ପ୍ରକାର ସୁଗନ୍ଧିତ ପୁଷ୍ପ ଆକାରରେ ଶୁଶୋଭିତ ଓ ସୁସଜ୍ଜିତ। ଏହା ବିବିଧତାରେ ଏକତାର ମନ୍ତ୍ର ଗାନରେ ମସଗୁଲ। ଏସିଆ ମହାଦେଶରୂପକ ଭୂ-ଖଣ୍ଡରେ ଶାନ୍ତିପ୍ରିୟ ଦେଶ ହେଉଛି ଆମର ପ୍ରିୟ ଭାରତ। ଏହି ଦେଶ ଅହିଂସାରେ ବିଶ୍ୱାସ କରେ। ସବୁଠାରୁ ବଡ଼ ପରିତାପର ବିଷୟ ହେଉଛି ଯେ ସ୍ୱାଧୀନତା ପୂର୍ବର ଗୁଲାମି ମାନସିକତାର ବିଷ ଜ୍ୱାଳାରେ ଆହତ, ପରାହତ ଓ ଜର୍ଜରିତ ହୋଇଥିଲା। ଏହି ଭୂଖଣ୍ଡର ଲୋକମାନେ ସ୍ୱାଧୀନତା ପରର ଘୃଣ୍ୟ ରାଜନୀତି ଏବଂ ରାଷ୍ଟ୍ରବିରୋଧି ତତ୍ତ୍ୱଦ୍ୱାରା ବିଭିନ୍ନ ପ୍ରକାର ଜାତି-ପନ୍ଥ, ମତ-ମଜହବ, ଖାନ-ପାନ, ବେଶ-ଭୁଷା ଆଦିକୁ ନେଇ ଏହା ଖଣ୍ଡ ବିଖଣ୍ଡିତ ହୋଇଗଲା ଏବଂ ବର୍ତ୍ତମାନ ମଧ୍ୟ ଏହି ତତ୍ତ୍ୱର ବିଷ ଜ୍ୱାଳାରେ ଏହା ଆକ୍ରାନ୍ତ ଓ ପରାହତ।

ଏହାଦ୍ୱାରା ଭାରତର ଐତିହ୍ୟ, ସଂସ୍କୃତି ଏବଂ ସାଂସ୍କୃତିକ ସରୋବରର ନିର୍ମଳ ଜଳ କଳୁଷିତ ହୋଇଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୦ ଜନ୍ମ ଦିବସ ଅବସରରେ ୩୧ ଅକ୍ଟୋବର ୨୦୧୫ରେ ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଏହି ଦିବସରେ ଏକ ଭାରତ-ଶ୍ରେଷ୍ଠ ଭାରତର ଲକ୍ଷ୍ୟକୁ ଘୋଷଣା କଲେ। ଏହି ଯୋଜନାର ପରିକଳ୍ପନା ଏବଂ ପ୍ରେରଣା ସର୍ଦ୍ଦାର ପଟେଲଙ୍କ ଜୀବନ ଦର୍ଶନରୁ ଉଦ୍ଧୃତ। ଦେଶର ସ୍ୱତନ୍ତ୍ରତା ଏବଂ ଗଣରାଜ୍ୟ ଗଠନରେ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକାକୁ କେବେହେଲେ କୌଣସି ଭାରତୀୟ ଭୁଲିବେ ନାହିଁ। ପୃଥକ ପୃଥକ ଶାସିତ ରାଜ୍ୟମାନଙ୍କୁ ଭାରତରେ ସମ୍ମିଳିତ କରିବାର ଭୂମିକା ଅତୁଳନୀୟ। ତାଙ୍କର ପରିକଳ୍ପନା ଥିଲା 'ଏକ ଭାରତ ଶ୍ରେଷ୍ଠ ଭାରତ' ଏବଂ ଦେଶର ଅଖଣ୍ଡତା ପାଇଁ ସେ ସଦା ସର୍ବଦା ଚେଷ୍ଟିତ ଥିଲେ। ସେ କହୁଥିଲେ ଏକତା ବିନା ଜନଶକ୍ତି ଆଧ୍ୟାତ୍ମିକ ଶକ୍ତିରେ ପରିଣତ ହେବ ନାହିଁ। ସେ ମଧ୍ୟ ଆହୁରି କହିଥିଲେ ନାଗରୀକମାନଙ୍କର ନିଜପ୍ରତି ଯେତିକି କର୍ତ୍ତବ୍ୟ ଅଛି ରାଷ୍ଟ୍ର ପ୍ରତି ମଧ୍ୟ ସେତିକି କର୍ତ୍ତବ୍ୟ ଅଛି। ସ୍ୱତନ୍ତ୍ରତାର ଭାବ ଜାଗ୍ରତ ହେବା ସହିତ ରାଷ୍ଟ୍ରର ସ୍ୱତନ୍ତ୍ରତା କିପରି ଚିର ଉଦ୍‌ଜିବିତ ରହିବ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଦରକାର। ପ୍ରତ୍ୟେକ ଭାରତୀୟଙ୍କୁ ଏକଥା ଭୁଲିଯିବା ଦରକାର ଯେ ସେ ହେଉଛି ଜଣେ ରାଜପୁତ, ସେ ଜଣେ ଶିଖ୍, ସେ ଜଣେ ଜାଠ ଏବଂ ସିଏ ଜଣେ ବ୍ରାହ୍ମଣ ଏବଂ ଅନ୍ୟ କିଛି। ପ୍ରଥମେ ତାର ମନରେ ଭାବ ଜାଗ୍ରତ ହବା ଦରକାର ଯେ ସେ ପ୍ରଥମେ ଜଣେ ଭାରତୀୟ ଏବଂ ତାର ଏହି ଦେଶରେ ସମସ୍ତ ଅଧିକାର ଅଛି ଏବଂ ତତ୍ ସହିତ ମଧ୍ୟ ରାଷ୍ଟ୍ର ପ୍ରତି କିଛି କର୍ତ୍ତବ୍ୟ ମଧ୍ୟ ଅଛି। ସେ ସଦା ସର୍ବଦା କହୁଥିଲେ ଯେ 'ଏ ମୋର ଭାରତ ମାଟିରେ ଏପରି ସୁଗନ୍ଧ ଭରି ରହିଅଛି ଏବଂ ନୂତନତ୍ୱ ଅଛି ଯାହା ସବୁ ବାଧାବିଘ୍ନ ସତ୍ତ୍ୱେ ମଧ୍ୟ ଏକତତ୍ତ୍ୱର ଭାବ ଓ ଜାଗ୍ରତର ଭାବକୁ ଉଜାଗର କରିଅଛି'।

ଏହି ଯୋଜନାର ମହତ ଉଦ୍ଦେଶ୍ୟ ହେଲା ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କର ସଂସ୍କୃତି, ପରମ୍ପରା ଏବଂ ପ୍ରଥାକୁ ବିଶେଷରୂପେ ଅନୁଧ୍ୟାନ ପୂର୍ବକ ଏହାକୁ ରଚନାତ୍ମକ ପ୍ରବାହର ଧାରାରେ ପ୍ରବାହ, କରିବା ଏବଂ ରାଜ୍ୟ ପ୍ରତି ସଠିକ୍ ବୁଝାମଣାର ଭାବ ଉଦ୍ରେକ ଏବଂ ବନ୍ଧନରେ ସ୍ୱତଃନିସୃତ ବୃଦ୍ଧି ପାଇବା ଦରକାର ଯାହାଫଳରେ ଏକତା ଏବଂ ଅଖଣ୍ଡତାର ଦ୍ୱୀପ ସବୁବେଳେ ଜାଜ୍ୱଲ୍ୟମାନ ରହିବ। 'ସ୍ୱ' ସାଂସ୍କୃତିକ ସମ୍ପର୍କର ବୃଦ୍ଧିରେ ଦେଶରେ ସମସ୍ତ ନାଗରିକଙ୍କ ମଧ୍ୟରେ ଏକ ରାଷ୍ଟ୍ରର ଭାବନା ଉତ୍ପନ୍ନ କରିବାରେ ସକ୍ଷମ ହେବ। ବାସ୍ତବରେ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ ସମ୍ପୂର୍ଣ୍ଣ ଦେଶକୁ ଏକ ସୂତ୍ରରେ ବାନ୍ଧି ଏକ ବିରାଟ ସାଂସ୍କୃତିକ ଚେତନାର ପୁନଃସ୍ଥାପନାର ଧାରାକୁ ଅକ୍ଷୁର୍ଣ୍ଣ ରଖିବା ଭାରତର ଅନ୍ତଃସାଂସ୍କୃତିକ ଜାଗରଣ ଏକ ବହୁଳତାବାଦୀ ବିଚାର ବା ବିଚାରଧାରାର ସମଷ୍ଟିକରଣ। ଏହି କାରଣ ଯୋଗୁଁ ମଧ୍ୟ ଏକ ଭଗବାନ ରାମଚନ୍ଦ୍ରଙ୍କୁ ଅଯୋଧ୍ୟାରେ ରାମଲଲାରୂପେ ପୂଜା କରାଯାଏ ଏବଂ କର୍ଣ୍ଣାଟକରେ କୋଦଣ୍ଡରାମ ଅର୍ଥାତ୍ ଧନୁର୍ଦ୍ଧାରୀ ରୂପରେ ପୂଜା କରାଯାଏ। ମଥୁରାରେ କାହ୍ନା, ଦ୍ୱାରିକାରେ ଦ୍ୱାରିକାଧିଶ, ମରାଠାରେ ଗର୍ବିଲେ କଠୋଆ, ପୁରୀରେ ଶ୍ରୀଜଗନ୍ନାଥ, ରାଜସ୍ଥାନରେ ଶ୍ରୀନାଥ ରୂପରେ ପୂଜା ଅର୍ଚ୍ଚନା କରାଯାଏ। ସମାଜରେ ଦୃଷ୍ଟିଭଙ୍ଗି ଏବଂ ସୃଷ୍ଟିଭଙ୍ଗୀର ଅପୂର୍ବ ସମନ୍ୱୟର କାହାଣୀ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହିତ ଏକ ବହୁଳତାବାଦୀ ଚେତନାତ୍ମକ ଦୃଷ୍ଟିର ତତ୍ତ୍ୱ ଏକାତ୍ମବାଦ ତତ୍ତ୍ୱରେ ଗଢିତୋଳିବା। ତେଣୁ ଏହି ବିଶେଷତତ୍ତ୍ୱ 'ଏକ ଭାରତ-ଶ୍ରେଷ୍ଠ ଭାରତ' ମାଧ୍ୟମରେ ଆମ୍ଭେ ପୁଣିଥରେ ଗୋଟିଏ ସମଷ୍ଟିରୂପକ ବିଚାରଧାରା ସ୍ଥାପନା କରିବାକୁ ସକ୍ଷମ ହେବା।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁରସ୍କାର ବିଜେତା ପୁସ୍ତକ, କବିତା ଏବଂ ଲୋକପ୍ରିୟ ଲୋକଗୀତକୁ ଗୋଟିଏ ଭାଷାରୁ ଅନ୍ୟ ରାଜ୍ୟର ଭାଷାରେ ଅନୁବାଦ-କରଣ କରିବା। ବିଭିନ୍ନ ରାଜ୍ୟର କୃଷି ପଦ୍ଧତିକୁ ଅନ୍ୟ ରାଜ୍ୟର କୃଷି ପଦ୍ଧତି ସହିତ ଭାଗିଦାରୀ, ସୂଚନା ପ୍ରଦାନ ଓ ପର୍ଯ୍ୟଟକମାନଙ୍କ ପାଇଁ ରାଜ୍ୟ ଦର୍ଶନର ସୁବିଧା ମଧ୍ୟ କରିବା। ବିଭିନ୍ନ ରାଜ୍ୟର ପୋଷାକକୁ ଅନ୍ୟ ରାଜ୍ୟରେ ଚାହିଦା ଉତ୍ପନ୍ନକରିବା ଓ ସ୍ୱୀକାର୍ଯ୍ୟକରଣର ଆନୁସଙ୍ଗିକ, ସୁଯୋଗ ଓ ସୁବିଧାର ଉପଲବ୍ଧତା କାର୍ଯ୍ୟମାନ ଅର୍ନ୍ତଭୁକ୍ତ କରିବା। ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କର ସାଂସ୍କୃତିକ ସରୋବରକୁ ଏକ ସୂତ୍ରରେ ବାନ୍ଧି ରଖିବାର କାର୍ଯ୍ୟ, ପ୍ରେମ ଓ ସଦ୍‌ଭାବନା ଏବଂ ଭାଇଚାରାର ଭାବନା ଦ୍ୱାରା ହିଁ ସମ୍ଭବ ଏବଂ ସଫଳ ହୁଏ। ଭାରତରେ ଏକ ହଜାରରୁ ଉର୍ଦ୍ଧ୍ୱ ଭାଷା ଏବଂ ଲିପି ପ୍ରଚଳିତ। ଗୋଟିଏ କୋଷରୁ ଅଧିକ ଦୂରରେ ଭାଷା ପରିବର୍ତ୍ତନଶୀଳ ଏବଂ ଉପଲବ୍ଧ ମଧ୍ୟ। କେବଳ ଭାଷା ନୁହେଁ ଧର୍ମ ମଧ୍ୟ ଅନେକ ଏବଂ ଧର୍ମାବଲମ୍ବି ମଧ୍ୟ ଅନେକ। ଏହାର ସଂସ୍କୃତି, ସଭ୍ୟତା, ରୀତି-ରିବାଜ, ଭାଷା, ବ୍ୟଞ୍ଜନ, ବେଶଭୁଷା, ପରିପାଟୀ ମଧ୍ୟ ଭିନ୍ନ। ତଥାପି ସମସ୍ତେ ଗୋଟିଏ ପରିବାର ସଦୃଶ ମିଶି ରୁହନ୍ତି। ଗୋଟିଏ ଧର୍ମର ଲୋକ ଅନ୍ୟ ଜଣଙ୍କର ପୂଜାପାର୍ବଣରେ ଅଂଶ ଗ୍ରହଣ କରନ୍ତି। ତେଣୁ ଏପରି ସ୍ଥଳେ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ମହତ୍ତ୍ୱକୁ ପ୍ରତିବାଦିତ କରିବା ପାଇଁ ସମସ୍ତଙ୍କ ସହଯୋଗିତା ଏବଂ ସହଭାଗିତା ଏକାନ୍ତ କାମ୍ୟ। ବିଭିନ୍ନତାରେ ଏକତାକୁ ଚରତାର୍ଥ କରିବା ପାଇଁ ଐକ୍ୟଭାବ, ଭାଇଚାରା, ସଦ୍‌ଭାବନା, ପ୍ରେମ, ସହଯୋଗ, ସହଭାଗିତା, ସଂପ୍ରୀତି ଆଦି ବିଭିନ୍ନ ଭାବର ପୁନଃଜାଗରଣ ଏବଂ ପୁନଃପ୍ରତିଷ୍ଠା ହିଁ ଆବଶ୍ୟକ। ଅନ୍ୟ ଦିଗଟି ହେଲା ଗୋଟିଏ ଧର୍ମ ଅନ୍ୟ ଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନକରିବା ଏବଂ ଆସ୍ଥା ଭାଜନହେବା। ଯଦି ଆମ୍ଭେ ଅନ୍ୟ ପ୍ରତି ଆସ୍ଥା ଭାବ ପ୍ରକଟକରିବା, ଧିରେ ଧିରେ ସେ ମଧ୍ୟ ଆପଣଙ୍କ ପ୍ରତି ନିଶ୍ଚିତ ଭାବରେ ଆସ୍ଥା ଭାଜନ ହେବ। ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ ନିଶ୍ଚିତ ଭାବରେ ଆସ୍ଥାଭାବ, ପ୍ରେମଭାବ ଏବଂ ସଦ୍‌ଭାବ ପ୍ରତିଷ୍ଠାକରେ। ସରକାର ଏହି ଯୋଜନା ମାଧ୍ୟମରେ ଦେଶବାସୀଙ୍କ ମନରେ ନିଜନିଜ ଧର୍ମ ବ୍ୟତିରେକ ଅନ୍ୟ ଧର୍ମର ଲୋକଙ୍କବ ପ୍ରତି ପ୍ରେମ ଏବଂ ସମ୍ମାନର ଭାବନା ଉଜାଗର ପାଇଁ ଚେଷ୍ଟିତ ହେବା ନିତ୍ୟାନ୍ତ ଆବଶ୍ୟକ। ଆସନ୍ତୁ ଆମ୍ଭେ ଏକ କଣ୍ଠରେ ନିନାଦ କରିବା।

**ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟା**
**ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖ ଭାଗଭବେତ୍।**

ଏହି ଅମୃତ ଓ କାଳଜୟୀ ବାଣୀ ଏବଂ ଉପର ବର୍ଣ୍ଣିତ ଭାବଧାରାର ସମଷ୍ଟି ବ୍ୟକ୍ତି ସତ୍ତାରେ, ଦେଶ ସତ୍ତାରେ ଏବଂ ସର୍ବୋପରି ରାଷ୍ଟ୍ର ସତ୍ତାରେ ନୈତିକ ଜାଗରଣର ଧାରା ରୂପେ ପ୍ରତିଫଳିତ ଓ ପ୍ରତିବିମ୍ବିତ ହେଲେ, ମହଭାରତୀୟ ଚେତନାର ପୂନଃଜାଗରଣ ଅବଶ୍ୟମ୍ଭାବୀ।

# ସବୁଠୁ ବଡ଼ ଭିକାରୀ ସ୍ୱୟଂ ସମ୍ରାଟ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୪୩୮୦୩୪୧୬୩
E-mail:mayadharnayak2014@gmail.com

ଏକ କ୍ଷୁଦ୍ର ମାସିଡୋନିଆ ରାଜ୍ୟର ଅଧୀଶ୍ୱର ଆଲେକ୍‌ଜାଣ୍ଡାର। ରାଜ୍ୟ ପରେ ରାଜ୍ୟ ଜୟ କରିଚାଲିଛନ୍ତି। ତଥାପି ରାଜ୍ୟଜୟର ପିପାସା ମେଣ୍ଟୁନି। ଶେଷରେ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ ଆକ୍ରମଣ କରିବାକୁ ବାହାରିଛନ୍ତି। ସାଥିରେ ଅଛନ୍ତି ସୈନ୍ୟସାମନ୍ତଙ୍କ ବିଶାଳ ପଟୁଆର। କୋଳାହଳରେ ଫାଟିପଡୁଛି ଏଥେନ୍ସ ନଗରୀର ରାଜରାସ୍ତା। ନଗରୀର ଉପାନ୍ତରେ ଏକ ଭଙ୍ଗା କୁଡିଆରେ ରହୁଥାନ୍ତି ଦାର୍ଶନିକ ଦାଓଜିନସ୍ ଓ କୁକୁରଟିଏ। ନଜାଣିଥିବା ଲୋକେ ତାଙ୍କୁ ଭିକାରି ବୋଲି ଭାବନ୍ତି। କୁଡିଆରେ ଶୋଇଥିଲେ ଦାଓଜିନସ୍। କୋଳାହଳ ଶୁଣି ନିଦ ଭାଙ୍ଗିଗଲା। ସେ ମୁଣ୍ଡ ଉଠେଇ ଦେଖନ୍ତି ତ ଆଲେକ୍‌ଜାଣ୍ଡାରଙ୍କ ବିଶାଳ ସେନା ଚାଲିଛନ୍ତି। ସେ ହଠାତ୍ ଉଠିପଡି ସୈନିକମାନଙ୍କ ଆଡକୁ ଧାଇଁଲେ ଏବଂ ଉଚ୍ଚ କଣ୍ଠରେ ଚିତ୍କାର କଲେ – ରହିଯାଅ, ସମ୍ରାଟ୍ ଆଲେକ୍‌ଜାଣ୍ଡାରଙ୍କୁ ମୋର କିଛି ଦେବାର ଅଛି। ଏହା କହି ସେ ଆଲେକ୍‌ଜାଣ୍ଡାରଙ୍କ ନିକଟକୁ ଯାଇ ତାଙ୍କ ହାତରେ ମୁଦ୍ରାଟିଏ ଧରାଇଦେଲେ। ବିସ୍ମିତହୋଇ ଆଲେକ୍‌ଜାଣ୍ଡାର ପଚାରିଲେ – ଏହା କ'ଣ?


ଦାଓଜିନସ୍ କହିଲେ – କିଛିଦିନ ତଳେ ଜଣେ ଧନିକ ବ୍ୟକ୍ତି ମୋତେ ଭିକାରୀ ଭାବି ଏ ମୁଦ୍ରାଟିକୁ ମୋ କୁଡିଆ ଭିତରକୁ ଫୋପାଡି ଦେଇଥିଲେ। ମୁଁ ସେହିଦିନ ଭାବିଥିଲି – ମୋ ଠାରୁ ଆଉ ଜଣେ ବଡ଼ଭିକାରୀ ଦେଖିଲେ ତାଙ୍କୁ ଏହି ମୁଦ୍ରାଟି ଉପହାର ଦେବି। ଆଜି ତୁମକୁ ପାଇଗଲି – ତେଣୁ ତୁମ ହାତରେ ଏ ମୁଦ୍ରାଟି ଧରାଇଦେଲି। ଆଲେକ୍‌ଜାଣ୍ଡାର ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ କହିଲେ – ଜାଣିଛ ତ ମୁଁ ବିଶ୍ୱବିଜୟୀ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର! ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମୋର ପଦାନତ। ଏହା ସତ୍ତ୍ୱେ ମୋତେ ଭିକାରି ବୋଲି କହିବାର ଧୃଷ୍ଟତା ପାଇଁ ମୋ ଆଦେଶରେ ତୁମର ଶିରଚ୍ଛେଦ ହୋଇପାରେ।

ଅବିଚଳିତ ଦାଓଜିନସ୍ ଅଳ୍ପ ହସି କହିଲେ – 'ମୋର କିଛି ନାହିଁ, ତେଣୁ ମୁଁ ଭିକାରୀ ହେବାକୁ ବାଧ୍ୟ। ତୁମର ଏତେସବୁ ଥିବା ସତ୍ତ୍ୱେ ଆହୁରି ପାଇବାପାଇଁ ତୁମର ଏ ଯେଉଁ ଭୋକ, ତାହା କ'ଣ ପାଇଁ? ତୁମେ ମୋ ଠାରୁ ବଡ଼ ଭିକାରି ନୁହଁ କି? ଶୁଣ ସମ୍ରାଟ୍! ଯିଏ ଚାହୁଁଥିବ କୋଟିଏ, କିନ୍ତୁ ପାଇଥିବ ଗୋଟିଏ, ସେ ଏ ସଂସାରର ସବୁଠାରୁ ବଡ଼ ଦରିଦ୍ର। ଯିଏ ଜୀବନରେ କିଛି ଚାହିଁନାହିଁ, କିଛି ପାଇ ବି ନାହିଁ, ସିଏ ଧନୀ ନହୋଇପାରେ, କିନ୍ତୁ ତୁମ ଭଳି ଦରିଦ୍ର ନୁହେଁ। ଆବଶ୍ୟକତାଠାରୁ ଅଧିକ ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ପିପାସା ହିଁ ପ୍ରକୃତ ଦାରିଦ୍ର୍ୟ। ଯାହାର ତୃଷ୍ଣା ବା ଅଭିଳାଷ ଯେତେ ଅଧିକ, ସେ ସେତେ ଅଧିକ ଦରିଦ୍ର। ଯାହାର ମନ ସନ୍ତୁଷ୍ଟ ଓ ତୃପ୍ତ, ତା'ପାଇଁ ଧନୀଦରିଦ୍ର କି ଫରକ୍? ଏଥର କୁହ, ତୁମେ ଭିକାରି ନା ମୁଁ ଭିକାରି? ବାସ୍ତବରେ ଏ ସଂସାରରେ ଭିକାରି କିଏ? ଭିକାରି ସିଏ ନୁହେଁ – ଯିଏ ଅନ୍ୟ ଆଗରେ ହାତ ପତେଇ ଭିକ ମାଗେ, ପ୍ରକୃତ ଭିକାରି ତ ସିଏ – ଯାହା ପାଖରେ ସବୁ ଥାଇ ମଧ୍ୟ ସେ ଆହୁରି ଚାହୁଁଥାଏ। ପାଠକେ! ଏଭଳି ଏକ ପ୍ରସଙ୍ଗ ଏଠି ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ଏହା ଯେ, ବିଶ୍ୱ ଅଭିଯାନରେ ବାହାରିଥିବା ସମ୍ରାଟ୍ ଆଲେକ୍‌ଜାଣ୍ଡାର ନିଜ ଦେଶକୁ ମଧ୍ୟ ଫେରିପାରିଲେ ନାହିଁ। ଭାରତ ଅଭିଯାନ ସାରି ଫେରିବା ବାଟରେ ବେବିଲୋନ୍ ନଗରୀରେ ମାତ୍ର ୩୩ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ। ରାଜଧାନୀ ଥିଲା ତଥାପି ଚବିଶ ଘଣ୍ଟାର ଦୂର। ସବୁଠାରୁ ଉଲ୍ଲେଖଯୋଗ୍ୟ ଉପଲବ୍ଧି ଏହା ଯେ – ମୃତ୍ୟୁ ପୂର୍ବରୁ ଆଲେକ୍‌ଜାଣ୍ଡାର ତାଙ୍କର ଅଙ୍ଗରକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ – ମୋ ଶବାଧାରକୁ ସମାଧିସ୍ଥଳକୁ ନେବାବେଳେ ମୋ ହାତଯୋଡିକୁ ଦୁଇପଟକୁ ଝୁଲାଇ ଦେଇଥିବ, ଯେମିତି ସମଗ୍ର ବିଶ୍ୱବାସୀ ଦେଖିବେ ଆଲେକଜାଣ୍ଡାର ଶୂନ୍ୟହସ୍ତ ହୋଇ ଆସିଥିଲା, ଆଉ ମୃତ୍ୟୁ ପରେ ମଧ୍ୟ ଏ ପୃଥିବୀରୁ ଶୂନ୍ୟହସ୍ତ ହୋଇ ଫେରିଯାଉଛି। ମୃତ୍ୟୁ ପରେ ଏମିତି ସମସ୍ତଙ୍କୁ ଶୂନ୍ୟହସ୍ତରେ ଯିବାକୁ ହେବ। ଅଜସ୍ର ସମ୍ପତ୍ତି ଅର୍ଜିଥିବା ଆଲେକ୍‌ଜାଣ୍ଡାର ପାଇଁ ହୀରାନୀଳା ମୋତିମାଣିକ ସବୁ ଗୋଡ଼ିମାଟି ପରି ମୂଲ୍ୟହୀନ। ସେସବୁ ତା'ର ଜୀବନରକ୍ଷା ପାଇଁ ସାମାନ୍ୟ ମାତ୍ର ସାହାଯ୍ୟ କରିପାରିଲେ ନାହିଁ କି କାଣିକଉଡିଟିଏ ମଧ୍ୟ ତା'ସହ ଗଲେନାହିଁ। ଶୂନ୍ୟହସ୍ତରେ ସବୁଠୁ ବଡ଼ଭିକାରି ସ୍ୱଂୟ ସମ୍ରାଟ ଏ ସଂସାରରୁ ବିଦାୟ ନେଲେ। ପୃଥିବୀର ପ୍ରାୟ ସବୁଦେଶରେ ଆଲେକଜାଣ୍ଡାର ଭଳି ବଡ଼ବଡ଼ ଭିକାରି ଅଛନ୍ତି। ସିକନ୍ଦର ନିଜ ଅହେତୁକ ଧନଲିପ୍ସାର ଅସାରତାକୁ ଦର୍ଶାଇ ସବୁକିଛି ପଛରେ ଛାଡି ଚାଲିଯାଇଥିଲେ। କବରସ୍ତାନରେ ଲୋକେ ମୁଠାଏ ଲେଖା ମାଟିପକାଇ ତାଙ୍କର ଉତ୍ତମଗୁଣ ବଖାଣି ନିଜନିଜ ଘରକୁ ଯାଉଥାନ୍ତି। ସଂଧ୍ୟାର ଆଗମନରେ ସିକନ୍ଦରଙ୍କ ମା' ମଥାରେ ବାରମ୍ବାର ହାତପିଟି କାନ୍ଦିକାନ୍ଦି କବରସ୍ତାନରେ ପହଂଚିଥିଲେ। ସେଇ କବରସ୍ତାନ ନିକଟରେ ବସିଥିଲେ ଏକ ମହାତେଜା ପ୍ରସନ୍ନଚିତ ଫକିର। ସିକନ୍ଦର ମା'ଙ୍କ ବିକଳକୁ ଲକ୍ଷ୍ୟକରି କହିଥିଲେ – ଆରେ! ସିକନ୍ଦରର ପାଗଳା ମା' – ଏଠି ତ ତୋର ପୁଅ ସିକନ୍ଦର ଭଳି କେତେ ସିକନ୍ଦର ଶୋଇଯାଇଛନ୍ତି କବର ତଳେ। ସେମାନେ ବି ତୋ ପୁଅଭଳି ପ୍ରତିପତ୍ତିଶାଳୀ ଥିଲେ। ସେମାନେ ତ ସମଗ୍ର ମୁଲକର ଜଗୁଆଳ ଥିଲେ। କିଛି ବି ନେଇଯାଇନାହାଁନ୍ତି ସାଥିରେ। ବଗିଚାରେ ସେମିତି ଗଛ ରହିଛି। ଆମ ଭାରତରେ ମଧ୍ୟ ଟାଟା, ବିରଳା, ଗୌତମ ଆଦାନୀ, ମୁକେଶ ଅମ୍ବାନୀ ଭଳି ହଜାରେ ପାଖାପାଖି ବଡ଼ଭିକାରି ଅଛନ୍ତି। ଏମାନେ ସବୁ ଜନଗଣଙ୍କ ଅର୍ଜିତ ସମ୍ପତ୍ତିକୁ ପବନ, ଲୁଣ, ଗାଡ଼ି ପ୍ରମୁଖ ବିକି ଚାଲିବା ମାଧ୍ୟମରେ ଠକିନେଇଛନ୍ତି – ଏବେବି ନେଉଛନ୍ତି। ଏମାନେ ଭିକାରିରେ ଗଣା। ତଥାପି ଅନେକ ମଣିଷ ଏବେ ବି ନୀତିନୈତିକତା, ମୂଲ୍ୟବୋଧ ଓ ମଣିଷପଣିଆକୁ ଜଳାଞ୍ଜଳି ଦେଇ ସାରାଜୀବନ ଧନସମ୍ପତି ଗୋଟେଇବାରେ ଲାଗିଛନ୍ତି। ବଡ଼ ବିଚିତ୍ର ଏ ମଣିଷର ପ୍ରକୃତି। ଘରଦ୍ୱାର, କୋଠାବାଡି, ଅଭ୍ରଂକଷ ଅଟ୍ଟାଳିକା ପଛରେ ଧାଇଁ ଧାଇଁ ଜୀବନର ଅମୂଲ୍ୟ ସମ୍ପଦ 'ସ୍ୱାସ୍ଥ୍ୟ'କୁ ହଜେଇଦିଅନ୍ତି। ପୁଣି ସେହି ସ୍ୱାସ୍ଥ୍ୟକୁ ଫେରିପାଇବା ପାଇଁ ଡାକ୍ତର ଦୁଆରେ ଯାଇ ଜୀବନ ଭିକମାଗନ୍ତି। ଏଠି ଆସେ ଯେତେ, ଯାଏ ସେତେ। ଅଥଚ ନିର୍ବୋଧ ମଣିଷ ଏକ ଅସରନ୍ତି ଶୋଷ ପଛରେ ଧାଇଁଥାଏ। ଇଏ କେଉଁ ପ୍ରକାର ଗଣିତ? ରାତି ସରିଯାଏ ପଛେ ସ୍ୱପ୍ନ ସରେନା। ବାଟ ସରିଯାଏ ସିନା ହାଟ ସରେନା। ଏଠି ଜୀବନର ଅନ୍ୟନାମ 'ବସ୍ତୁପ୍ରୀତି ବା 'ବସ୍ତୁରତି'। ଏକବିଂଶ ଶତାବ୍ଦୀର ମଣିଷ ଏବେ ଗୋଟିଏ ବସ୍ତୁରେ ପରିଣତ ହୋଇଯାଇଛି। ସେଇଥିପାଇଁ ସମସ୍ତ ଭୌତିକ ବିକାଶ ସତ୍ତ୍ୱେ ମଣିଷ ଆଜି ଖୁବ୍ ନିଃସ୍ୱ, ଖୁବ୍ ନିଃସଙ୍ଗ। ପାଖରେ ଜୀବନ ବିତାଇବା ପାଇଁ ସକଳ ସୁଖ-ସାଧନ ଅଛି, ମାତ୍ର ଶାନ୍ତି ସୁଦୂରପରାହତ। ଚାରିପାଖରେ ପର୍ଯ୍ୟାପ୍ତ ଭୋଜନସାମଗ୍ରୀ ଅଛି, କିନ୍ତୁ ପେଟରେ ଭୋକ ନାହିଁ। ବିଳାସମୟ ପ୍ରାସାଦ ଅଛି, କିନ୍ତୁ ସୁନିଦ୍ରା ନାହିଁ। ପରିପୂର୍ଣ୍ଣ ପରିବାର ଅଛି, କିନ୍ତୁ ପ୍ରସନ୍ନତା ନାହିଁ। ଫେସ୍‌ବୁକ୍‌ରେ ଅସଂଖ୍ୟ ବନ୍ଧୁ, ଦୁଃଖ ଶୁଣିବାକୁ ଜଣେ ବି ନାହିଁ। ସୁଖ ମରୀଚିକା ପଛରେ ଧାଇଁ ଧାଇଁ ମଣିଷ ଆଜି ଖୁବ୍ ଦୁଃଖୀ। ଟଲଷ୍ଟୟଙ୍କ ଗଳ୍ପର ନାୟକ 'ପାହୋମ୍' ଭଳି ସକାଳୁ ସଞ୍ଜଯାଏଁ ଗଳଦ୍‌ଘର୍ମ ହୋଇ ଖାଲି ଧାଉଁଛି ଆଉ ଧାଉଁଛି। ଏମିତି ଧାଁ-ଦଉଡର ଅର୍ଥ କ'ଣ ଜୀବନ?

କିଏ ଜଣେ କହିଥିଲେ – 'ମନ୍ଦିର ଏକ ଅଦ୍ଭୁତ ସ୍ଥାନ, ଯେଉଁଠି ଗରିବ ବାହାରେ ଭିକମାଗେ, ଆଉ ଧନୀ ଭିତରେ ଭିକମାଗେ। ପ୍ରକାରାନ୍ତରେ ଏଠି ସମସ୍ତେ ଭିକାରି।' କେଉଁଦିନ ଏ ନିଃସ୍ୱମଣିଷ ବୁଝିବ ଯେ, ଟଙ୍କା 'ଘର' କିଣିପାରେ – ହେଲେ 'ପରିବାର' ନୁହେଁ। ଟଙ୍କା 'ଦାମିକା ଘଣ୍ଟା' କିଣିପାରେ – ହେଲେ 'ସମୟ' ନୁହେଁ। ଟଙ୍କା 'ତୂଳିତଳ୍ପ ଶଯ୍ୟା' କିଣିପାରେ – ହେଲେ 'ସୁନିଦ୍ରା' ନୁହେଁ। ଟଙ୍କା 'ବହି' କିଣିପାରେ – ହେଲେ 'ଜ୍ଞାନ' ନୁହେଁ। ଟଙ୍କା 'ବନ୍ଧୁ' କିଣିପାରେ – ହେଲେ 'ବନ୍ଧୁତା' ନୁହେଁ। ଦୁନିଆରେ କେବଳ ଭାଗ୍ୟବାନ ସେହି – ଯାହା ପାଖରେ 'ଭୋଜନ' ସହିତ 'ଭୋକ' ଅଛି। 'ଶଯ୍ୟା' ସହିତ 'ନିଦ୍ରା' ଅଛି। ଆଉ 'ଧନ' ସହିତ 'ଧର୍ମ' ବି ଅଛି। ସମୁଦ୍ରକୂଳରେ କ'ଣ ଶାମୁକାର ଅଭାବ ଥାଏ ନା ପୃଥିବୀପୃଷ୍ଠରେ ମଣିଷର? ବାସ୍, ଫରକ୍ କେବଳ ଏତିକି ଯେ – କିଛି ଶାମୁକା ଭିତରେ ମୋତି ଥାଏ, ଆଉ କିଛି ମଣିଷଙ୍କ ପାଖରେ ହୃଦୟ। ବାକିସବୁ ମଣିଷ ସେଇ ମିଛ ଖୋଳପାଧାରୀ ଶାମୁକା ସଦୃଶ। ନିର୍ଣ୍ଣୟ ଆପଣଙ୍କର। ଆପଣ ହୃଦୟବାନ୍ ମଣିଷଟିଏ ହେବେ ନା ଶୂନ୍ୟ ଶାମୁକାଟିଏ ହେବେ। କିନ୍ତୁ ଏ କଥା ସତ୍ୟ ଯେ – ଆପଣ ଯାହା ବାଣ୍ଟିବେ ତାହା ଆପଣଙ୍କ ପାଖରେ ବେଶି ହେବ। ତାହା ଧନ ହେଉ କିମ୍ବା ସମ୍ମାନ, ଭୋଜନ ହେଉ କମ୍ବା ଅପମାନ, ଘୃଣା ହେଉ କମ୍ବା ପ୍ରେମ।

ଦି'ଦିନର ଏ ଜୀବନ! ମରୀଚିକା ପଛରେ ଧାଇଁବା ଅର୍ଥହୀନ। ପାରୁଛ ଯଦି ପ୍ରେମ ବାଣ୍ଟିଚାଲ। ଲୋକଙ୍କ ହୃଦୟ କିଣ। ନିଶ୍ୱାସକୁ ବିଶ୍ୱାସ ନାହିଁ। ସମୟ ନଷ୍ଟ ଅର୍ଥାତ୍ ଜୀବନ ନଷ୍ଟ। ପ୍ରାକୃତିକକୁ ଛାଡି ଅତ୍ୟଧିକ ଭୌତିକ ପଦାର୍ଥରେ ଆସକ୍ତି ହିଁ ଅତ୍ୟଧିକ ରୋଗର କାରଣ। କାହିଁକି ରୋଗକୁ କିଣିବେ। କେତେଦିନ ଏ ସଂସାରରେ ବଂଚିବେ କି? ଦିନେ ନିଃସ୍ୱମଣିଷ ହୋଇ ଏ ସଂସାରରୁ ବିଦାୟ ନେବେ। "କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ, କି ଘେନି ଯିବୁ ସଂଗେ ଛୁଟିଲେ ଘଟ।" ସବୁ ଠିକ୍‌ଠାକ୍ ଥିବ, ହଠାତ୍ ହୃଦ୍‌ଘାତରେ ଟଳିପଡିବ। ଛ'ଖଣ୍ଡ ବାଉଁଶରେ କୋକେଇ ବନ୍ଧା। ସେଥିରେ ଶବହୋଇ ପଡିରହିବେ। କାରଣ ମଶାଣିକୁ ଆପଣ ଅର୍ଜିଥିବା ଚାରିକୋଟି ନୁହେଁ, ମାତ୍ର ଚାରିଜଣ ଆପଣଙ୍କୁ ଛାଡିବାକୁ ଯିବେ। ସେ ମଶାଣିର ଅଗ୍ନିରେ କୁଆଡେ ଲୀନ ହୋଇଯିବେ। ତେଣୁ ଲୋଭରୁ ପାପ – ପାପରୁ ମୃତ୍ୟୁ। ସାଧୁ ସାବଧାନ୍।

# ବୃକ୍ଷ ହିଁ ଜୀବନ



ପ୍ରଦୀପ୍ତ କୁମାର କର
ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର
ଭୁବନେଶ୍ୱର
ମୋ-୯୪୩୭୦୮୪୩୧୨

ଆମ ଦେଶରେ ବୃକ୍ଷ, ପ୍ରକୃତି ଓ ମନୁଷ୍ୟ ସମାଜ ଓତଃପ୍ରୋତ ଭାବେ ଜଡ଼ିତ। ବୃକ୍ଷ ହିଁ ଜୀବନ୍ତ ପ୍ରାଣୀ ସେ ମନୁଷ୍ୟ ହେଉ ବା ପଶୁ ପକ୍ଷୀ ହୁଅନ୍ତୁ ସମସ୍ତଙ୍କ ଅତି ନିଜର ଓ ପ୍ରତି କ୍ଷେତ୍ରରେ ବୃକ୍ଷ ବିନା ବଞ୍ଚିବା ଅତ୍ୟନ୍ତ କଷ୍ଟକର ହୁଏ। ଅନେକ ଦେବୀ ପୂଜାରେ ବୃକ୍ଷର ଯଥେଷ୍ଟ ମହତ୍ତ୍ୱ ରହିଛି। ବିଶେଷ କରି ନବରାତ୍ରି, ଗୌରୀ ପୂଜା, ତେଜ, ଓଡ଼ିଶାର ଷଠି ଓଷା ବ୍ରତ ପରି କେତେକ ପର୍ବ ପର୍ବାଣୀରେ କଦଳୀ, ନଡ଼ିଆ, ଆମ୍ବ, ଧାନ, ବେଲ, ଅଶୋକ, ଅପରାଜିତା ପଭୃତିକୁ ଅନେକ ମହତ୍ତ୍ୱ ଦିଆଯାଇଛି। ଏହି ସବୁ ବୃକ୍ଷର ଗୁଢ଼ ରହସ୍ୟ ହେଲା ଯେ ଦେବୀଙ୍କ ନବଦୁର୍ଗା ରୂପ ବୋଲି ଚିନ୍ତା କରନ୍ତି। ଆମର ସୁସ୍ଥ ରହିବା ପଛରେ ଗଛର ଅନେକ ଗୁଣ ଅଛି, ଯେପରି ଦିନ ବେଳା ଗଛ ଅମ୍ଳଜାନ ଛାଡ଼ି ଅଙ୍ଗାରକାମ୍ଳ ଗ୍ରହଣ କରେ ଓ ରାତିରେ ଅଙ୍ଗାରକାମ୍ଳ ଛାଡ଼ି ଅମ୍ଳଜାନ ଗ୍ରହଣ କରେ ସେଥିପାଇଁ ରାତିରେ କୌଣସି ବୃକ୍ଷ ମୂଳେ ଶୋଇବା ପାଇଁ ମନା କରାଯାଇଛି। ଆଗ କାଳରେ ଲୋକେ ଦେବାଦେବୀଙ୍କ ପୂଜା ସହିତ ବୃକ୍ଷକୁ ସେମାନଙ୍କ ସ୍ୱରୂପ ଭାବରେ ଜ୍ଞାନ କରି ଗଛର ରକ୍ଷଣା ବେକ୍ଷଣ ସହିତ ଅନେକ ସମ୍ମାନ ଦେଉଥିଲେ। ଏବେ କିନ୍ତୁ ଲୋକମାନେ ଆଧୁନିକତାର ଦ୍ୱାହି ଦେଇ ଧାତୁ, ପ୍ଲାଷ୍ଟିକ, ପ୍ଲାଷ୍ଟର ପ୍ୟାରିସକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିକାଶ ନାଁରେ ରାସ୍ତା, କଳ କାରଖାନା, ବାସଗୃହ ଆଦି ନିର୍ମାଣ କରିବାକୁ ଲକ୍ଷ ଲକ୍ଷ ଗଛ କଟାଯାଇ ପରିବେଶ ସନ୍ତୁଳନକୁ ପୁରା ମାତ୍ରାରେ ନଷ୍ଟ ଭ୍ରଷ୍ଟ କରାଯାଉଛି। ଦିନ ଥିଲା ଆମ ଦେଶରେ ଅନେକ ଛୋଟ ବଡ଼ ଜଙ୍ଗଲ ଥିଲା ଲୋକମାନେ ସେହି ଜଙ୍ଗଲକୁ ନିଜର ଗୃହ ପାଳିତ ପଶୁ ମାନଙ୍କୁ ଚରାଇବା ପାଇଁ ନେଉଥିଲେ, ଫଳ ମୂଳ ସଂଗ୍ରହ କରି ଖାଉଥିଲେ, ଗଛରୁ ପଡୁଥିବା ପୁରୁଣା ଡାଳ, ପତ୍ରକୁ ସଂଗ୍ରହ କରି ନିଜର ଜାଳେଣି କରୁଥିଲେ ଯଦିଓ ଏଥିପାଇଁ କୌଣସି କଟକଣା ନ ଥିଲା ତଥାପି ଲୋକ ମାନେ ଏତେ ପରିମାଣରେ ସଚେତନ ଥିଲେ ଯେ କେବେବି ଅଯଥାରେ ଜଙ୍ଗଲକୁ ନଷ୍ଟ କରିବାକୁ ଚେଷ୍ଟା କରୁ ନ ଥିଲେ। ଜଙ୍ଗଲ ଥିଲା ଭାରତର ଆଦ୍ୟ ମନ୍ଦିର। ବୈଦିକ ଶାସ୍ତ୍ର ଗୁଡିକରେ ସୋମରସ ପ୍ରସ୍ତୁତି ଏବଂ ଦେବତାଙ୍କୁ ଅର୍ପଣ ଉଦ୍ଦେଶ୍ୟରେ ପାଳିତ ପର୍ବ ପର୍ବାଣୀର ସ୍ତୋତ୍ର ଗୁଡ଼ିକ ବର୍ଣ୍ଣନା କରାଯାଇଛି। ଋକ୍ ବେଦର ୫୦% ରୁ ଉର୍ଦ୍ଧ୍ୱ ସ୍ତୋତ୍ରରେ ୩ ଟି ବିଷୟ ମୁଖ୍ୟତଃ ସୋମ, ଇନ୍ଦ୍ର ଓ ଅଗ୍ନି ବିଷୟ ବର୍ଣ୍ଣନା କରାଯାଇଛି। ଋକବେଦରେ ୧୦ଟି ଅଧ୍ୟାୟ ମଧ୍ୟରୁ ସମ୍ପୂର୍ଣ୍ଣ ନବମ ଅଧ୍ୟାୟରେ ଗଛରୁ ସୋମ ରସ ସଂଗ୍ରହ ଓ ତାହାକୁ ଶୁଦ୍ଧ କରିବା ପ୍ରଣାଳୀ ବର୍ଣ୍ଣନା କରାଯାଇଛି। ଏହା କହିବାର ତାତ୍ପର୍ଯ୍ୟ ହେଲା ପୁରାତନ କାଳରେ ମଧ୍ୟ ଲୋକ ମାନେ ବୃକ୍ଷର ମହନୀୟ ଗୁଣ ବିଷୟରେ ଅବଗତ ଥିଲେ। ବୈଦିକ ପଣ୍ଡିତ ମାନେ ପୂଜା ପାଇଁ ଦୁବଘାସକୁ ପାଣିରେ ପକାଇ ଦେବା ଦେବୀଙ୍କ ମୂର୍ତ୍ତିକୁ ଶୁଦ୍ଧ କରୁଥିଲେ। ଏହି ଘାସ ମଧ୍ୟ ଶାକାହାରୀ ପଶୁ ମାନଙ୍କ ଖାଦ୍ୟ ରୁପେ ବ୍ୟବହାର ହେଉଥିଲା। ଅଥର୍ବ ବେଦରେ ଧାନ, ଚାଉଳ, ଘାସର ବର୍ଣ୍ଣନା କରାଯାଇଛି। ସନ୍ନ୍ୟାସୀ ପରମ୍ପରାରେ ଗଛ ଗୁଡ଼ିକର ଅନେକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି। ପ୍ରତ୍ୟେକ ଜୈନ ତୀର୍ଥଙ୍କର ଏକ ପବିତ୍ର ବୃକ୍ଷ ସହିତ ଜଡିତ। ମହାବୀରଙ୍କ ଶାଳ ଗଛ, ଋଷଭନାଥଙ୍କ ବରଗଛ, ଭିମନାଥଙ୍କ ଜାମୁ ସହ ସମ୍ପର୍କ ସମ୍ବନ୍ଧିତ ହୋଇ ରହିଥିଲା। ବିଭିନ୍ନ ପରମ୍ପରାରେ ଭିନ୍ନ ହେଲେ ମଧ୍ୟ ଅତି କମ୍‌ରେ ଗୋଟିଏ ଉଦ୍ଭିଦ ମହାନ୍ ଜୈନ ଗୁରୁ ମାନଙ୍କ ଆତ୍ମାକୁ ଧାରଣ କରିଥାଏ ବୋଲି ସମସ୍ତଙ୍କ ବିଶ୍ୱାସ ରହିଛି। ଗୌତମ ବୁଦ୍ଧ ଜନ୍ମ ସମୟରେ ତାଙ୍କ ମା ଏକ ଶାଳ ବୃକ୍ଷକୁ ଗର୍ଭ କଷ୍ଟ ସମୟରେ ଜବୋଡ଼ି ଧରିଥିଲେ। ଗୌତମ ବୁଦ୍ଧ ମଧ୍ୟ ଏକ ଅଶ୍ୱସ୍ଥ ବୃକ୍ଷ ତଳେ ତପସ୍ୟା କରି ନିଜର ବୌଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ ଓ ଦୁଇଟି ଶାଳ ବୃକ୍ଷ ମଧ୍ୟରେ ହିଁ ଦେହ ତ୍ୟାଗ କରିଥିଲେ। ତା ଆଗକୁ ଯଦି ଆମେ ତ୍ରେତୟା ଯୁଗକୁ ଚାଲି ଯିବା ତେବେ ପ୍ରଭୁ ରାମଚନ୍ଦ୍ର ସାତ ଶାଳ ବୃକ୍ଷ ପଛରେ ରହି ହିଁ ବାଳିକୁ ବଧ କରିଥିଲେ। ପ୍ରାଚୀନ କାଳରେ ବିଭିନ୍ନ ବଂଶ ଓ ରାଜ ପରିବାରର ଧର୍ମୀୟ ପ୍ରତୀକ ଥିଲା ବୃକ୍ଷ। ସମ୍ରାଟ ଖାରବେଳଙ୍କ ସମୟରେ ତାଙ୍କ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ସେ ବୃକ୍ଷ ରୋପଣ କରାଇଥିଲେ କାରଣ ସେ ଭଲ ଭାବରେ ଜାଣିଥିଲେ ଯେ ବୃକ୍ଷ ହିଁ ଜୀବନ। ସଙ୍ଗମ କାବ୍ୟରେ ଏହି ରାଜା ମାନଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି ଯେ ରାଜା ମାନେ ଶତ୍ରୁକୁ ଆକ୍ରମଣ କରି ସେମାନଙ୍କ ଧର୍ମୀୟ ପ୍ରତୀକ ଗଛକୁ ନଷ୍ଟ କରି ଦେଇ ନିଜର ଜୟଯୁକ୍ତ ହେବାର ପ୍ରମାଣ ଦେଉଥିଲେ। ନରକାଶୁରକୁ ପରାସ୍ତ କରିବାରେ ଇନ୍ଦ୍ରଙ୍କୁ ଶ୍ରୀକୃଷ୍ଣ ସାହାଯ୍ୟ କରି ରାକ୍ଷସ କବଳରୁ ସ୍ୱର୍ଗକୁ ମୁକ୍ତ କରାଇ ଶ୍ରୀକୃଷ୍ଣ ଇନ୍ଦ୍ରଙ୍କଠାରୁ ପାରିଜାତ ବୃକ୍ଷକୁକୁ ଚାହିଁଥିଲେ, କିନ୍ତୁ ଇନ୍ଦ୍ର ମନା କରିବାରୁ ଶ୍ରୀକୃଷ୍ଣ ବଳ ପୂର୍ବକ ତାହା ଛଡ଼ାଇ ଆଣି ନିଜ ବିଜୟର ସଂକେତ ଦେଇଥିଲେ। କୁହାଯାଏ ହନୁମାନ କଦଳୀ ଗଛରେ, ଗଣେଶ ଆଖୁ ଗଛରେ, ଜଗନ୍ନାଥ ତଥା ଚତୁର୍ଦ୍ଧା ମୂର୍ତ୍ତୀ ନିମ୍ ଗଛରେ, ଅନେକ ଦେବୀ ନିମ ଓ। ତେନ୍ତୁଳି ଗଛରେ ରୁହନ୍ତି। ଅନେକ ଜଙ୍ଗଲ ରେ ଆମେ ଏ ପର୍ଯ୍ୟନ୍ତ ବନ ଦେବୀ ମାନଙ୍କୁ ପୂଜା କରି ଆସୁଛନ୍ତି। ଦେବ, ଦେବୀ ମାନଙ୍କ ସହ ଗଛର ଏଭଳି ସମ୍ପର୍କ ଓ ପ୍ରାଣୀ ଜଗତର ସହିତ ଜଡିତ ସମ୍ପର୍କ ଅତି ନିବିଡ଼ ଭାବେ ରହିଛି ବୋଲି ଜାଣି ସୁଦ୍ଧା ଆମେ ମନୁଷ୍ୟ ମାନେ ଅତି ନିଷ୍ଠୁର ଭାବରେ ନିଜ ସ୍ୱାର୍ଥ ପାଇଁ ବୃକ୍ଷ ଓ ଜଙ୍ଗଲ କୁ ଯେଭଳି ଭାବରେ ନଷ୍ଟ ଭ୍ରଷ୍ଟ କରି ଦେଉଛୁ ତାହା ପୃଥିବୀ ର ପ୍ରତ୍ୟେକ ବ୍ୟକ୍ତି ଚିନ୍ତା କରିବା ଆବଶ୍ୟକ। ତା ନ ହେଲେ ଯଦି ଏହି ନିର୍ମମ କାର୍ଯ୍ୟ ଚାଲୁ ରହେ ତେବେ ଆମ ଚତୁର୍ପାର୍ଶ୍ୱ ରେ ଥିବା ବୃକ୍ଷ ସହିତ ଜଙ୍ଗଲ ନଷ୍ଟ ହୋଇ ସମସ୍ତ ପ୍ରାଣୀ ସମାଜ ଅନେକ କଷ୍ଟ ଭୋଗିବା ଛଡା ଆଉ କିଛି ଉପାୟ ନାହିଁ। ଏବେଠାରୁ ଆମକୁ ସତର୍କ ରହିବାକୁ ହୋଇ ବୃକ୍ଷ ସହିତ ଜଙ୍ଗଲ ସୁରକ୍ଷା କୁ ଅଧିକ ଧ୍ୟାନ ଅତ୍ୟନ୍ତ ଜରୁରୀ। ଏବେ ସରକାରୀ ସ୍ତରରେ ଓ ବେସରକାରୀ ସଂସ୍ଥା ଜରିଆରେ ଅନେକ ବୃକ୍ଷ ରୋପଣ କରାଯାଉଛି କିନ୍ତୁ ସେଥିରେ ଅନେକ ସମୟରେ କୌଣସି ଆନ୍ତରିକତା ନଥିବା ଦୃଷ୍ଟିଗୋଚର ହୁଏ। କେବଳ ଆମ ଦେଶ ବା ରାଜ୍ୟ ନୁହେଁ ବର୍ତ୍ତମାନ ପରିପ୍ରେକ୍ଷୀରେ ସାରା ପୃଥିବୀର ସମସ୍ତେ ଏକାଠି ହୋଇ ବୃକ୍ଷ ରୋପଣ ଓ ତା ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଅଧିକ ଧ୍ୟାନ ଦେବା ଆବଶ୍ୟକ ନ ହେଲେ ଏବେ ଯେଉଁ ଗ୍ଲୋବାଲ ୱ୍ୱର୍ମୀଙ୍ଗ ଯୋଗୁଁ ହିମାଳୟରେ ବରଫ ତରଳିବାକୁ ଆରମ୍ଭ କରି ବିରାଟ ବିରାଟ ହିମ ଖଣ୍ଡ ମାନ ତରଳି ଯାଉଛି ଯଦି ସାବଧାନ ନ ରହିବା ତେବେ କିଛି ଦିନ ପରେ ଏହି ହିମ ଖଣ୍ଡ ରୁ ନିର୍ଗତ ପାଣି ର ମାତ୍ରା ବଢ଼ି ବଢ଼ି ସମୁଦ୍ର ପାଣିରେ ମିଶି କୁଳ ଲଂଘି ଅନେକ ସମୁଦ୍ର କୂଳରେ ଥିବା ବଡ ବଡ ସହର ,ସ୍ଥାପତ୍ୟ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏତେ ସବୁ ପରେ ମଧ୍ୟ ଆମ ଦେଶରେ ଅନେକ ସ୍ଥାନରେ ଲୋକ ମାନେ ଦଳ ବଦ୍ଧ ଭାବରେ ବୃକ୍ଷ ରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଆଗେଇ ଆସୁଛନ୍ତି ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜଙ୍ଗଲ ପରିବେଶ ଓ ବୃକ୍ଷ କଟା ହେବା ଦ୍ୱାରା ଅନେକ ପ୍ରକାର ର ପଶୁ ପକ୍ଷୀ ସେମାନଙ୍କ ପ୍ରାକୃତିକ ରହଣି ସ୍ଥାନ ର ଓ ଖାଦ୍ୟ ଉପଯୋଗୀ ଗଛ ପତ୍ର ର ଅଭାବ ରେ ପ୍ରାୟ ଲୋପ ପାଇ ଗଲେଣି। ସେହିପରି ତାଳ ଗଛ ଯାହାକି ବିଜୁଳି ମାରିବା ସମୟରେ ତାକୁ ତଳକୁ ଆସିବାକୁ ଦିଏ ନାହିଁ , ଓ ଘର ଚଟିଆ ପକ୍ଷୀ ଯେଉଁମାନେ କି ତାଳ ଗଛରେ ନିଜର ବାସ ସ୍ଥାନ କରନ୍ତି ଯେହେତୁ ତାଳ ଗଛ ଧୀରେ ଧୀରେ ଲୋପ ପାଉଛି ସେଥିପାଇଁ ସେମାନଙ୍କ ବଂଶ ବିସ୍ତାର କରିବା ଅନେକ ଅସୁବିଧା ସୃଷ୍ଟି ହେଉଛି। ଏହି ଘରଚଟିଆ ପକ୍ଷୀ ମାନେ ପ୍ରକୃତି ର ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାନ୍ତି। ସେହିପରି ହାତୀ, ମାଙ୍କଡ, ସାପ, ଜଙ୍ଗଲ ନଷ୍ଟ ହୋଇ ଯାଉଥିବାରୁ ସେମାନେ ଜନବସତି ଆଡ଼କୁ ମାଡ଼ି ଆସୁଛନ୍ତି। ବିକାଶ ନା ରେ ଯେତେ ଜାଗାରେ ନିର୍ମାଣ କାମ ହେଉଛି ସେଠାରେ କେହି ବି ବୃକ୍ଷ ରୋପଣ କରୁ ନାହାନ୍ତି କି ସେମାନଙ୍କ ଉପରେ କୌଣସି ଜୋରଦାର କଠିନ ପଦକ୍ଷେପ ନିଆଯାଉ ନାହିଁ ଯାହାକି ସମ୍ପୂର୍ଣ୍ଣ ଭାବରେ ଅତ୍ୟନ୍ତ ଜରୁରୀ ଅଟେ। ଆଜିକାଲି ଅନେକ ଗାଁ ଲୋକ ମାନେ ସଚେତନ ହୋଇ ନିଜ ଗାଁ ପାଖରେ ଥିଲା ଲୁପ୍ତ ପ୍ରାୟ ଛୋଟ ଛୋଟ ଜଙ୍ଗଲକୁ ଜଗି ନୂଆ ଗଛ ଲଗାଇ ତାହାର ଯତ୍ନ ନେଇ ପାଳିକରି ସେଠାରେ ଶ୍ରମ ଦାନ କରି ବିନା ସରକାରୀ ସାହାଯ୍ୟରେ ପୁରା ଜଙ୍ଗଲ ରେ ପରିଣତ କରୁଛନ୍ତି ଯାହାକୁ ଆମ ସବୁଜ ବଳୟ ସୃଷ୍ଟି କରିବାରେ ସହାୟକ ହେଉଛି। ଏହିଭଳି ଅନେକ ଜାଗାରେ ଆରମ୍ଭ ହେଲାଣି ଯାହାକି ଏକ ଶୁଭ ଲକ୍ଷଣ। ସନ୍ତୁଳନ ଅଭାବରୁ ଓ ଜଳବାୟୁର କ୍ରମାନ୍ୱୟରେ ଅହେତୁକ ପରିବର୍ତ୍ତନରେ ପୃଥିବୀର ସବୁଠାରୁ ବଡ ଜଙ୍ଗଲ ଓ ଆମଜନ ନଦୀର ଜଳ ଧାରଣ କମି ଯାଉଛି ଓ ସେହି ଆମାଜନ ଜଙ୍ଗଲ ଧୀରେ ଧୀରେ ତାହାର ବହୁଳତା କମି ଯାଉଛି ଯାହାକି ମାନବ ସମାଜ ପାଇଁ ଏକ ଗଭୀର ସମସ୍ୟା। ତେଣୁ ଏବେ ସରକାରୀ ସ୍ତରରେ ହେଉ ବା ବେସରକାରୀ ସ୍ତରରେ ହେଉ ଯଦି ବିଧିବଦ୍ଧ ଭାବରେ ବୃକ୍ଷ ରୋପଣ ଓ ଜଙ୍ଗଲ ସୁରକ୍ଷାକୁ ଜୋର୍ ଦିଆଯାଇ ଜଙ୍ଗଲକୁ ଜଙ୍ଗଲ ପୋଡ଼ି, ଗଛ କଟା, ଚୋରା ଜଙ୍ଗଲ କଟା ଇତ୍ୟାଦିକୁ ରକ୍ଷା କରିପାରିଲେ ଏ ପୃଥିବୀ ରକ୍ଷା ହୋଇ ପାରିବ। ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଭିତରେ ଭାବର ଆଦାନ ପ୍ରଦାନ କରି ବୃକ୍ଷ ରୋପଣ ଉପରେ ଅଧିକରୁ ଅଧିକ ଜୋର୍ ଦେଇ ପାରିବେ ତେବେ ଏହା ମନୁଷ୍ୟ ସମାଜ ପାଇଁ କଲ୍ୟାଣକାରୀ ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ସେପ୍ଟେମ୍ବର ୨୦୨୪ ରବିବାର





# ମାଣ୍ଡୁକା ପାହାଡ଼ ମୋରମ୍ ଲୁଟ୍ ନେଇ ତେଜିଲା ଅସନ୍ତୋଷ

**ଯାଜପୁର, ନ୍ୟୁଜ୍**

ରାଜ୍ୟରେ ଖଣି ଲୁଟ୍ ନେଇ କଠୋର ପଦକ୍ଷେପ ଗ୍ରହଣ ପାଇଁ ମୋହନ ସରକାର ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି। ହେଲେ ଯାଜପୁର ଜିଲ୍ଲାର ଧର୍ମଶାଳାରେ ପଥର ମାଫିଆଙ୍କ ପରି ଦର୍ପଣ ତହସିଲ ଅଧିନରେ ମୋରମ ମାଫିଆ ମାତିଛନ୍ତି। ଅତୀତରେ ଏଠାରୁ ବେଆଇନ୍ ମୋରମ ଚାଲାଣରେ ସରକାରଙ୍କ ତରଫରୁ ବହୁକୋଟି ଟଙ୍କାର ଜରିମାନା ଓ କାର୍ଯ୍ୟାନୁଷ୍ଠାନ ନିଷ୍ପତି ନାଲିଫିତା ତଳେ ବନ୍ଧା ପଡିଛି। ଏବେ ମାଣ୍ଡୁକା ପାହାଡ଼ରୁ ମୋରମ୍ ଲୁଟ୍ ପ୍ରସଙ୍ଗ ଗଣମାଧ୍ୟମରେ ନିୟମିତ ପ୍ରସଙ୍ଗ ହୋଇଥିବା ବେଳେ ସାଧାରଣରେ ଏଥିନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏହି ପାହାଡ଼ରୁ ମୋରମ୍ ଲୁଟ୍ ନେଇ ବଡ଼ଚଣାର ଗୋଟିଏ ପ୍ରତିନିଧି ଦଳ ପାହାଡ଼ ପର୍ବତ ସୁରକ୍ଷା ପାଇଁ ରାଜ୍ୟରେ ଲଢେଇ କରୁଥିବା ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳଙ୍କୁ ସାକ୍ଷାତ କରି ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ। ଏହାପରେ ସତୀଶ ଏଥିନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିନେଇ ସତୀଶ ନିଜର ପତ୍ରରେ ଦର୍ଶାଇଛନ୍ତି ଯେ, ଏଠାରୁ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ମୋରମ୍ ଲୁଟ୍ କରୁଛନ୍ତି। ଦର୍ପଣ ତହସିଲର ମାଣ୍ଡୁକା ମୌଜାର ଖାତା ନଂବର-୧୩୪୯ ପ୍ଲଟ୍ ନମ୍ବର-୩୬୧୧, କିସମ -ପର୍ବତର ୧୨ ଏକରରୁ ମୋରମ୍ ଉତ୍ତୋଳନ ପାଇଁ ଲିଜ୍ ଦିଆଯାଇଛି । ବାର୍ଷିକ ମାତ୍ର ୩ ହଜାର କ୍ୟୁବିକ୍ ମିଟର ମୋରମ୍ ନେବା ପାଇଁ ଅନୁମତି ମିଳିଛି। ହେଲେ



ପ୍ରତି ସପ୍ତାହରେ ଏଠାରୁ ପ୍ରାୟ ୫ ହଜାର କ୍ୟୁବିକ୍ ମିଟର ମୋରମ୍ ଉଠା ହୋଇ ଲୁଟ୍ ହେଉଥିବାର ଅଭିଯୋଗ ହେଉଛି। ଖାଦାନ ଏରିଆ ଭିତରୁ ଯେତିକି ମୋରମ୍ ଚାଲାଣ ହୋଇଛି, ଲିଜ୍ ଏରିଆ ବାହାରୁ ତତୋଧିକ ମୋରମ୍ ଲୁଟ୍ ହୋଇଛି। ସରକାରଙ୍କ ବିଧି ବ୍ୟବସ୍ଥା ଅନୁସାରେ ଏଥିନେଇ ଲିଜ୍ ନେଇଥିବା ବ୍ୟକ୍ତି ହିଁ ଦାୟୀ। ଏହି ପାହାଡ଼ର ଐତିହାସିକ ଏବଂ ପୌରାଣିକ ଗୁରୁତ୍ୱ ରହିଛି। ଏଠାରୁ ମୋରମ୍ ଲୁଟ୍ ଯୋଗୁ ପାହାଡ଼ ଧ୍ୱଂସ ହେବା ଫଳରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପ୍ରକାର କ୍ଷତି ହେଉଛି। ଏଥିନେଇ ଜନଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଛି। ମାଇନିଂ ପ୍ଲାନ୍‌କୁ ଉଲ୍ଲଂଘନ କରାଯାଇ ଏଠାରୁ ସମ୍ପୂର୍ଣ୍ଣ ବେଆଇନ୍ ଭାବେ ମୋରମ୍ ଉଠାଯାଉଛି। ବିରାଟ ଗର୍ତ୍ତ କରାଯାଇ ମୋରମ୍ ଉତ୍ତୋଳନ କରାଯାଉଛି। ଏହି ପାହାଡ଼ଟି ଜଙ୍ଗଲ ବିଭାଗ ଅଧିନରେ ରହିବା କଥା ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅତୀତରେ ଧର୍ମଶାଳାର ବାଘୁଆ ଜଙ୍ଗଲ କିସମ ପାହାଡ଼ରୁ ବର୍ଷ ବର୍ଷ ଧରି ତହସିଲ ଓ ପରେ ଖଣି ବିଭାଗ ତରଫରୁ ଲିଜ୍ ଦିଆଯାଇ କଳାପଥର ଚାଲାଣ ଚାଲିଥିଲା। ହେଲେ ଆନ୍ଦୋଳନ ପରେ ସରକାର ବାଧ ହୋଇ ଏହାର ମୂଳ ରେକର୍ଡକୁ ନେଇ ଅନୁଧ୍ୟାନ କରିଥିଲେ। ପରେ ବାଘୁଆ ପାହାଡ଼ ଜଙ୍ଗଲ କିସମ ବୋଲି ପ୍ରମାଣିତ ହେବା ସହ ମାଫିଆଙ୍କ କବଳରୁ ମୁକ୍ତ ହୋଇଥିଲା। ଜାତୀୟ ରାଜପଥ କାର୍ଯ୍ୟ କରୁଥିବା ରାଜ୍ୟ ବାହାରର କମ୍ପାନୀମାନେ ଏହି ଲୁଟ୍‌ରେ କାର୍ପଟଦାର ସାଜିଛନ୍ତି। ଏହା ଓଡ଼ିଆ ଅସ୍ମିତାକୁ ଆଘାତ ଦେଉଛି ବୋଲି ସତୀଶ ଦର୍ଶାଇଛନ୍ତି।

# ଆତଙ୍କ ସୃଷ୍ଟିକାରୀ ଦନ୍ତା ଦେହରେ ଲାଗିଲା ରେଡ଼ିଓକଲାର



**କୋଇଡ଼ା, ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଓ ବରମୁଣ୍ଡା ଅଞ୍ଚଳରେ ବହୁଦିନରୁ ଆତଙ୍କ ଖେଳାଉଥିବା ଏକ ଦନ୍ତା ହାତୀକୁ କାବୁ କରି ରେଡିଓକଲାର ଲଗାଇଛି ବନ ବିଭାଗ । ଦନ୍ତାକୁ ସମ୍ପୃକ୍ତ ଅଞ୍ଚଳରୁ ଘଉଡ଼ାଇବା ଲାଗି ସ୍ଥାନୀୟ ଅଞ୍ଚଳର ଦୁଇ ସରପଞ୍ଚ ଦାବି କରିଥିଲେ । ତେବେ ପରବର୍ତ୍ତୀ ସମୟରେ ପରିସ୍ଥିତି ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ସୂଚନା ଅନୁସାରେ, ଜାମୁଡିହି ସେକ୍ସନ୍ ତୋଡ଼ା ବନାଞ୍ଚଳରେ ଦନ୍ତାହାତୀକୁ ଠାବ କରାଯାଇଥିଲା । ଏହା ପରେ ବନବିଭାଗ ଟିମ୍ ତାକୁ ନିଶ୍ଚେତନ (ଟ୍ରାଙ୍କୁଲାଇଜ୍) ଦେବା ପରେ ତା' ଦେହରେ ରେଡିଓକଲାର (ଜିପିଏସ୍) ଲଗାଯାଇଥିଲା । ଏହି ଟିମ୍‌ରେ ଅଧିକାରୀ ଓ କର୍ମଚାରୀଙ୍କୁ ମିଶାଇ ପ୍ରାୟ ୬୦ ଜଣ ସାମିଲ୍ ହୋଇଥିଲେ । ରେଡିଓକଲାର ଦ୍ୱାରା ହାତୀର ଗତିବିଧି ଉପରେ ନଜର ରଖାଯିବା ସହିତ କ୍ଷୟକ୍ଷତି ରୋକିହେବ ବୋଲି ବଣାଇ ଡିଏଫ୍‌ଓ ଲଳିତ କୁମାର ପାତ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ହାତୀକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବି କରି ସ୍ଥାନୀୟ ଦୁଇ ସରପଞ୍ଚ ନେଲସନ୍ ମୁଣ୍ଡା, ଆନନ୍ଦମାଝୀ ହରଙ୍କ ସମେତ ଗାଁ ଲୋକେ ବନ ବିଭାଗ ଟିମ୍‌କୁ ଘେରିଥିଲେ । ବନ ବିଭାଗ ପକ୍ଷରୁ ଦନ୍ତାର ଗତିବିଧି ଉପରେ ନଜର ରଖାଯିବ । ଦନ୍ତା ଦ୍ୱାରା କ୍ଷୟକ୍ଷତିର ଆଶଙ୍କା ଦେଖାଦେଲେ ସ୍ଥାନାନ୍ତର କଥା ବିଚାର କରାଯିବ ବୋଲି ଡିଏଫ୍‌ଓ ଶ୍ରୀ ପାତ୍ର ବୁଝାଇଥିଲେ । ଏହାପରେ ଗ୍ରାମବାସୀ ଶାନ୍ତ ହୋଇଥିଲେ । ସୂଚନାଯୋଗ୍ୟ, ପ୍ରାୟ ୪ବର୍ଷ ଧରି ଉକ୍ତ ଦନ୍ତା ସମ୍ପୃକ୍ତ ଅଞ୍ଚଳରେ ଉତ୍ପାତ ଚଳାଇଛି । ଦନ୍ତା ଆକ୍ରମଣରେ ୧୫ରୁ ଅଧିକ ଜୀବନ ଯାଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ବହୁଘର ଭାଙ୍ଗିବା ସହ ଅନେକ ଧନସମ୍ପତ୍ତି ମଧ୍ୟ ନଷ୍ଟ ହୋଇଛି ।

# ଦୁବାଇରେ ନୂଆଁଖାଇ ଭେଟ୍‌ଘାଟ୍‌ର କମାଲ୍ ଦେଖାଇଲେ ଶାଶ୍ୱତ ଓ ଅର୍ଚ୍ଚନା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିଦେଶ ମାଟିରେ ନୂଆଁଖାଇର ମହକ ପଶ୍ଚିମ ଓଡ଼ିଶାରେ ସେପ୍ଟେମ୍ବର ୮ରେ ନୂଆଁଖାଇ ପାଳନ ହୋଇଥିବା ବେଳେ ସୁଦୂର ଦୁବାଇରେ ନୂଆଁଖାଇ ପରିବାର ୟୁଏଇ ପକ୍ଷରୁ ମଧ୍ୟ ଖୁବ୍ ଧୁମଧାମରେ ନୂଆଁଖାଇ ପାଳନ ହୋଇଯାଇଛି । ୟୁଏଇରେ ଏକକ ନୂଆଁଖାଇ ପାଳନର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ନୂଆଁଖାଇ ଭେଟ୍‌ଘାଟ୍‌ର ଚଳିତ ୧୦ମ ବର୍ଷ ଦୁବାଇ ସ୍ଥିତ "ଏସ୍‌ଇଞ୍ଜ ଇନ୍‌ଷ୍ଟିଚ୍ୟୁଟ୍"ରେ ସବୁଠୁ ବଡ଼ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିବା ବେଳେ ଭାରତ ବାହାରେ ଆୟୋଜିତ ହେଉଥିବା ନୂଆଁଖାଇ ଭେଟ୍‌ଘାଟ୍‌ର ଏହା ସବୁଠୁ ବଡ଼ ଆୟୋଜନ । ନୂଆଁଖାଇ ୨୦୨୪ ପାଳନ ଅବସରରେ ନିଜ ମାଟିର ଉତ୍ସବକୁ ସମସ୍ତେ ଖୁସିର ସହ ପାଳନ କରିଛନ୍ତି । ୟୁଏଇର କୋଣ ଅନୁକୋଣରେ ରହୁଥିବା ପ୍ରାୟ ୫ ଶହରୁ ୬ ଶହ ନୂଆଁଖାଇ



ପରିବାରର ସଦସ୍ୟ ଏଥିରେ ସାମିଲ୍ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଦୁବାଇ ସ୍ଥିତ ଭାରତୀୟ କନସୁଲ ଜେନେରାଲ ସତୀଶ କୁମାର ଶିନ । ଦୁବାଇରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଅତିଥିମାନେ ପହଞ୍ଚିଥିବା ବେଳେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ, ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ ଶାଶ୍ୱତ କୁମାର ତ୍ରିପାଠୀ ଓ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା ବେଳେ ତାଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ରଙ୍ଗୀନ କରିଦେଇଥିଲା । ସମ୍ବଲପୁରୀ ନାଚ ଗୀତର ଆସର ଜମିଥିଲା ଯାହାକୁ ସଭିଏଁ ମନଭରି ଉପଭୋଗ କରିଛନ୍ତି । ବାଲୁକା କଳାରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ କଳାର ନିର୍ଦ୍ଦେଶନ ସମସ୍ତଙ୍କ ମନ ଜିଣିଛି । ଏହା ସହ ସୁଦାମଙ୍କୁ ଜୁହାର ସମ୍ମାନ ୟୁଏଇରେ ସମ୍ମାନିତ ।

# ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟକୁ ୟୁଜିସି ମାନ୍ୟତା ମିଳିଥିଲେ ସୁଦ୍ଧା ଭିତ୍ତିଭୂମି ବିକାଶ ଘଟୁନି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସର୍ବପୁରାତନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନିଜସ୍ୱ ଜମି ଅଛି । ୟୁଜିସି ମାନ୍ୟତା ମିଳିଲା । ହେଲେ ଭିତ୍ତିଭୂମି ବିକାଶ କିନ୍ତୁ ଯେଉଁଠି ଥିଲା ସେଇଠି । ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମନରେ ପ୍ରଶ୍ନ ଉଠୁଛି, ଦକ୍ଷିଣ ଓଡ଼ିଶାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ମଧ୍ୟରୁ ଅନ୍ୟତମ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ଦିଗରେ ପଦକ୍ଷେପ କେବେ ନିଆଯିବ । ଆବାସିକ ଭାବେ ଅଧ୍ୟୟନ ବ୍ୟବସ୍ଥା ଥିବା ସମସ୍ତ ଚାରିଟି ହଷ୍ଟେଲ୍‌ରେ ୬ ଶହ ଛାତ୍ରଙ୍କ ରହଣି ବ୍ୟବସ୍ଥା ଥିବା ବେଳେ ହଷ୍ଟେଲ୍ ସ୍ଥିତି ଅତ୍ୟନ୍ତ ଦୟନୀୟ । ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ଫୁଲବାଣୀ ଜିଲ୍ଲାରୁ ପିଲା ପଢ଼ିବା ଉଦ୍ଦେଶ୍ୟରେ ଆସୁଥିବା ବେଳେ ହଷ୍ଟେଲ୍ ଯୋଗାଡ଼ ସକାଶେ ଖର୍ଚ୍ଚାନ୍ତ ହେବାର ନଜିର



ରହିଛି । ଏଭଳିକି ଆର୍ଥିକ ଅନଗ୍ରସର ଶ୍ରେଣୀ ଛାତ୍ରଙ୍କ ନିମନ୍ତେ ହଷ୍ଟେଲ୍ ସିଟ୍‌ଟିଏ ପାଇବା ଦିବାସ୍ୱପ୍ନ । ବିଦ୍ୟାଳୟରେ ୪ଟି ହଷ୍ଟେଲ୍ ଅଛି । ରାମଚନ୍ଦ୍ର ମର୍ଦ୍ଦରାଜ ସ୍ନାତକୋତର ଛାତ୍ରାବାସରେ ୧୫୦ ପିଲାଙ୍କ ରହଣି ବ୍ୟବସ୍ଥା ଥିବା ବେଳେ, ରାଧାକ୍ରିଷ୍ଣନ୍ ଛାତ୍ରାବାସରେ ୧୫୦, ଝାନ୍‌ସୀ ରାଣୀ ଛାତ୍ରୀ ନିବାସରେ ୨୦୦, ସ୍ୱାମୀ ବିବେକାନନ୍ଦ ଛାତ୍ରୀ ନିବାସରେ ୧୫୦ ଓ ଦୁଇ ଛାତ୍ରାବାସର ସ୍ଥିତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ୬୦୦ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଶ୍ୱବିଦ୍ୟାଳୟରେ ବ୍ୟବସ୍ଥା ଥିବାରୁ ଯୋଗ୍ୟ ଥିବା ବହୁ ପିଲାଙ୍କୁ ବହୁବାର ସିଟ୍ ଖଣ୍ଡିଏ ମିଳିପାରୁନାହିଁ ବୋଲି କହିଛନ୍ତି ହଷ୍ଟେଲ୍ ସିଟ୍‌ରୁ ବଞ୍ଚିତ ହୋଇଥିବା ବିଦ୍ୟାର୍ଥୀ । ଜମି ନିଜସ୍ୱ ଅଛି, ଅନୁଦାନ ମଧ୍ୟ ଆସୁଛି । କିନ୍ତୁ ପୁନରୁଦ୍ଧାର ହୋଇପାରୁନି । ଆର୍‌ସିଏମ୍ ହଷ୍ଟେଲ୍ ଓ ଆର୍‌କେ ହଷ୍ଟେଲ୍ ପରିସରରୁ ଆରମ୍ଭ କରି କୋଠା ସ୍ଥିତି ଦୟନୀୟ ଅବସ୍ଥାରେ । କାମଚଳା ନୀତିରେ ମରାମତି କରି ଚାଲିଛି । ସ୍ୱଚ୍ଛତା, ଜଳ ନିଷ୍କାସନ ସମସ୍ୟା ସାଙ୍ଗକୁ ଛାତରୁ ପଲସ୍ତରା ଖସୁଛି । ଅସ୍ୱାସ୍ଥ୍ୟକର ପରିବେଶରେ ପାନୀୟ ଜଳ ବ୍ୟବସ୍ଥା । ପିଲାଙ୍କ ଶୈକ୍ଷିକ ବାତାବରଣର ବିକାଶ ପାଇଁ ଉଦ୍ଦିଷ୍ଟ ରିଡ଼ିଂ ରୁମ୍ ଦିନର ଅଧା ସମୟ ବନ୍ଦ ରହୁଛି । ପାଠାଗାର ବ୍ୟବସ୍ଥା ମଧ୍ୟ ନାହିଁ, ଶାରିରୀକ ବିକାଶ, କସରତ ପାଇଁ କୌଣସି ସୁବିଧା ନାହିଁ । ଆଲୋକବ୍ୟବସ୍ଥା କଥା ନକହିବା ଭଲ । ହଷ୍ଟେଲ୍ ପରିସର ବିଷାକ୍ତ ଜନ୍ତୁ ସରୀସୃପଙ୍କ ବାସସ୍ଥାନ ପାଲଟିଛି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏ ବିଷୟରେ କହିବା ଅନୁସାରେ, ମରାମତି ଓ ପୁନରୁଦ୍ଧାର କାମ ପୂର୍ତ୍ତବିଭାଗର ଦାୟିତ୍ୱରେ ଥିଲା । ବହୁବାର ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ । ଅଳ୍ପ ବହୁତ କାମ ମଧ୍ୟ ହୋଇଛି । ବର୍ତ୍ତମାନ ପୋଲିସ ହାଉସିଂ କର୍ପୋରେସନ୍‌କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ବିଭାଗୀୟ କାମ ସମ୍ପର୍କରେ ଜଣାଇବା ପରେ ମଧ୍ୟ ବେଖାତିର ମନୋଭାବ ପୋଷଣ କରୁଛନ୍ତି ।

# ଠିକାଦାରଙ୍କ କବଳରୁ ଶ୍ରମିକଙ୍କୁ ଉଦ୍ଧାର ପାଇଁ ପରିବାର ଲୋକଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଅଭିରାମ ନାୟକଙ୍କ ପୁଅ ସରୋଜ ନାୟକଙ୍କୁ କଖାରୁଣୀ ଗ୍ରାମର ଠିକାଦାର ଅଞ୍ଜନ ଦାସ ପାଇପ୍ କାମ କରାଇବା ପାଇଁ ହାଇଦ୍ରାବାଦ ନେଇଥିଲେ । ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ମାତ୍ର ୨ ମାସର ମଜୁରୀ ଦେବାପରେ ପୁଅ ସାଙ୍ଗରେ କୌଣସି ଯୋଗାଯୋଗ ହୋଇପାରୁ ନାହିଁ ବୋଲି ତାଙ୍କ ମାତା କଲ୍ୟାଣୀ ନାୟକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଠିକାଦାରଙ୍କୁ ଏ ବିଷୟରେ ଯୋଗାଯୋଗ କରିବାରେ ଠିକାଦାର ଜଣକ କଲ୍ୟାଣୀ ନାୟକଙ୍କୁ ଗାଳି ଗୁଲଜ କରିବା ସହ ଏଠାରୁ ପୁଅକୁ ଛାଡିବିନାହିଁ ବୋଲି ପ୍ରକାଶ କରିବାରୁ ତାଙ୍କ ମାତା ଶ୍ରୀମତୀ ନାୟକ ନିରାଶ ହୋଇ କେନ୍ଦ୍ରାପଡା ଜିଲ୍ଲା ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ତାଙ୍କ ପୁଅକୁ ହାଇଦ୍ରାବାଦରୁ ଠିକାଦାରଙ୍କ କବଳରୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି ।

# କୋଲିମାଟି ପଞ୍ଚାୟତରେ ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଜନତା ପାର୍ଟି ଘଷିପୁରା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଗୟଳମଣ୍ଡା ମଣ୍ଡଳ ଅନ୍ତର୍ଗତ କୋଲିମାଟି ପଞ୍ଚାୟତ ୧୩୫ ନଂ ବୁଥ୍ ନୂଆପଡ଼ା ଟିକିରା ଗ୍ରାମରେ ସଦସ୍ୟତା ଅଭିଯାନ ବିଜେପି ନେତା ଡ଼ଃ ଶମ୍ଭୁନାଥ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନରେ ୧୩୪ ମହିଳା ଓ ପୁରୁଷ ସଦସ୍ୟତା ଗ୍ରହଣ କରିଥିଲେ । ପ୍ରକାଶ ଥାଉକି କିଛି ଦିନ ପୂର୍ବରୁ ଆଦିବାସୀ ଅଧ୍ୟୁଷିତ ଘଟଗାଁ ମଣ୍ଡଳର ଉପରଡିହା ପଞ୍ଚାୟତ ମେଲଣ ଗ୍ରାମର ବିଭିନ୍ନ ସାହି ଓ ବସ୍ତି ମାନଙ୍କରେ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ କରାଯାଇଥିଲା । ବିଜେପି ପକ୍ଷରୁ ୨୦୨୪ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଏକ ନୂଆ ଦିଶା, ନୂଆ ଆଶା ସଞ୍ଚାର କରିବା ସହ ସାରା ଦେଶରେ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ କରି ପୁନର୍ବାର ବିଶ୍ୱରେ ସର୍ବାଧିକ ସଦସ୍ୟ ଦଳ ଭାବେ ଉଭାନ ହେବାର କଳ୍ପନାକୁ ସାକାର କରିବାରେ ସମର୍ଥ ହେବ ବୋଲି ଡ଼ଃ ରାଉତ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସଦସ୍ୟ ସଂଗ୍ରହ ଟିମ୍‌ରେ ମାନସ ସାହୁ, ତପନ ଧିର, ଚିତ୍ତ ପାଲ, ପୁଷ୍ପଲତା ମହାନ୍ତି, ଆଦିତ୍ୟ ମିଶ୍ର ପ୍ରମୁଖ ସାମିଲ୍ ଥିବାବେଳେ ଗ୍ରାମର ବସନ୍ତ ମହାକୁଡ, ଜସ୍ମିନୀ ମୁର୍ମୁ, ମିନା ମାରାଣ୍ଡି, ରାଜେଶ ମୁଣ୍ଡା, ବୁଟାଙ୍ଗି ବେଶ୍ରା, ଅର୍ଜୁନ ମାଝୀ ଓ ସାମଲ ପୂର୍ତ୍ତି ଘର ଘର ବୁଲି ସଦସ୍ୟ ସଂଗ୍ରହରେ ସହଯୋଗ କରିଥିଲେ ।



# ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କମୃତ୍ୟୁ: କ୍ଷତିପୂରଣ ପ୍ରଦାନପାଇଁ ପରିବାର ଲୋକଙ୍କ ଦାବି

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଓ ଗଞ୍ଜାମ ସୀମାରେ ଥିବା ବାଇମାଲା ଗାଁରେ ବିଦ୍ୟୁତ୍ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ରମେଶ ପ୍ରଧାନ (୬୨) । ଏନେଇ ତାଙ୍କ ସାନ ପୁଅ ଆଲେସ ପ୍ରଧାନ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ମୁତାବକ, ସୋରଡ଼ା ଥାନା ଗାଜଲବାଡି ପଞ୍ଚାୟତ ବାଇମାଲା ଗାଁଟି ଦାରିଙ୍ଗବାଡି ନିକଟରେ ରହିଛି । ଗାଁରେ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ ରମେଶଙ୍କ ବାଡି ପଟେ ଥିବା ଏକ ଅମୃତଭଣ୍ଡା ଗଛ ଭାଙ୍ଗିପଡ଼ି ବିଦ୍ୟୁତ୍ ତାର ଉପରେ ପଡିଥିଲା । ଫଳରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା । ଏହି ସମୟରେ ରମେଶ ବାଡ଼ିକୁ ଯାଇଥିଲେ । ସେତିକିବେଳେ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ । ତାଙ୍କ ଚିତ୍କାର ଶୁଣି ପରିବାର ଲୋକ ପହଞ୍ଚି ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ଫୋନ୍ କରିଥିଲେ । ହେଲେ କର୍ମଚାରୀ ଜଣକ ଟୋଲ୍‌ଫ୍ରି ନମ୍ବରକୁ ଫୋନ୍ କରିବାକୁ କହିଥିଲେ । ଟୋଲଫ୍ରି ନମ୍ବରକୁ ଫୋନ୍ କରିବାରୁ ନିକଟସ୍ଥ ବିଦ୍ୟୁତ୍ ବିଭାଗକୁ ଫୋନ୍ କରିବାକୁ କହିଥିଲେ । ହେଲେ କେହି ବିଦ୍ୟୁତ୍ କାଟିବା ପାଇଁ ପଦକ୍ଷେପ ନେଇନଥିବା ରମେଶଙ୍କ ବଡ ପୁଅ ଅପନା ପ୍ରଧାନ ଅଭିଯୋଗ କରିଛନ୍ତି । ତେବେ ପରିବାର ଲୋକ କୌଶଳକ୍ରମେ ରମେଶଙ୍କୁ ଉଦ୍ଧାର କରି ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରମେଶଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଘଟଣାର ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷେ ପରିବାର ଲୋକ ଘଟଣାର ତଦନ୍ତ କରି କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି । ଏନେଇ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ନାୟକଙ୍କୁ ପଚାରିବାରୁ ସେ ଫୋନ୍ ରିସିଭ୍ କରି ତୁରନ୍ତ ରମେଶଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ପରାମର୍ଶ ଦେଇଥିବା କହିଛନ୍ତି । ଏଥିସହ ସେ କହିଛନ୍ତି ଯେ ବିଭାଗର ଏକ ତଦନ୍ତକାରୀ ଟିମ୍ ପହଞ୍ଚି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



# ରୋଟାରୀ କ୍ଲବ ମହାନଦୀ ପକ୍ଷରୁ ରାଷ୍ଟ୍ର ନିର୍ମାତା ପୁରସ୍କାର ପ୍ରଦାନ

**କଟକ, ନ୍ୟୁଜ୍ ବ୍ୟୁରୋ**

ରୋଟାରୀ କ୍ଲବ କଟକ ମହାନଦୀ ପକ୍ଷରୁ ଦୋଳମୁଣ୍ଡାଇ ସ୍ଥିତ ଏକ ହୋଟେଲ୍‌ରେ ଆୟୋଜିତ ଉତ୍ସବରେ ଶିକ୍ଷକମାନଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ପ୍ରତି ବର୍ଷ ସେପ୍ଟେମ୍ବର ମାସରେ ରୋଟାରୀ କ୍ଲବ ପକ୍ଷରୁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ସମ୍ମାନୀତ ଓ ସମ୍ବର୍ଦ୍ଧିତ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ଭାବରେ ଯଥାକ୍ରମେ ବିଶିଷ୍ଟ ଶିକ୍ଷାବିତ୍ ଡଃ ସତ୍ୟକାମ ମିଶ୍ର ଓ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟାପକ ଡଃ ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇଥିଲେ । କ୍ଲବର ଆସିଷ୍ଟାଣ୍ଟ ଗଭର୍ଣ୍ଣର ଡଃ ମୀରା ପୃଷ୍ଟି ମଧ୍ୟ ଏହି ଉତ୍ସବରେ ଯୋଗଦେଇଥିଲେ । ଏଥିରେ ସଭାପତିତ୍ୱ କରିଥିଲେ କ୍ଲବର ସଭାପତି ରୋଟାରୀଆନ୍ ସି. କେ. ଭାଗ୍ୟଶ୍ରୀ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସମ୍ପାଦକ ରୋଟାରୀଆନ୍ ମହେନ୍ଦ୍ର ଦାସ ଚଳିତ ବର୍ଷର ପୁରସ୍କୃତ ଶିକ୍ଷୟତ୍ରୀମାନେ ହେଲେ କ୍ରିଷ୍ଣାରାଣୀ ଦେ, ରୀନା ପଟ୍ଟନାୟକ, ରଞ୍ଜିତା ପ୍ରଧାନ, ସଂଘମିତ୍ରା ପାଢ଼ୀ ଓ ସୁନୀତା ତ୍ରିପାଠୀ । ଏହି ଉତ୍ସବରେ ଅନେକ ରୋଟାରୀଆନ୍ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ । ଉତ୍ସବକୁ ପରିଚାଳନା କରିଥିଲେ ରୋଟାରୀଆନ୍ ସୁଜାତା ମହାପାତ୍ର, ନଟବର ପଣ୍ଡା, ରାଜଲକ୍ଷ୍ମୀ ପାତ୍ର, ସରୀତା ମିଶ୍ର, ଅଙ୍କିତ ଭୁତ୍, ଆରତୀ ଗିରି ଓ ସବିତା ପରିଡ଼ା ।

# ମଦ ଜବତ, ଜଣେ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ଦେଶୀମଦ କାରବାର ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲା ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଶ ଗଡ଼ିଆ ଗ୍ରାମର ରାମଚନ୍ଦ୍ର ମୁର୍ମୁ (୨୩) । ସେ ଏକ ସ୍କୁଟିରେ ଆଠଗଡ଼ ଅଞ୍ଚଳରୁ ୬୦ ଲିଟର ଦେଶୀ ମଦ ନେଇ ଚୌଦ୍ୱାର ଆଡ଼କୁ ଆସୁଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ନିକଟବର୍ତ୍ତୀ ଧୂମାବତୀ ଛକରେ ପୋଲିସ ହାତରେ ଧରାପଡ଼ିଥିଲା ।

# ମହୀଧରପଡ଼ା ଡାକ୍ତରଖାନାରେ ରୋଗୀ ହନ୍ତସନ୍ତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ପିଏନ୍‌ଏସ୍ ରୋଗୀମାନଙ୍କୁ ଉତ୍ତମ ମୁକ୍ତ ଚିକିତ୍ସା ଯୋଗାଇଦେବାକୁ ରାଜ୍ୟ ଓ କେନ୍ଦ୍ରସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଦୁଃଖର କଥା, କିଛି ଡାକ୍ତର ଓ କର୍ମଚାରୀଙ୍କ ମନମାନିଯୋଗୁ ଏଭଳି ମହାନ ଉଦ୍ଦେଶ୍ୟ କାର୍ଯ୍ୟକାରି ହୋଇପାରୁନାହିଁ । ଏହିଭଳି ଏକ ସମ୍ବେଦନଶିଳ ଘଟଣା କଟକଜିଲ୍ଲା ବାରଙ୍ଗବ୍ଲକ ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟିଛି । ହରିଅନ୍ତା ପଞ୍ଚାୟତ ଉଲ୍ଲାରଗ୍ରାମର ଜଣେ ବରିଷ୍ଠ ନାଗରିକ ହେମନ୍ତ ପ୍ରଧାନ (୬୧) ନିଜର ଚିକିତ୍ସା ପାଇଁ ଯାଇଥିଲେ । ଟିକେଟ୍ କାଉଣ୍ଟର ଧାଡ଼ିରେ ଟିକେଟ୍ ପାଇଁ ୧୧.୫୫ରେ ଛିଡାହେଲେ । ତାଙ୍କସହ ଅନ୍ୟଜଣେ ରୋଗୀ ଟିକେଟ୍ ପାଇଁ ଛିଡ଼ା ହୋଇଥିବା ଅବସ୍ଥାରେ ଟିକେଟ୍ ଦେଉଥିବା କର୍ମଚାରୀ ସମୟ ହୋଇଗଲାଣି ଆଉ ଟିକେଟ୍ ଦେଇହେବନାହିଁ କହି ଝରକା ବନ୍ଦ କରିଦେଲେ । ହେମନ୍ତ ଆଉଟ୍‌ଡୋର୍‌ରେ ଥିବା ଡାକ୍ତରଙ୍କୁ ଭେଟି ସବୁ କଥା କହି ନିଜର ଚିକିତ୍ସା କଥା କହିବାରୁ ଟିକେଟ୍ ବିନା ଦେଖିପାରିବେ ନାହିଁ ବୋଲି କହି ତାଙ୍କର ଚିକିତ୍ସା କଲେନାହିଁ । ଏହା ହେଉଛି କଟକ ଭୁବନେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଡାକ୍ତରଖାନାର ରୋଗୀସେବାର ପ୍ରକୃତ ପ୍ରମାଣ । ଏହି ଡାକ୍ତରଖାନାରେ ବାରଙ୍ଗ, ସଦର, କଣ୍ଟାପଡ଼ା, ବାଲିଅନ୍ତା ଓ କଟକ ଭୁବନେଶ୍ୱର ମହାନଗର ଅଞ୍ଚଳର ସର୍ବାଧିକ ଲୋକ ଚିକିତ୍ସା ପାଇଁ ନିର୍ଭରଶୀଳ । ଜଣେ ବରିଷ୍ଠ ନାଗରିକ ରୋଗୀଙ୍କ ପ୍ରତି ଏଭଳି ହୃଦୟହୀନ ବ୍ୟବହାର କେତେ ଗ୍ରହଣୀୟ ଓ ରାଜଧାନୀ ଠାରୁ ଦୂରରେ ଥିବା ଡାକ୍ତରଖାନା ଗୁଡିକରେ କିପରି ରୋଗୀଙ୍କୁ ଚିକିତ୍ସା ମିଳୁଥିବ ତାହା ସହଜରେ ଅନୁମେୟ । ଏଭଳି ଗୁରୁତ୍ୱ ରଖିଥିବା ଡାକ୍ତରଖାନାରେ ବର୍ଷରୁ ଅଧିକ ଦିନ ଧରି ପ୍ରସୂତି ଡାକ୍ତର ନଥିବାରୁ ସ୍ଥାନୀୟ ଗର୍ଭବତୀ ମହିଳାମାନେ ଖର୍ଚ୍ଚାନ୍ତ ହୋଇ କଟକ ଭୁବନେଶ୍ୱର ଡାକ୍ତରଖାନାରେ ଡେଲିଭରି କରୁଛନ୍ତି । ଶୀଘ୍ର ଆଉଟ୍‌ଡୋର୍ ବନ୍ଦ କରି ନିଜ ସରକାରୀ ଘରେ ଟଙ୍କା ନେଇ ଡାକ୍ତରମାନେ ରୋଗୀ ଦେଖୁଛନ୍ତି । ଡାକ୍ତରଖାନାରେ ଏଭଳି ଖରାପ ବ୍ୟବହାର ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।କରାଯାଇଛି ।

# ଶିକ୍ଷକ ଦାବି ପୂରଣ ନିମନ୍ତେ ତାଲାବନ୍ଦ ଆନ୍ଦୋଳନ

**ପଦ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାର ପାଇକମାଳ ବ୍ଲକ ବରତୁଣ୍ଡା ଇନ୍ଦିରା ପ୍ରିୟଦର୍ଶନୀ ଉଚ୍ଚ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦବୀ ପୂରଣ ଦାବିରେ ତାଲା ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ସ୍କୁଲ୍ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ତାଲା ଦେଇ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ । ଗତ ଦୁଇବର୍ଷ ହେବ ନବମ ଓ ଦଶମ ଶ୍ରେଣୀରେ ପ୍ରାୟ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଥିଲେ ହେଁ ମାତ୍ର ୩ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ଏହାକୁ ନେଇ ପରିଚାଳନା କମିଟି ତଥା ଅଭିଭାବକମାନେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଠାରେ ଅଭିଯୋଗ କରୁଥିଲେ ହେଁ ଶିକ୍ଷକ



ପଦବୀ ପୂରଣ ନେଇ କୌଣସି ପ୍ରକାର ଉଚିତ୍ ପଦକ୍ଷେପ ନେଉନଥିଲେ । ଏଥିଯୋଗୁ ତାଲା ବନ୍ଦ ଆନ୍ଦୋଳନ କରିବାକୁ ବାଧ ହୋଇ ପଡ଼ିଥିବା କମିଟି ସଦସ୍ୟ ପ୍ରକାଶ କରିଛନ୍ତି । ତାଲା ବନ୍ଦ ଆନ୍ଦୋଳନ ଯୋଗୁ ଶିକ୍ଷା ବାଧାପ୍ରାପ୍ତ ହେବା ଦୃଷ୍ଟିରୁ ପାଇକମାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରଛାତ୍ରୀ, ଅଭିଭାବକ ଓ କମିଟି ସଦସ୍ୟଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ସ୍ୱରୂପ ଡେପୁଟେସନ୍‌ରେ ଆହୁରି ୨ ଜଣ ଶିକ୍ଷକ ଦେବା ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ହୋଇଥିଲା । ସ୍ଥାୟୀ ଶିକ୍ଷକ ନଦେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବାକୁ କମିଟି ଚେତାବନୀ ଦେଇଛି ।

# ସର୍ପ ଦଂଶନରେ ଯୁବତୀଙ୍କ ମୃତ୍ୟୁ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

କୁରାବେଡା ଗ୍ରାମର ଜଣେ ଯୁବତୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ରାଇଘର ଥାନା ଅଧୀନରେ ଥିବା କୁରବେଡା ଗ୍ରାମର ଧନୁମତି ଝାଙ୍କର (୩୨) ସକାଳୁ ଉଠି ଘର ସାମ୍ନାରେ ଝାଡୁ କରି ଗୋବର ପାଣି ପକାଇବା ସମୟରେ ପାଚେରୀ ଦ୍ୱାର ନିକଟରେ ଥିବା ଏକ ଗାତରୁ ଏକ ବିଷଧର ସାପ ବାହାରି ଧନୁମତିର ଡାହାଣ ପାଦକୁ କାମୁଡିଥିଲା । ଏହା ପରିବାର ଲୋକେ ଜାଣିବା ପରେ ତାଙ୍କୁ ସାଙ୍ଗେ ସାଙ୍ଗେ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହାପରେ ପୋଲିସ ମେଡିକାଲ୍‌ରେ ପହଞ୍ଚି ତାଙ୍କ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ରାଇଘର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା ପୋଲିସ ।

# ବେଆଇନ୍ ବାଲି ଉତ୍ତୋଳନ:ସେତୁ ଓ ଏସ୍‌କେପ୍ ପ୍ରତି ବିପଦ ଆଶଙ୍କା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ଭାବେ ବାଲି ଉତ୍ତୋଳନ ଓ ଚାଲାଣ ଯୋଗୁ ମଣିନାଥପୁର ନିକଟସ୍ଥ ବଲ୍ଲଭିଘାଟ ସେତୁ ଓ ବାଲି ପୋଖରୀ ଏସ୍‌କେପ୍ ପାଇଁ ବିପଦ ସୃଷ୍ଟି କରୁଛି ବୋଲି ଆଶଙ୍କା ପ୍ରକାଶ କରି ସ୍ଥାନୀୟ ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଜିଲ୍ଲାର ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ବିଭିନ୍ନ ସ୍ଥାନରେ ଅହରହ ବାଲି ଉତ୍ତୋଳନ ଓ ଚାଲାଣ ଏକ ବେପିଙ୍କର ବ୍ୟବସ୍ଥା ହୋଇଗଲାଣି । ବିଶେଷ କରି ନଦୀକୂଳ ଗାଁ ବନ୍ଧାଳୋ, ମଢିଆଳି, ମୁଢ଼ାପଦା, କୁମ୍ଭାରିଆ, ନେରଡ଼ା, ଝୁଟୁଣା, ବାବଲପୁର ପ୍ରମୁଖ ଅଞ୍ଚଳର ଚୋରା ବ୍ୟବସାୟୀ ଓ ଗାଡି ମାଲିକମାନେ ଏହି ବେଆଇନ୍ ଚାଲାଣକୁ ବର୍ଷ ବର୍ଷ ଧରି ଚଳାଇ ଆସୁଛନ୍ତି । ଫଳରେ ବୈତରଣୀ ନଦୀର ଭୌଗୋଳିକ ସ୍ଥିତିର ପରିବର୍ତ୍ତନ ଘଟୁଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ପୁରୁଣା ସ୍ଥାନ ମାନଙ୍କରୁ ବାଲି ପ୍ରାୟତଃ ସରିଯାଇଥିବା ବେଳେ ଏବେ ନୂତନ ସ୍ଥାନ ମାନ ନିରୂପଣ କରି ମାଫିଆମାନେ ଶହ ଶହ ଟ୍ରିପ୍ ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ବାଲିପୋଖରୀ ଏସ୍‌କେପ୍ ନିକଟ ବୈତରଣୀର ଏକ ଘଞ୍ଚ ବଣ ବୁଦା ଥିବା ସ୍ଥାନରୁ ଦୈନିକ ବାଲି ଉତ୍ତୋଳନ ହୋଇ ଚାଲାଣ ହେଉଛି । ପ୍ରାୟତଃ ରାତିବେଳା ଟ୍ରାକ୍ଟର ଯୋଗେ ନଦୀର ଏହି ଶୂନ୍‌ଶାନ୍ ସ୍ଥାନରୁ ବାଲି ଆସୁଥିବା ବେଳେ ବାଲିପୋଖରୀ ଏସ୍‌କେପ୍ ଦେଇ ଗାଡି ଗୁଡିକ ବିଭିନ୍ନ ସ୍ଥାନକୁ ଯାଉଛନ୍ତି । ସେହିଭଳି ମୁଢ଼ାପଦା ବଲ୍ଲଭିଘାଟ ସେତୁ ନିକଟରୁ ମଧ୍ୟ ବେଆଇନ୍ ବାଲି ଉତ୍ତୋଳନ ଓ ଚାଲାଣ ହେଉଥିବା ଜଣାଯାଇଛି । ପୂର୍ବରୁ ବେଆଇନ୍ ଚାଲାଣ ଉପରେ ସ୍ଥାନୀୟ ତହସିଲ ଓ ଥାନା କିଛି ମାତ୍ରାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଚୋରା ବେପାରୀ ଭୟ କରୁଥିଲେ ଓ ଧରା ପଡୁଥିଲେ । ଏବେ କିନ୍ତୁ ଆଉ ଏହା ଉପରେ ଅଧିକାରୀ ମାନେ ନଜର ଦେଉନଥିବା ଯୋଗୁ ଅବ୍ୟବସ୍ଥା ବଢୁଛି ବୋଲି କୁହାଯାଇଛି । ଜିଲ୍ଲାରେ ଏବେ ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ପରେ ଲଘୁ ଖଣିଜ ଦ୍ରବ୍ୟ ଗୁଡିକର ସୁରକ୍ଷା ଏହି ବିଭାଗର ପ୍ରାଥମିକତା ବୋଲି କୁହାଯାଉଛି । ତେଣୁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଜରିମାନା ବିନା ତହସିଲ ବିଭାଗ ଆଉ ବେଆଇନ୍ ବାଲିଗାଡି ଜବତ କରୁନାହିଁ । ଥାନା ମଧ୍ୟ ବିଭିନ୍ନ ରାସ୍ତା ଘାଟରେ ଯାଉଥିବା ବାଲି ଗାଡିକୁ ଧରିବା ପାଇଁ ଆଗଭର ହେଉନାହିଁ । ମୋଟାମୋଟି ଭାବେ ଏହି ଦୁଇ ବିଭାଗ ହାତରେ ଜରିମାନା ଆଦାୟ ହେଉ କିମ୍ବା ମାମଲା ରୁଜୁ ହେଉ କୌଣସି କ୍ଷମତା ଆଉ ଆଗଭଳି ନଥିବାରୁ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ମାନେ ବେଆଇନ୍ ଚାଲାଣ ଉପରୁ ନଜର ହଟାଇ ଦେଇଛନ୍ତି । ଖଣି ବିଭାଗର ଜଣେ ଦୁଇଜଣ ଅଧିକାରୀ କେବଳ ଧର୍ମକୁ ଆଖି ଠାର ଭଳି କେତେବେଳେ କେମିତି ନଦୀକୂଳବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରି ଫେରି ଯାଉଛନ୍ତି । ନୂତନ ସୈରାତ ନିଲାମ ହେଉ କିମ୍ବା ବେଆଇନ୍ ଚାଲାଣକୁ ରୋକିବା ହେଉ ସବୁଥିରେ ଯେମିତି ପ୍ରଶାସନିକ ବ୍ୟବସ୍ଥା ସକ୍ରିୟ ନଥିବା ଭଳି ସାଧାରଣ ଲୋକ ଅନୁଭବ କରୁଛନ୍ତି । ତେଣୁ ବୈତରଣୀ ନଦୀଗର୍ଭକୁ ଛାଡିଦେଲେ ନଦୀ ପଠା ଗୁଡିକ ଏବେ ବାଲି ଉତ୍ତୋଳନର ପ୍ରମୁଖ ଉତ୍ସ ପାଲଟିଛି । ତେଣୁ ଏଥିପାଇଁ ପାର୍ଶ୍ୱବର୍ତ୍ତୀ ଜନବସତି ସମେତ ସେତୁ ଓ ଏସ୍‌କେପ୍‌କୁ ବିପଦ ଆସୁଥିବା ମତ ପ୍ରକାଶ ପାଇଛି । ଖଣି ଉପନିର୍ଦ୍ଦେଶକ ପୁଲିସ ପାଖରେ ବେଆଇନ୍ ପରିବହନ କରୁଥିବା ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଇନ୍ ରହିଛି ବୋଲି ଉଲ୍ଲେଖ କରି ବିଭାଗର କର୍ମଚାରୀ ଓ ଠିକଣା ସୁରକ୍ଷା ବ୍ୟବସ୍ଥା ଅଭାବରୁ ଏପରି ସ୍ଥିତି ଉପୁଜୁଥିବା ବେଳେ ବିଭାଗର ନଜର ରହିଛି ବୋଲି କହିଛନ୍ତି ।

# ଟାର୍ଗେଟ ୫୧୫ : ବାଂଲାଦେଶ ୧୫୮/୪

**ଚେନ୍ନାଇ**

ଏବେ ବି ବାଂଲାଦେଶ ବିଜୟ ଠାରୁ ଆହୁରି ୩୫୭ ରନ ପଛରେ ରହିଛି । ଭାରତ ବିଜୟ ପାଇଁ ଆଉ ୬ଟି ୱିକେଟ ଆବଶ୍ୟକ କରୁଛି ।

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟକୁ ନିଜ ନିୟନ୍ତ୍ରଣରେ ରଖିଛି । ଭାରତ ବିଜୟ ପାଇଁ ବାଂଲାଦେଶକୁ ଭାରତ ୫୧୫ ରନର ବିଶାଳ ଟାର୍ଗେଟ ଦେଇଥିବା ବେଳେ ଭ୍ରମଣକାରୀ ଦଳ ବ୍ୟାକଫୁଟକୁ ଚାଲି ଯାଇଛି । ଖରାପ ଆଲୁଅ ପାଇଁ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ୪ ୱିକେଟ ହରାଇ ୧୫୮ ରନ କରିଛି ।

ଏବେ ବି ଦଳ ବିଜୟ ଠାରୁ ଆହୁରି ୩୫୭ ରନ ପଛରେ ରହିଛି । ଭାରତ ବିଜୟ ପାଇଁ ଆଉ ୬ଟି ୱିକେଟ ଆବଶ୍ୟକ କରୁଛି । ଚେନ୍ନାଇର ଏମ ଚିଦାମ୍ବରମ ଷ୍ଟାଡିୟମରେ ଖେଳା ଯାଉଥିବା ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନରେ ସ୍ପିନ କାମ କରିବା ଆରମ୍ଭ କରିଛି ।

ଲୋକାଲ ବୟ ରବିଚନ୍ଦ୍ରନ ଅଶ୍ୱିନ ଏକାକୀ ୩ ୱିକେଟ ନେଇ ବାଂଲାଦେଶର ମେରୁଦଣ୍ଡ ଭାଙ୍ଗି ଦେଇଛନ୍ତି । ତେଣୁ ଆସନ୍ତାକାଲି ଲଞ୍ଚ ପୂର୍ବରୁ କିମ୍ବା କିଛି ଘଣ୍ଟା ମଧ୍ୟରେ ହିଁ ମ୍ୟାଚ୍ ଶେଷ ହୋଇଯିବ ବୋଲି ଆଶା କରାଯାଉଛି । କାରଣ ଆସନ୍ତାକାଲି ଠାରୁ ପିଚ ସ୍ପିନରଙ୍କୁ ସୁହାଇବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ସାମ୍ନା କରିବା ବାଂଲାଦେଶ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ ।

ତୃତୀୟ ଦିନର ଖେଳ ବନ୍ଦ ହେବା ବେଳକୁ ବାଂଲାଦେଶର ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ୫୧ ରନ ଓ ଅଭିଜ୍ଞ ଶାକିବ ଅଲ ହାସନ ୫ ରନ କରି ଅପରାଜିତ ରହିଛନ୍ତି । ତେଣୁ ଉଭୟ ଆସନ୍ତାକାଲି ବାଂଲାଦେଶ ପାଇଁ ମ୍ୟାଚ୍ ବଞ୍ଚାଇବାକୁ ଚେଷ୍ଟା କରିବେ । ଏଥିସହ ଚେନ୍ନାଇରେ ଆସନ୍ତାକାଲି ବର୍ଷାର ଆଶଙ୍କା ମଧ୍ୟ ରହିଛି । ତେଣୁ ଭାରତର ବିଜୟ ବାଟରେ ବର୍ଷା ବାଧକ ସାଜିପାରେ ।

ପ୍ରଥମ ଇନିଂସରେ ଭାରତ ୩୭୬ ରନ କରିଥିବା ବେଳେ ବାଂଲାଦେଶ ୧୪୯ ରନ କରି ଅଲଆଉଟ ହୋଇଯାଇଥିଲା । ଫଳରେ ଭାରତକୁ ୨୨୭ ରନର ଲିଡ ମିଳିଥିଲା । ଭାରତ ଫଲୋଅନ ନ ଦେଇ ପୁଣି ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା । ଦ୍ୱିତୀୟ ଇନିଂସରେ ଋଷଭ ପନ୍ତଙ୍କ ୧୦୯ ଓ ଶୁବମନ ଗିଲଙ୍କ ଅପରାଜିତ ୧୧୯ ରନ ବଳରେ ଭାରତ ୪ ୱିକେଟ ହରାଇ ୨୮୭ ରନ କରିବା ପରେ ପାଳି ଘୋଷଣା କରିଥିଲା । ଏଥିଯୋଗୁ ବାଂଲାଦେଶକୁ ମ୍ୟାଚ ଜିତିବା ପାଇଁ ୫୧୫ ରନର ଟାର୍ଗେଟ ମିଳିଥିଲା ।




ଏହି ବିଶାଳ ଟାର୍ଗେଟକୁ ବାଂଲାଦେଶର ଦୁଇ ଓପନର ଜାକିର ହାସନ ଓ ଶାଦମନ ଇସଲାମ ଦମଦାର ଢଙ୍ଗରେ ପିଛା କରିଥିଲେ । ଉଭୟ ବଡ଼ ବଡ଼ ଶଟ ଖେଳି ଟି ବ୍ରେକ ସୁଦ୍ଧା ଦଳୀୟ ସ୍କୋରକୁ ୫୬ରେ ପହଞ୍ଚାଇ ଦେଇଥିଲେ । ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ଆକାଶ ଦୀପ ଓ ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ କରିଥିଲେ ହେଁ ଟି ବ୍ରେକ ପୂର୍ବରୁ କିଛି ବି ଲାଭ ମିଳି ନଥିଲା ।

ତେବେ ଟି ବ୍ରେକ ପରେ ମିଳିଥିଲା ସଫଳତା । ବୁମ୍ରା ୩୩ ରନ କରିଥିବା ଜାକିରଙ୍କୁ ଆଉଟ କରି ବାଂଲାଦେଶକୁ ପ୍ରଥମ ଝଟକା ଦେଇଥିଲେ । ଫିଲ୍ଡିଂ କରିଥିବା ଯଶସ୍ୱୀ ଜୈସୱାଲ ଡାଇଭ ମାରି କ୍ୟାଚ୍ କରି ଜାକିରଙ୍କୁ ପ୍ୟାଭିଲିୟନ ପଠାଇଥିଲେ ।

ଏହାପରେ ଜଲୱା ଦେଖାଇଥିଲେ ଆଶ ଆନ୍ନା ଓରଫ ଅଶ୍ୱିନ । ସେ ଅନ୍ୟତମ ଓପନର ଇସଲାମ(୩୫)ଙ୍କୁ ଶୁବମନ ଗିଲଙ୍କ ହାତରେ କ୍ୟାଚ ଆଉଟ କରାଇଥିଲେ । ମୋମିନୁଲ ହକ କିଛି ଶଟ ଖେଳିଥିଲେ ହେଁ ୧୩ ରନ କରି ଅଶ୍ୱିନଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ । ଅଭିଜ୍ଞ ମୁଶଫିକର ରହିମ ୧୧ ବଲରେ ୧୩ ରନ କରି ଅଶ୍ୱିନଙ୍କ ତୃତୀୟ ଶିକାର ବନିଥିଲେ ।

ଗୋଟିଏ ପଟେ ୱିକେଟ ଯାଉଥିଲେ ହେଁ ବାଂଲାଦେଶର ଅଧିନାୟକ ସାଣ୍ଟୋ ଆଟାକିଂ ଶଟ ମାରି ଚାଲିଥିଲେ । ଏଥିସହ ସେ ତାଙ୍କ ଟେଷ୍ଟ କ୍ୟାରିୟରରେ ୪ର୍ଥ ଅର୍ଦ୍ଧଶତକ ହାସଲ ମଧ୍ୟ କରିଛନ୍ତି । ତାଙ୍କୁ ଶାକିବ ସାଥ ଦେବା ସହ ବ୍ୟାଡ ଲାଇଟ ପାଇଁ ଖେଳ ବନ୍ଦ ହେବା ଯାଏ ଭାରତକୁ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନାହାନ୍ତି । ବାଂଲାଦେଶ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ୪ ୱିକେଟ ହରାଇ ୧୫୮ ରନ କରିଛି ।

## ଫେରିବା ପାଇଁ ପ୍ରତିଶ୍ରୁତିବଦ୍ଧ



**ଚେନ୍ନାଇ**

ଦୁଇଟି ଯାକ ଇନିଂସରେ ଫେଲ ମାରିବା ପରେ ବିରାଟ ଏମିତି କିଛି କରିଛନ୍ତି, ଯାହା ପୂରା ଭାଇରାଲ ହେଉଛି । ଫ୍ଲପ ହେବା ପରେ ବିରାଟ ସତେ ଯେମିତି ଲୟକୁ ଫେରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ଭାରତ ନିୟନ୍ତ୍ରଣରେ ରହିଛି । କିନ୍ତୁ ଏହି ଟେଷ୍ଟରେ ବିରାଟ କୋହଲିଙ୍କ ବ୍ୟାଟ ଆଦୌ ଚାଲି ନାହିଁ । ସେ ପ୍ରଥମ ଇନିଂସରେ ୬ ରନ ଓ ଦ୍ୱିତୀୟ ଇନିଂସରେ ୧୭ ରନ କରିବାକୁ ସକ୍ଷମ ହୋଇଛନ୍ତି ।

ଦୁଇଟି ଯାକ ଇନିଂସରେ ଫେଲ ମାରିବା ପରେ ବିରାଟ ଏମିତି କିଛି କରିଛନ୍ତି, ଯାହା ପୂରା ଭାଇରାଲ ହେଉଛି । ଫ୍ଲପ ହେବା ପରେ ବିରାଟ ସତେ ଯେମିତି ଲୟକୁ ଫେରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।

କାରଣ ତୃତୀୟ ଦିନର ଖେଳ ଚାଲୁଥିବା ବେଳେ ଗ୍ରାଉଣ୍ଡ ନିକଟରେ ଥିବା ନେଟ୍ସରେ ବିରାଟ ଢେର ସମୟ ବ୍ୟାଟିଂ କରିଛନ୍ତି । ତୃତୀୟ ଦିନରେ ଋଷଭ ପନ୍ତ ଓ ଶୁବମନ ଗିଲ୍ ମ୍ୟାଚ୍‌ରେ ବ୍ୟାଟିଂ କରୁଥିବା ବେଳେ ବିରାଟ କିନ୍ତୁ ଏହାକୁ ବେଶୀ ସମୟ ଦେଖି ନଥିଲେ । ସେ ମ୍ୟାଚ୍ ବେଳେ ନେଟ୍ସରେ ଝାଳ ବୁହାଇଥିଲେ । ତାଙ୍କ ସହ ଯଶସ୍ୱୀ ଜୈସୱାଲ ମଧ୍ୟ କିଛି ସମୟ ଥ୍ରୋ ଡାଉନ ଅଭ୍ୟାସ କରିଛନ୍ତି ।

## ପନ୍ତ ଇଜ୍ ବ୍ୟାକ ! ଶତକ ମାରି ଧୋନିଙ୍କ ସମକକ୍ଷ ହେଲେ

**ନୂଆଦିଲ୍ଲୀ**

ଶତକ ହାସଲ କରିବା ପରେ ପନ୍ତ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ସମକକ୍ଷ ହୋଇଛନ୍ତି ।

ଋଷଭ ପନ୍ତ ଇଜ ବ୍ୟାକ । ଖାଲି କମବ୍ୟାକ କରି ନାହାନ୍ତି ବରଂ ନିଜ ଯାଦୁ ମଧ୍ୟ ଦେଖାଇଛନ୍ତି । କାର ଦୁର୍ଘଟଣା ଯୋଗୁ କ୍ରିକେଟରୁ ଦୂରେଇ ରହିଥିବା ପନ୍ତ ପ୍ରାୟ ୨ ବର୍ଷ ପରେ ଟେଷ୍ଟ କ୍ରିକେଟକୁ ଫେରିଛନ୍ତି । ସେ ବାଂଲାଦେଶ ବିପକ୍ଷରେ ନିଜର କମବ୍ୟାକ ଟେଷ୍ଟ ଖେଳୁଥିବା ବେଳେ ଦ୍ୱିତୀୟ ଇନିଂସରେ ମାରିଛନ୍ତି ଦମଦାର ଶତକ ।





ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ । ଏହି ଶତକ ହାସଲ କରିବା ପରେ ପନ୍ତ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ସମକକ୍ଷ ହୋଇଛନ୍ତି । ଧୋନି ମଧ୍ୟ ଭାରତର ୱିକେଟ ରକ୍ଷକ ଭାବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ୬ଟି ଶତକ ମାରିଥିଲେ । ପନ୍ତ ମଧ୍ୟ ଶତକ ମାରି ତାଙ୍କ ସମକକ୍ଷ ହୋଇପାରିଛନ୍ତି ।

ତେବେ ଧୋନି ୯୦ଟି ଟେଷ୍ଟ ମ୍ୟାଚ୍‌ର ୧୪୪ଟି ଇନିଂସରେ ଏପରି କୀର୍ତ୍ତିମାନ ହାସଲ କରିଥିବା ବେଳେ ପନ୍ତ କେବଳ ୩୪ଟି ମ୍ୟାଚର ୫୮ଟି ଇନିଂସରେ ତାଙ୍କ ସମକକ୍ଷ ହୋଇଯାଇଛନ୍ତି ।

ପନ୍ତଙ୍କ କମବ୍ୟାକ କଥା ଦେଖିଥିଲେ, ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଦଳ । ୩୪ ରନରେ ୩ ୱିକେଟ ହରାଇଥିଲା । ଏତିକି ବେଳେ ପନ୍ତ ଓ ଯଶସ୍ୱୀ ଦମଦାମର ପ୍ରଦର୍ଶନ କରିଥିଲେ । ଉଭୟ ୪ର୍ଥ ୱିକେଟ ପାଇଁ ୬୨ ରନପନ୍ତ ଯୋଡ଼ିଥିଲେ । ପ୍ରଥମ ଦିନର ଲଞ୍ଚ ପରେ ପନ୍ତ ବଡ଼ ଶଟ ଖେଳିବାକୁ ଯାଇ ୩୯ ରନରେ ଆଉଟ ହୋଇଯାଇଥିଲେ ।

ଦ୍ୱିତୀୟ ଇନିଂସରେ ଭାରତର ସ୍କୋର ୮୩/୩ ଥିବା ବେଳେ ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ । ଏଥର ତାଙ୍କ ସହ କ୍ରିଜରେ ଶୁବମନ ଗିଲ ରହିଥିଲେ । ଉଭୟ ନିଜ ନିଜର ଦମ ଦେଖାଇବା ସହ ଶତକ ମଧ୍ୟ ହାସଲ କରିଥିଲେ ।

ପନ୍ତ ୧୨୪ ବଲରେ ଶତକ ହାସଲ କରିବା ପରେ ଗିୟର ବଦଳାଇଥିଲେ । କିନ୍ତୁ ସେ ଆଉ ୯ ରନ କରିବା ପରେ ଆଉଟ ହୋଇଯାଇଥିଲେ । ତେବେ କମବ୍ୟାକ ମ୍ୟାଚ୍‌ରେ ସେ ଶତକ ହାସଲ କରି ସମସ୍ତଙ୍କୁ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ।

ଏବେ ସେ ୱିକେଟ କିପର ଭାବେ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ସର୍ବାଧିକ ଶତକ ହାସଲକାରୀ ଖେଳାଳି ହୋଇଛନ୍ତି । ଅବଶ୍ୟ ଧୋନି ଏବେ ଯୁଗ୍ମ ଭାବେ ଏହି ସ୍ଥାନରେ ରହିଛନ୍ତି । ଏହି ଦୁଇ ଜଣଙ୍କ ବ୍ୟତୀତ ରିଦ୍ଧିମାନ ସାହା ମଧ୍ୟ ୫୪ଟି ଇନିଂସରେ ଭାରତ ପାଇଁ ଟେଷ୍ଟରେ ୩ଟି ଶତକ ମାରିଛନ୍ତି ।

## ବ୍ଲକ ସ୍ତରୀୟ କୁଇଜ୍ ପ୍ରତିଯୋଗିତା

**ସୁବର୍ଣ୍ଣପୁର : ନ୍ୟୁଜ୍ ବ୍ୟୁରୋ**

ବ୍ଲକ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳିକା ବିଦ୍ୟାଳୟ ସୋନପୁର ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବ ରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ, ସମ୍ମାନିତ ଅତିଥି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ଦାସ ଯୋଗଦେଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସଂଗୀତଜ୍ଞ, କବି ଲେଖକ ଶ୍ରୀଧର ବାଗ, ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର ଯୋଗଦେଇ କୁଇଜ୍ ପ୍ରତିଯୋଗିତା ଛାତ୍ରଛାତ୍ରୀ ମାନଙ୍କଜୀବନକୁ କିପରି ପରିବର୍ତ୍ତନ କରିଦେଇପାରେ ତାହା ଉପରେ ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଜ୍ଞା ପରିମିତା ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷକ କୁଇଜ୍ ପ୍ରତିଯୋଗିତାର ମହତ୍ତ୍ୱ ଓ ଆୟୋଜନ ସମ୍ବନ୍ଧରେ ସୂଚନା ଦେଇଥିବାବେଳେ ସି. ଆର. ସି. ସି.



ବ୍ରତାନନ୍ଦ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସି ଆର ସି ସି ଉମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସି ଆର ସି ସି ଗୀତାଞ୍ଜଳି ଦରୱାନ, ପ୍ରଶନ୍ନ ପଣ୍ଡା ସହ ସମସ୍ତ ସି ଆର ସି ସି ଓ ବିଚାରକ ଭାବରେ ମାମା ମାଧୁରୀ ପଣ୍ଡା ପ୍ରଗତି ପୁରୋହିତ, ମାମା ବଢ଼ିଆ, ସସ୍ମିତା ପାତ୍ର, ଏନ. ସୁସନ୍ନା, ଶଙ୍କର ଡାଙ୍ଗ ଓମପ୍ରକାଶ ପୁଜାହାରୀ, ରଶ୍ମିତା ସାହୁ ଅମ୍ବୁଜ ବିହାରୀ ଶତପଥୀ, ସ୍ୱପ୍ନାରାଣୀ ସେଠି ସହଯୋଗ କରିଥିଲେ । ବି. ଆର. ଟି. ରଞ୍ଜନ ସା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ୨୦୦ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧମିକ ବର୍ଗର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ଦିଆଯାଇଥିବାବେଳେ ସମସ୍ତ ପ୍ରତିଭାଗୀ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ ମଧ୍ୟ ଆଞ୍ଚଳିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହାରାଜା ଉଚ୍ଚ ବିଦ୍ୟାଳୟର ଛାତ୍ର ମାନେ ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ବଡବଜ଼ାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଅର୍ଜନ କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି । ବିଚାରକ ଭାବରେ ସି. ଆର. ସି. ସି. ସଞ୍ଜୀବ ନାଗ ଶିକ୍ଷକ ଘନଶ୍ୟାମ ମିଶ୍ର ଓ ନୃତ୍ୟ ଶିଳ୍ପୀ ମମତା ଗଡୁଆ ଯୋଗଦେଇଥିଲେ ।

## ଶେଷ ହେଲା ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମଜିଏମ ଫାଓ ଲିଗ୍-୨୦୨୪

**କଟକ : ନ୍ୟୁଜ୍ ବ୍ୟୁରୋ**

ଶେଷ ହେଲା କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମଜିଏମ ଫାଓ ଲିଗ୍-୨୦୨୪ । ଏଥିରେ ସନରାଇଜ କ୍ଲବ୍ ଚାମ୍ପିଅନ ହୋଇଥିବା ବେଳେ ରୋଭର୍ସ କ୍ଲବ୍ ରନର ଅପ୍ ହୋଇଛି । ଫାଇନାଲ ମ୍ୟାଚରେ ରୋଭର୍ସ କ୍ଲବକୁ ୧-୦ ଗୋଲରେ ପରାସ୍ତ କରିଛି ସନରାଇଜ କ୍ଲବ୍ । ଦୀର୍ଘ ମାସ ଧରି ଚାଲିଥିବା ଏହି ଲିଗରେ କଟକର ୩୩ ଟି ଦଳ ଭାଗ ନେଇଥିଲେ । ଏଥିରେ ରାଜ୍ୟ ସହ ରାଜ୍ୟ ବାହାରର ଅନେକ ଖେଳାଳୀ ବିଭିନ୍ନ ଟିମରେ ଖେଳିଥିଲେ । ତେବେ ଏହି ଲିଗର ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫୁଟବଲ ସଂଘ ସଂପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅଲମ୍ପିକ୍ସ ସଂଘ ସଂପାଦକ ଯୋଗ ଦେଇଥିଲେ ।

## ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ମ୍ୟାଚର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



**କେନ୍ଦୁଝର : ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଗ୍ରାମ ନିକଟ କରଞ୍ଜିଆପଡ଼ାରେ ଅନୁଷ୍ଠିତ ହେଉଥିବା ମାତାରିଣୀ କ୍ଲବର ୧୮ ତମ ଜାତୀୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି । ସେଠାରେ ପହଁଚିବା ପରେ ହାତ ହଲାଇ ଉପସ୍ଥିତ ଖେଳାଳି ଓ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ । ନିଜେ ଆଗରୁ ମୁଖ୍ୟମନ୍ତ୍ରୀ ଏହି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରୁଥିବା ସହ ଏହି ପଡିଆରେ ନିଜେ ଖେଳୁଥିଲେ । 'ଫାଇନାଲ ମ୍ୟାଚ ରେ ମହାବୀର କ୍ଲବ କୁ ହରାଇ ବଡ଼ବିଲର ବମ ବମ ଭୋଲେ କ୍ଲବ ଚମ୍ପିୟାନ ହେବା ପରେ ମୁଖ୍ୟମନ୍ତ୍ରୀ ବିଜୟୀ ଦଳକୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାଚ ଅନୁଷ୍ଠିତ ହେଉଥିବା ଏହି ପଡ଼ିଆରେ ଏକ ମିନି ଷ୍ଟାଡ଼ିୟମ ହେବ ବୋଲି ଘୋଷଣା କଲେ ମୁଖ୍ୟମନ୍ତ୍ରୀ । ଏହାସହ ଅଞ୍ଚଳକୁ ନିଶାମୁକ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ , କୋରେଇ ବିଧାୟକ ଆକାଶ ଦାସ ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ ଏବଂ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ ।



## ସେଣ୍ଟ ଜାଭିୟର୍ସରେ ସିବିଏସଇ ବାସ୍କେଟ ବଲ ମହାକୁମ୍ଭ ଉଦଯାପିତ

**କଟକ: ନ୍ୟୁଜ୍ ବ୍ୟୁରୋ**

କଟକ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ବର୍ଷରେ ସିବିଏସଇ ଦିଲ୍ଲୀ ତରଫରୁ ଆୟୋଜିତ ବାସ୍କେଟ ବଲ କ୍ଲଷ୍ଟର ୨ ପ୍ରତିଯୋଗିତା ଉଦଯାପିତ ହୋଇଛି । ଏଥିରେ ୧୪, ୧୭ ଓ ୧୯ ବର୍ଷରୁ କମ ବାଳକ ଓ ବାଳିକା ବର୍ଗରେ ୬ଟି ଶିକ୍ଷାନୁଷ୍ଠାନର ବାସ୍କେଟ ବଲ ଦଳ କ୍ଲଷ୍ଟର ଚାମ୍ପିଅନ ହୋଇଛନ୍ତି ।

ଆୟୋଜକ ବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୧୪ ବର୍ଷରୁ କମ ବାଳିକା ବର୍ଗରେ କୋଲକାତାର ଲକ୍ଷ୍ମୀପଟ ଶିଙ୍ଘାଣିଆ ଏକାଡେମୀ ଓ ବାଳକ ବର୍ଗରେ ବରଗଡ଼ର ବିକାଶ ରେସିଡେନ୍ସିଆଲ ସ୍କୁଲ, ୧୭ ବର୍ଷରୁ କମ ବାଳିକା ବର୍ଗରେ ଛତିଶଗଡ଼ର ଦିଲ୍ଲୀ ପବ୍ଲିକ ସ୍କୁଲ କମଲ ବିହାର ଓ ବାଳକ ବର୍ଗରେ ଛତ୍ରପୁରର ଜ୍ଞାନ ବିକାଶ ଇଂଲିଶ ମିଡିୟମ ସ୍କୁଲ ଏବଂ ୧୯ ବର୍ଷରୁ କମ ବାଳିକା ଓ ବାଳକ ବର୍ଗରେ ଭୁବନେଶ୍ୱର ୟୁନିଟ ୧ର ଦ ମଦର୍ସ ପବ୍ଲିକ ସ୍କୁଲ କ୍ଲଷ୍ଟର ଚାମ୍ପିଅନ ହୋଇଛନ୍ତି ।

ସ୍ଥାନୀୟ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ କୁମାର ସେଠୀ କ୍ଲଷ୍ଟର ଚାମ୍ପିଅନ ଦଳଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ । ଉତ୍ସବରେ ସମ୍ମାନୀତ ଅତିଥି ଭାବେ ସିବିଏସଇ ନିରୀକ୍ଷକ ମୋନାଲିସା ମିଶ୍ର ଓ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତି ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ଡଃ ପ୍ରିୟଦର୍ଶୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ୪ ଦିନିଆ ପ୍ରତିଯୋଗିତା ସୁପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।




## ଜିଲ୍ଲାସ୍ତରୀୟ ଖୋ ଖୋ ଓ କବାଡି ପ୍ରତିଯୋଗିତା



**କେନ୍ଦ୍ରାପଡା : ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମହାକାଳପଡାରେ ରାମନଗର ସ୍ଥିତ ଆର୍‌ବି ହାଇସ୍କୁଲରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ଖୋ ଖୋ ଓ କବାଡି ପ୍ରତିଯୋଗିତାରେ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ଜଣାପଡିଛି । ୧୭ବର୍ଷ ଅଧିନ ଏବଂ ୧୪ବର୍ଷ ଅଧିନ ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ଖୋ ଖୋ ପ୍ରତିଯୋଗିତାରେ ୪ଗୋଟି ବ୍ୟାଚ୍ ଏବଂ କବାଡି ପ୍ରତିଯୋଗିତାରେ ଗୋଟିଏ ବ୍ୟାଚ୍ ଅଂଶଗ୍ରହଣ କରିଛନ୍ତି । ଷଷ୍ଠରୁ ଦଶମ ଶ୍ରେଣୀ ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ । ଛାତ୍ର/ଛାତ୍ରୀଙ୍କ ମଧ୍ୟରୁ ୩୬ଜଣ ଛାତ୍ର ଥିବାବେଳେ ୨୪ ଜଣ ଛାତ୍ରୀ ଅଛନ୍ତି । ଶୁକ୍ରବାର ସକାଳେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରୁ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହିରଣ୍ୟ ବାରିକଙ୍କ ଉପସ୍ଥିତିରେ ଏହି ୬୦ ଜଣ ଛାତ୍ରଛାତ୍ରୀଙ୍କୁ କ୍ରୀଡା ଶିକ୍ଷୟିତ୍ରୀ ସସ୍ମିତା ପଣ୍ଡା, ଉତ୍ତମ ସ୍ୱାଇଁ, ଗଜେନ୍ଦ୍ର ସ୍ୱାଇଁ, ପଙ୍କଜ ଦାସ, ଅନ୍ନପୂର୍ଣ୍ଣା ବେହେରା, ଚିତରଞ୍ଜନ ମିଶ୍ର, ମିନତୀ ଦାସ ପ୍ରମୁଖ ଗାଇଡ୍ ଟିଚର ହିସାବରେ ଛାତ୍ରଛାତ୍ରୀମାନଙ୍କୁ ନେଇ ମହାକାଳପଡା ଯାଇଥିବା ଜଣାପଡିଛି ।

## ସଂସ୍କୃତି ଭବନରେ ଭିନ୍ନକ୍ଷମଙ୍କ ପାଇଁ ର୍ୟାମ୍ପ ନିର୍ମାଣ କରାଯାଉ

**କେନ୍ଦ୍ରାପଡା : ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତି ଭବନରେ ଭିନ୍ନକ୍ଷମ ମାନଙ୍କ ପାଇଁ ର୍ୟାମ୍ପ ଏବଂ ଶୌଚାଳୟ ନିର୍ମାଣ କରିବା ପାଇଁ ପୁନର୍ବାସ ତରଫରୁ ଦାବି କରାଯାଇଛି । ଜିଲ୍ଲାର ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ କେନ୍ଦ୍ରାପଡା ଗୁଆଳ ସଂଠାରେ ହୋଇଥିବା ସଂସ୍କୃତି ଭବନ ଦୀର୍ଘ ବର୍ଷ ହେଲା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଏଥିରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମମାନେ ଏଥିରେ ଅଂଶଗ୍ରହଣ କରୁଥିବାବେଳେ ଏମାନଙ୍କର ଯିବା ଆସିବା ଏବଂ ଶୌଚ ହେବାପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଭିନ୍ନକ୍ଷମମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ପୁନର୍ବାସର ସଭାପତି ଡକ୍ଟର ବିରଜା ପ୍ରସାଦ ରାଉତରାୟ, ବଂଶୀଧର ମହାନ୍ତି, ପ୍ରଭାସ ଚନ୍ଦ୍ର ଦାସ, ସ୍ୱପ୍ନାଂଶୁ କୁମାର ଦାସ, ଶେଷଦେବ ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ସଂସ୍କୃତି ଭବନରେ ଶୌଚାଳୟ ଓ ର୍ୟାମ୍ପ ନିର୍ମାଣ କରିବାକୁ ଦାବି କରିଛନ୍ତି ।





## ଓଡ଼ିଶା ପତ୍ରକାର ସଂଘର ୧୫ତମ ପ୍ରତିଷ୍ଠା ସମାରୋହ

# ସାମ୍ବାଦିକତା ହେଉଛି ଏକ ଉତ୍କୃଷ୍ଟ କଳା ଓ ଅତ୍ୟନ୍ତ କଷ୍ଟକର ସାଧନା





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସାମ୍ବାଦିକତା ହେଉଛି ଏକ ଉତ୍କୃଷ୍ଟ କଳା ଓ ଅତ୍ୟନ୍ତ କଷ୍ଟକର ସାଧନା। ଏହି କ୍ଷେତ୍ରରେ କାମ କରୁଥିବା ସାମ୍ବାଦିକମାନେ ଓଡ଼ିଶାରେ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛନ୍ତି। ସେମାନଙ୍କ ପାଇଁ ସାମାଜିକ ସୁରକ୍ଷା ସହିତ ଉପଯୁକ୍ତ ପ୍ରୋତ୍ସାହନ ଦେବା ରାଜ୍ୟ ସରକାରଙ୍କ ପରମ କର୍ତ୍ତବ୍ୟ ବୋଲି ବହୁ ବିଶିଷ୍ଟ ବକ୍ତା ମତବ୍ୟକ୍ତ କରିଛନ୍ତି। ଶନିବାର ପୂର୍ବାହ୍ନରେ ଓଡ଼ିଶା ପତ୍ରକାର ସଂଘର ୧୫ତମ ପ୍ରତିଷ୍ଠା ଦିବସ ସମାରୋହ ସଂଘର ପ୍ରତିଷ୍ଠାତା ସଭାପତି ତଥା ବରିଷ୍ଠ ସଭାପତି ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପଣ୍ଡା, ଅର୍ଗସ ଟିଭିର ମୁଖ୍ୟ ସଞ୍ଜୟ ଜେନା, ଦୈନିକ ସମ୍ବାଦପତ୍ର କାଳାନ୍ତର ସମ୍ପାଦକ ସୌମ୍ୟକାନ୍ତ ସାମନ୍ତରାୟ ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ସତ୍ୟ ନିରପେକ୍ଷ ସାମ୍ବାଦିକତାରେ ବ୍ରତୀ ଥିବା ସାମ୍ବାଦିକମାନେ ସିଦ୍ଧି ଓ ସଫଳତା ପାଇଥାନ୍ତି ଏବଂ ଏହା ଦ୍ୱାରା ସମ୍ବାଦପତ୍ରର ଗ୍ରହଣୀୟତା ଓ ବିଶ୍ୱସନୀୟତା ମଧ୍ୟ ବୃଦ୍ଧି ପାଇଥାଏ। ନୂଆ ଟେକ୍‌ନୋଲୋଜି ଆସିବା ପରେ ସମ୍ବାଦପତ୍ର ଏବଂ ଇଲେକ୍ଟ୍ରୋନିକ ମିଡିଆ ଜରିଆରେ ତୃଣମୂଳ ସ୍ତରର ପ୍ରକୃତ ଚିତ୍ର ଓ ସମସ୍ୟା ସରକାରଙ୍କ ପାଖରେ ପହଞ୍ଚିପାରୁଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସାମ୍ବାଦିକମାନଙ୍କ ସମସ୍ୟା ଓ ପ୍ରତିକାର ବାବଦରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଘର ସଭାପତି ଅବିନାଶ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାମଦାସ ଲିମା ବିବରଣୀ ପାଠ କରିଥିଲେ। ସାମ୍ବାଦିକ ଅଖଣ୍ଡ ସଭା ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସଂସ୍କୃତି ଆଧାରିତ ଶ୍ଳୋକ ଆବୃତି କରିଥିଲେ। ଏହି ଅବସରରେ ସଂଘର ମୁଖପତ୍ର'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ସାମ୍ବାଦିକତା ସମେତ ବିଭିନ୍ନ କ୍ଷେତ୍ର ଉଲ୍ଲେଖନୀୟ ଅବଦାନ ପାଇଁ କୃତି ପ୍ରତିଭାଧରମାନଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ 'ସମ୍ବାଦ କଳିକା'ର ବରିଷ୍ଠ ପ୍ରତିନିଧି ବିବେକାନନ୍ଦ ଜେନା, ପ୍ରତିଦିନର ସାମ୍ବାଦିକ ପାର୍ଥସାରଥୀ ଜେନା, ଅର୍ଗସ ଟିଭିର ରିପୋଟର ଶ୍ୱାତୀ ଜେନାଙ୍କ ସମେତ ବହୁ ସାମ୍ବାଦିକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବରିଷ୍ଠ ସାମ୍ବାଦିକ ସୁରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମେରିକାରେ ଅଚ୍ୟୁତ ସାମନ୍ତଙ୍କ ନାମରେ ଖୋଲିବ ଗବେଷଣା କେନ୍ଦ୍ର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆମେରିକାର ଅନ୍ୟତମ ଖ୍ୟାତି ସମ୍ପନ୍ନ ସରକାରୀ ବିଶ୍ୱବିଦ୍ୟାଳୟ ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟରେ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ନାମରେ ଖୁବ୍ ଶୀଘ୍ର ଏକ ଗବେଷଣା କେନ୍ଦ୍ର ଖୋଲାଯିବ। ଆସନ୍ତା ମାସରେ 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ ଅଫ୍ ଦି କ୍ୟୁନି କ୍ରେଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏଏସ୍‌ଆଇଆଇସିସିଆଇ) ନାମରେ ଏହି ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ। କିଟରେ ଏ ନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ୟୁନି ବିଶ୍ୱବିଦ୍ୟାଳୟର ସଭାପତି ଡ. ମିଲଟନ୍ ସାଣ୍ଟିଆଗୋ ଘୋଷଣା କରିଛନ୍ତି। ଏହି ଗବେଷଣା କେନ୍ଦ୍ରରେ ସେହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଉପରେ ଗବେଷଣା, ଶିକ୍ଷା ବିନିମୟ ସହ ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକଳାପ ଉପରେ ମଧ୍ୟ ଗବେଷଣା ଓ ଅଧ୍ୟୟନ କରିବେ। କ୍ୟୁନି ସଭାପତି ଡ ସାଣ୍ଟିଆଗୋ, ମୁମ୍ବାଇ ଏବଂ ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲଙ୍କ ପ୍ରତିନିଧିଙ୍କୁ ନେଇ ଏକ ୧୫ ଜଣିଆ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ସେମାନେ କିଟ୍ ଓ କିସ୍ ପରିଦର୍ଶନ କରିବା ସହ ଶିକ୍ଷା, ସମାଜସେବା ଓ ଗବେଷଣା କ୍ଷେତ୍ରରେ କିଟ୍ ଓ କିସ୍ କାର୍ଯ୍ୟକ୍ରମ ଦେଖି ବେଶ ପ୍ରଭାବିତ ହୋଇଥିଲେ। ଆସନ୍ତା ମାସରେ କ୍ୟୁନି ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହେବ ଏଏସ୍‌ଆଇଆଇସିସିଆଇ ଗବେଷଣା କେନ୍ଦ୍ର। ଗବେଷଣା କେନ୍ଦ୍ର ଉଦ୍ଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ଡ. ସାଣ୍ଟିଆଗୋ ଆଜି ଶ୍ରୀ ସାମନ୍ତଙ୍କୁ ନିମନ୍ତ୍ରଣ କରିଥିଲେ। ଏହି ପ୍ରସ୍ତାବରେ ଡ. ସାମନ୍ତ ସମ୍ମତି ପ୍ରକାଶ କରିବା ସହ ପ୍ରଥମ ଥର ପାଇଁ ତାଙ୍କ ନାମରେ ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ଏକ ଗବେଷଣା କେନ୍ଦ୍ର ଖୋଲୁଥିବା ଜାଣି ସନ୍ତୋଷ ବ୍ୟକ୍ତ କରିଥିଲେ। ଓଡ଼ିଶାର କଳା ଓ ସଂସ୍କୃତି ଉପରେ ଆମେରିକାର ଏକ ଖ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିନିମୟ ଓ ଗବେଷଣା କରାଯିବା ଓଡ଼ିଶା ପାଇଁ ଏକ ଗୌରବର ବିଷୟ ବୋଲି ଡ. ସାମନ୍ତ କହିଥିଲେ। ସୂଚନାଯୋଗ୍ୟ ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟ ଆମେରିକାର ଅନ୍ୟତମ ବହୁ ପୁରାତନ ଓ ସରକାରୀ ବିଶ୍ୱବିଦ୍ୟାଳୟ। ଭାରତର ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଭଳି ଆମେରିକାର କ୍ୟୁନି ବିଶ୍ୱବିଦ୍ୟାଳୟର ବେଶ ନାଁ ଅଛି। ଏଠାରେ ବିଶ୍ୱର ୧୨୨ଟି ଦେଶର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏଠାରୁ ୧୩ଜଣ ନୋବେଲ ବିଜେତା ସୃଷ୍ଟି ହୋଇଛନ୍ତି। କ୍ୟୁନି ବିଶ୍ୱବିଦ୍ୟାଳୟ ଅଧୀନରେ ୨୫ଟି ମହାବିଦ୍ୟାଳୟ ରହିଛି। କାର୍ଯ୍ୟକ୍ରମରେ ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ ପ୍ରତିନିଧି ଆଲେକଜାଣ୍ଡର ମାକ୍‌ଲର୍ନ, ମୁମ୍ବାଇସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ୍ ପ୍ରତିନିଧି ସୀତା ରାଇଟର, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କୁଳସଚିବ ଡ. ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, ମହାନିର୍ଦ୍ଦେଶକ ଡ. କାହ୍ନୁ ଚରଣ ମାହାଳି, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସି ସିଟି ଇଞ୍ଜିନିୟରଙ୍କ ଅଫିସ୍‌ରେ ପରିସ୍ରା କଲେ ଲୋକେ : ପ୍ରମାଣ ମାଗିଲେ ମେୟର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସିଟି ଇଞ୍ଜିନିୟରଙ୍କ ଅଫିସ୍‌ରେ ପରିସ୍ରା କଲେ ଶବର ସାହି ଲୋକ ! ହେଲେ ଏହି ଘଟଣାକୁ ଖଣ୍ଡନ କରିଛନ୍ତି ବିଏମ୍ ?ସି ମେୟର ସୁଲୋଚନା ଦାସ। ଏଥିସହ ପରିସ୍ରା କରିବାର ଭିଡିଓ ଅଛି କି ବୋଲି ପ୍ରମାଣ ମାଗିଛନ୍ତି ମେୟର। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୱାର୍ଡ ନମ୍ବର-୪୫ର ଶବର ସାହି ଚିତ୍ର ଭୟଙ୍କର ରହିଛି। ଡ୍ରେନ୍ କାମ ଅଧାରେ ପଡ଼ିଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି। ନର୍ଦ୍ଦମା ପଣି ଘରେ ପଶୁଛି। ବର୍ଷା ହେଲେ କଥା ସରିଲା। ଘରେ ରହିହେଉନି। ବର୍ଷା ଓ ନର୍ଦ୍ଦମା ପାଣି ଘର ଭିତରେ ଲହଡି ମାରୁଛି। ଏ ନେଇ ସାହି ଲୋକେ ବାରମ୍ବାର ବିଏମ୍‌ସି ଅଫିସ୍‌ରେ ବାରମ୍ବାର ଅଭିଯୋଗ କରିଛନ୍ତି। ହେଲେ ଆଜି କାଲି କହି ଅଧିକାରୀମାନେ ଦିନ ଗଡ଼ାଇ ଚାଲିଛନ୍ତି। ଯେଉଁଥିପାଇଁ ବର୍ଷା ଋତୁରେ ଲୋକମାନେ ନାକେଦମ୍ ହେଉଛନ୍ତି। ଡ୍ରେନ୍ ସମସ୍ୟା ଶବର ସାହିର ଶତାଧିକ ମହିଳା ଓ ପୁରୁଷ ବିଏମ୍‌ସି ଅଫିସ୍ ଘେରାଉ କରିଥିଲେ। ପରେ ସିଟି ଇଞ୍ଜିନିୟରଙ୍କ ଅଫିସ୍‌ରେ ଜଣେ ପରେ ଜଣେ ପରିସ୍ରା କରିଥିଲେ। ପ୍ରତିବାଦ କରିବାକୁ ଆସିଥିବା ଜଣେ ମହିଳା କହିଛନ୍ତି, ଆମେ ଘରେ ବସି ଖାଇପାରୁନୁ କି ବସି ପାରୁନୁ। ସେଥିପାଇଁ ଆମେ ମ୍ୟୁନିସିପାଟିଲି ଅଫିସ୍ ଘେରାଉ କଲୁ। ପରେ ପାସ୍ ଓ ଝାଡ଼ା ବସିଲୁ। ଯଦି ସେମାନେ ଆମ କଲେନି, ତେଣୁ ଆମେ ବାଧ ହୋଇ ସେମିତିକା କାମ କଲୁ ବୋଲି ମହିଳା ଜଣକ କହିଛନ୍ତି। ସେପଟେ କର୍ପୋରେଟର ଅମରେଶ ଜେନା କହିଛନ୍ତି, ଏନେଇ ବାରମ୍ବାର ସିଟି ଇଞ୍ଜିନିୟରଙ୍କୁ ଜଣାଇଛି। ଏହା ପରେ କ'ଣ ପାଇଁ କାମ ହୋଇପାରୁନି, ତାହା ଜାଣିପାରୁନି।

# ସ୍ୱଚ୍ଛତା ହିଁ ସେବା-୨୦୨୪ କାର୍ଯ୍ୟକ୍ରମର ଶୁଭାରମ୍ଭ



**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**
ଆଦିତ୍ୟ ଆଲୁମିନିୟମ ଓ ରେଙ୍ଗାଲି ବ୍ଲକର ମିଳିତ ସହଯୋଗରେ ସ୍ୱଚ୍ଛତା ହିଁ ସେବା-୨୦୨୪ର ଶୁଭାରମ୍ଭ ହୋଇଯାଇଅଛି। ଚଳିତ ବର୍ଷ 'ସମ୍ଭବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା' ବିଷୟ ବସ୍ତୁକୁ ଧ୍ୟାନରେ ରଖି ଏହି କାର୍ଯ୍ୟକ୍ରମଟି ରେଙ୍ଗାଲି ବ୍ଲକ ପରିସରରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ କୃଷ୍ଣ ଚନ୍ଦ୍ର ଦଳପତ୍‌ଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ରଥର ପରିଭ୍ରମଣ ଶୋଭାଯାତ୍ରାର ଶୁଭଉଦ୍ଘାଟନ ସବୁଜ ପତାକା ଦେଖାଇ କରାଯାଇଥିଲା। ଉକ୍ତ ସଭାରେ ଏକ୍ଜିକ୍ୟୁଟିଭ୍ ଅଫିସର ଶ୍ରୀ କରୁଣାକର ତ୍ରିପାଠୀ, ମିଶନ୍ ଶକ୍ତି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଜପାମାଳି ଭୋଇସାଗର, ଆଦିତ୍ୟ ଆଲୁମିନିୟମର ଅର୍ଥ ପରିଚାଳନା ବିଭାଗର ପ୍ରଭୁପାଦ ମେକାପ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଉପ ପ୍ରବନ୍ଧକ ମନୋରଂଜନ ବେହେରା, ବ୍ଲକର ସମସ୍ତ କର୍ମକର୍ତ୍ତା, ମା' ବୈଷ୍ଣୋଦେବୀ ଓ ମା' ସରସ୍ୱତୀ ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ମହିଳା ଉପସ୍ଥିତ ରହି ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ଶ୍ରମଦାନ କରିଥିଲେ। ଆଦିତ୍ୟ ଆଲୁମିନିୟମ ଦ୍ୱାରା ପ୍ରକଳ୍ପ 'ଲାଇଟ୍ ହାଉସ' ବିଷୟରେ ସମ୍ୟକ ଧାରଣା ପ୍ରଦାନ କରାଯାଇ ଆଗାମୀ ଭବିଷ୍ୟତରେ ବୋମଲୋଇ ପଞ୍ଚାୟତକୁ ସ୍ୱଚ୍ଛ ଓ ଅଳିଆ ମୁକ୍ତ ଗ୍ରାମ ରୂପେ ଉନ୍ନୋଚିତ କରିବାର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା।

ODISHA HYDRO POWER CORPORATION LTD
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H. E. PROJECT,
AT/P.O.: BARINIPUT; DIST.: KORAPUT (ODISHA)-764006
Telephone: 06854-242 001 Fax: 06854-242 092
Email ID: sgmel.ukhep@gmail.com
CIN: U40101OR1995SGC003963
CAD-1156

**TENDER CALL NOTICE NO:UKHEP: 20/2024-25 Dated: 19.09.2024**

Sealed Tenders are invited from the reputed water treatment companies/firms having work experience in pcentral or state PSUs/ state Govt/ corporation for supply of the following materials & execution of the work for Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Non refundable) in Rs. | EMD |
|---|---|---|---|
| 1 | Tender for Overhauling of two numbers of multi grade pressure filter tanks including replacement of filter materials at water Treatment plant, UKHEP, Bariniput for the year 2024-25 | 2360/- inclusive of GST | Rs.4000/- |

The sale of Tender Paper will be from :- 10:00 Hrs. of 25.09.24 to 11:30 Hrs. of 08.10.2024.
The last date & time of receipt of tender :-Up to 12:00 Hrs. of 08.10.2024.
The date and time of opening of tender :-At 12:30 Hrs. of 08.10.2024.
For details of tender documents, Terms & Conditions please visit our website www.ohpcltd.com.
C&P Head
Upper Kolab HEP, OHPC Limited, Bariniput
OIPR-04002/11/0036/2425

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାର୍ଯ୍ୟାନୁଷ୍ଠାନ...

ହେପାଜତରେ ନିର୍ଯାତନା ଦିଆଯାଇଥିବା ଅଭିଯୋଗକୁ ନେଇ ଆୟୋଗ ୩ ଦିନ ମଧ୍ୟରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ଦେବାକୁ କହିଛନ୍ତି ଏବଂ ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଏହାପୂର୍ବରୁ ବୁଧବାର ଡିଜିପି ଭରତପୁର ଥାନା ଆଇଆଇସିଙ୍କ ସମେତ ପାଞ୍ଚ ଜଣ ପୋଲିସକୁ ନିଲମ୍ବନ କରିଥିଲେ। ଏହି ମାମଲାରେ ଡିଜିପିଙ୍କ ନିର୍ଦ୍ଦେଶରେ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସଆଇ ଶୈଳିନୀ ପଣ୍ଡା, ଏଏସଆଇ ସାଲିମାମୟୀ ସାହୁ, ଏଏସଆଇ ସାଗାରିକା ରଥ ଏବଂ କନଷ୍ଟେବଳ ବଳରାମ ହାଣ୍ଡାଙ୍କୁ ନିଲମ୍ବନ କରାଯାଇଥିଲା।

## ୭ ଅଭିଯୁକ୍ତ ...

ପୁଲିସ ହାତରେ ଲାଗିଛି। ସେହି ଭିଡିଓରେ ଗିରଫ ଅଭିଯୁକ୍ତ ଓ ଅଙ୍କିତାଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବା ଦେଖିବାକୁ ମିଳିଛି। ମୋବାଇଲରୁ ମିଳିଥିବା ଭିଡିଓ ସବୁକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛି ପୁଲିସ।

## ୪ ଘଣ୍ଟା ନ ପୂରୁଣୁ ...

ମେଜରଙ୍କ ବାନ୍ଧବୀ ଜଣଙ୍କ ଆଗ ସେମାନଙ୍କୁ ଦୁର୍ବ୍ୟବହାର କରିବା ପରେ ତାଙ୍କ ସହ ଯୁକ୍ତି ତର୍କ ହୋଇଥିଲା। ସେମାନେ ନିଶାରେ ଥିଲେ, ଆମ ସହ ଆଗୁଆ ଯୁକ୍ତିତର୍କ କରିଥିଲେ। ଭିଡିଓରେ ଦେଖିପାରିବେ ମେଜର ଜଣକ ଆମକୁ ଠେଲାପେଲା କରିଥିଲେ। ଭରତପୁର ଥାନାରେ କଣ ଘଟିଛି ଆମେ ଜାଣିନୁ ଏସମ୍ପର୍କରେ ମାତାମ ଗଣମାଧ୍ୟମରେ ମତ ଦେଇଛନ୍ତି।

## ସବୁ ଜିଲ୍ଲାରେ...

ବ୍ୟାଟେରୀ ଚାଳିତ ସାଇକେଲ, ୱାକର, ବ୍ରେଲି କିଟ୍, ଶ୍ରବଣ ଯନ୍ତ୍ର, ନି ବେଲ୍ଟ, ନି କ୍ୟାପ୍ ଇତ୍ୟାଦି ସହିତ ଅନ୍ୟାନ୍ୟ ସହାୟତା ଉପକରଣ ବଣ୍ଟନ କରାଯାଇଥିଲା। ଏହି ଶିବିରଟି ଭାରତ ସରକାରଙ୍କ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ଏବଂ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ସହଯୋଗର ଆୟୋଜନ କରାଯାଇଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀ ଜିଲ୍ଲା ପାଇଁ ୧୩ଟି ମୋବାଇଲ ମେଡିକାଲ ୟୁନିଟ୍ ଭେଇକିଲ୍‌ର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ଆସିଲା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଉଥିବା ସାଧାରଣ ଲୋକଙ୍କଠାରୁ ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଚିକିତ୍ସା କ୍ଷେତ୍ରରେ ଅବହେଳିତ ହେଉଥିବା ବିଷୟରେ ଶୁଣିବା ପରେ ସେମାନଙ୍କ ପାଇଁ କିଛି ନୂତନ ପଦକ୍ଷେପ ନେବା ପାଇଁ ଚିନ୍ତା କରିଥିଲି। ସେହି ଅନୁଯାୟୀ ପ୍ରତି ଜିଲ୍ଲା ମୁଖ୍ୟାଳୟରେ କିପରି ସ୍ୱାସ୍ଥ୍ୟ ଶିବିର ମାନ ଆୟୋଜନ କରାଯିବ ଏଥି ପାଇଁ ପଦକ୍ଷେପ ନିଆଯାଉଛି। ଆମ ସରକାର ଲୋକମାନଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସମ୍ବେଦନଶୀଳ ଅଛନ୍ତି।

## ସରକାରଙ୍କୁ ନିଜ...

କାହିଁକି ଜନସାଧାରଣଙ୍କ ସମାଲୋଚନା ଶୁଣିବାକୁ ପଡିଥାଏ। ଗଣତନ୍ତ୍ରର ରକ୍ଷା କରିବାକୁ ଶାସକମାନଙ୍କୁ ବିଭିନ୍ନ ଚିନ୍ତାଧାରା ଉପରେ ବିଚାର କରିବାକୁ ଏବଂ କାର୍ଯ୍ୟ କରିବାକୁ ଗଡକରୀ ଅନୁରୋଧ କରିଛନ୍ତି। ସେ କହିଛନ୍ତି ନିଜର ତ୍ରୁଟିକୁ ଚିହ୍ନିବା ପାଇଁ ଜଣେ ସର୍ବଦା ସମାଲୋଚକମାନଙ୍କ ଦ୍ୱାରା ଘେରି ରହିବା ଉଚିତ୍। ଜଣେ ସମାଲୋଚକ ଆମର ପଡ଼ୋଶୀ ହେବା ଉଚିତ ଯାହା ଦ୍ୱାରା ସେ ଆମର ତ୍ରୁଟି ଦର୍ଶାଇ ପାରିବେ। ସୂଚନାଯୋଗ୍ୟ, ସମ୍ପ୍ରତି ଗଡକରୀ ମହାରାଷ୍ଟ୍ରର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି ଏବଂ ଅନେକ ପ୍ରସଙ୍ଗରେ ବିବୃତି ଦେଉଛନ୍ତି। ନିକଟରେ ନାଗପୁରରେ ସେ ପରିବାରବାଦ ଏବଂ ଜାତିବାଦକୁ ନେଇ କଡା ସମାଲୋଚନା କରିଥିଲେ। ସେ କହିଥିଲେ ଆମ ସଂସ୍କୃତିରେ ବସୁଦେବ କୁଟୁମ୍ବକମ୍‌ର ବାର୍ତ୍ତା ଅଛି, ଯାହାର ଅର୍ଥ ହେଉଛି ବିଶ୍ୱର କଲ୍ୟାଣ। ସେ ଏହା ମଧ୍ୟ କହିଛନ୍ତି ଯେ ସଂସ୍କୃତିରେ ଏହା କୁହାଯାଇ ନାହିଁ ଯେ ମୋର କଲ୍ୟାଣ କିମ୍ବା ମୋ ପରିବାର। ପ୍ରଥମେ କଲ୍ୟାଣ ଯୋଜନାରେ ଆସିବା ଉଚିତ୍। ଗଡକରୀ କହିଛନ୍ତି ଯେ ଆତ୍ମୀୟତାର ଏହି ପ୍ରସଙ୍ଗ ବୃଦ୍ଧି ପାଉଛି। କାରଣ ଲୋକମାନେ ଏହିପରି ନେତାଙ୍କୁ ଭୋଟ ଦିଅନ୍ତି କିନ୍ତୁ ଯେଉଁ ଦିନ ଲୋକମାନେ ଏପରି ଲୋକଙ୍କୁ ଭୋଟ ନ ଦେବାକୁ ସ୍ଥିର କରିବେ, ସେମାନେ ଗୋଟିଏ ମିନିଟରେ ଭଲ ହୋଇଯିବେ ଲୋକମାନେ ସେମାନଙ୍କର ଦକ୍ଷତା ପ୍ରମାଣ କରିବା ଉଚିତ ବୋଲି ସେ କହିଛନ୍ତି।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ...

ହୁସେନ ଏବଂ ମୁକେଶ ଅହଲାତ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଆତିଶୀ ଦିଲ୍ଲୀର କାଲକାଜିରୁ ବିଧାୟକ ଅଛନ୍ତି। ଅରବିନ୍ଦ କେଜ୍ରିୱାଲଙ୍କ ସରକାରରେ ସେ ଶିକ୍ଷା, ପିଡବ୍ଲ୍ୟୁଡି, ଶକ୍ତି, ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ଏବଂ ଅନ୍ୟାନ୍ୟ ବିଭାଗର ମନ୍ତ୍ରୀ ଥିଲେ। ସେ ଆମ ଆଦମୀ ପାର୍ଟିର ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ମଧ୍ୟ ଅଛନ୍ତି। ସୁଲତାନପୁର ମାଜରାର ବିଧାୟକ ମୁକେଶ ଅହଲାତ ପ୍ରଥମ ଥର ପାଇଁ ଦିଲ୍ଲୀ ସରକାରରେ ମନ୍ତ୍ରୀ ହୋଇଛନ୍ତି। ସେହିପରି ଅରବିନ୍ଦ କେଜ୍ରିୱାଲଙ୍କ ସରକାରରେ ଗୋପାଳ ରାୟ, ସୌରଭ ଭରଦ୍ୱାଜ, କୈଳାସ ଗେହଲଟ, ଇମ୍ରାନ ହୁସେନ କ୍ୟାବିନେଟ ମନ୍ତ୍ରୀ ଥିଲେ। ଅବକାରୀ ନୀତି ସମ୍ବନ୍ଧୀୟ ଏକ ମାମଲାରେ ତିହାର ଜେଲରୁ ଜାମିନରେ ମୁକୁଳିବା ପରେ ଅରବିନ୍ଦ କେଜ୍ରିୱାଲ ସେପ୍ଟେମ୍ବର ୧୭ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଆମ ଆଦମୀ ପାର୍ଟି ବିଧାୟକ ଦଳ ବୈଠକରେ ଆତିଶୀଙ୍କୁ ସର୍ବସମ୍ମତିକ୍ରମେ ବିଧାୟକ ଦଳ ନେତା ଭାବେ ନିର୍ବାଚିତ କରାଯାଇଥିଲା।

## ବାୟୁସେନାର ନୂଆ...

ଡିସେମ୍ବର ୧୯୮୪ରେ ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ ପାଇଲଟ ଷ୍ଟ୍ରିମରେ ସାମିଲ ହୋଇଥିଲେ। ପ୍ରାୟ ୪୦ ବର୍ଷର ତାଙ୍କର ଦୀର୍ଘ ଏବଂ ବିଶିଷ୍ଟ ସେବା ସମୟରେ ସେ ବିଭିନ୍ନ କମାଣ୍ଡ, ଷ୍ଟାଫ୍, ନିର୍ଦ୍ଦେଶାବଳୀ ଏବଂ ବିଦେଶୀ ନିଯୁକ୍ତିରେ କାର୍ଯ୍ୟ କରିଛନ୍ତି। ଭାରତୀୟ ବାୟୁସେନାର ମୁଖ୍ୟ ଭାବେ ନିଯୁକ୍ତ ଅମର ପ୍ରୀତ ସିଂ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନଡିଏ), ଡିଫେନ୍ସ ସର୍ଭିସ ଷ୍ଟାଫ କଲେଜ ଏବଂ ନ୍ୟାସନାଲ ଡିଫେନ୍ସ କଲେଜର ଆଲୁମିନାସ। ବାୟୁସେନା ଅଧିକାରୀ ଅମର ପ୍ରୀତ ସିଂ ଜଣେ ଯୋଗ୍ୟ ଫ୍ଲାଇଙ୍ଗ ପ୍ରଶିକ୍ଷକ ଏବଂ ବିଭିନ୍ନ ପରୀକ୍ଷାମୂଳକ ଏବଂ ଘୂର୍ଣ୍ଣନ ବିମାନରେ ୫୦୦୦ ଘଣ୍ଟାରୁ ଅଧିକ ଉଡ଼ାଣ ଅଭିଜ୍ଞତା ସହିତ ଏକ ପରୀକ୍ଷାମୂଳକ ପରୀକ୍ଷଣ ପାଇଲଟ ରହିଛନ୍ତି। ଏହି ଅଧିକାରୀ ଏକ ଅପରେସନ ଲଢୁଆ ସ୍କ୍ୱାଡ୍ରନ ଏବଂ ଏକ ଫ୍ରଣ୍ଟଲାଇନ ଏୟାର ବେସ୍‌କୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଜଣେ ଟେଷ୍ଟ ପାଇଲଟ ଭାବରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି। ସେ ମସ୍କୋରେ ମିଗ୍-୨୯ ଅପଗ୍ରେଡ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଦଳର ନେତୃତ୍ୱ ନେଇଛନ୍ତି। ସେ ଜାତୀୟ ଫ୍ଲାଇଟ ଟେଷ୍ଟ ସେଣ୍ଟରରେ ପ୍ରୋଜେକ୍ଟ ଡାଇରେକ୍ଟର (ଫ୍ଲାଇଟ ଟେଷ୍ଟ) ମଧ୍ୟ ଥିଲେ। ହାଲୁକା ଯୁଦ୍ଧ ବିମାନ ତେଜସ୍‌ର ବିମାନ ପରୀକ୍ଷା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ଏୟାର ମାର୍ଶଲ ଅମର ପ୍ରୀତ ସିଂ ଦକ୍ଷିଣ ପଶ୍ଚିମ ଏୟାର କମାଣ୍ଡରେ ଏୟାର ଡିଫେନ୍ସ କମାଣ୍ଡର ଏବଂ ଇଷ୍ଟର୍ଣ୍ଣ ଏୟାର କମାଣ୍ଡରେ ସିନିୟର ଏୟାର ଷ୍ଟାଫ ଅଫିସର ପଦବୀରେ ରହି ସାରିଛନ୍ତି। ବାୟୁସେନାର ଡେପୁଟି ଚିଫ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ସେଣ୍ଟ୍ରାଲ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ-ଇନ୍-ଚିଫ ଥିଲେ।

## ମନ୍ଦିରରେ କେବଳ...

ରାଜ୍ୟ ଅଧୀନରେ ଥିବା ସମସ୍ତ ମନ୍ଦିରରେ କେବଳ କର୍ଣ୍ଣାଟକ ମିଲ୍କ ଫେଡେରେସନ ଦ୍ୱାରା ଉତ୍ପାଦିତ ନନ୍ଦିନୀ ଘିଅ ବ୍ୟବହାର କରାଯିବ। ଠାକୁରଙ୍କ ପାଖରେ ଲାଗିହେଉଥିବା ଭୋଗ ବା ପ୍ରସାଦ ସହ ଦୀପ ଜାଳିବା ପାଇଁ ମଧ୍ୟ ନନ୍ଦିନୀ ଘିଅ ବ୍ୟବହାର କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ 'ଦାସୋହା ଭବନ', ଯେଉଁଠାରେ ଭକ୍ତମାନଙ୍କୁ ଖାଦ୍ୟ ପରିବେଷଣ କରାଯାଏ ସେଠାରେ ମଧ୍ୟ ନନ୍ଦିନୀ ବ୍ରାଣ୍ଡର ଘିଅ ବ୍ୟବହାର କରାଯିବ। ପ୍ରସାଦର ମାନରେ କୌଣସି ସାଲିସ ନ କରିବାକୁ ମନ୍ଦିର କର୍ମଚାରୀଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗାଇଡଲାଇନ ଜାରି କରାଯାଇଛି। ପ୍ରକାଶ ଥାଉକି, ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁପତି ତିରୁମାଲା ବାଲାଜୀ ମନ୍ଦିରର ଲଡ୍ଡୁ ତିଆରି ପାଇଁ ମାଛ ତେଲ ଓ ପଶୁ ଚର୍ବି ବ୍ୟବହାର ହେଉଥିବା ନେଇ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅଭିଯୋଗ ଆଣିଥିଲେ। ପୂର୍ବରୁ ୱାଇଏସଆର କଂଗ୍ରେସ ସରକାର ସମୟରୁ ଏପରି କରାଯାଉଥିବା ସେ କହିଥିଲେ। ଏହାପରେ ଏନ୍‌ଡିଡିବି ସିଏଏଲ୍‌ଏଫ୍ ନାମକ ଘରୋଇ ଲ୍ୟାବରେ ଲଡ୍ଡୁର ମାନ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ସତ ସାବ୍ୟସ୍ତ ହୋଇଛି। ମାଛ ତେଲ, ଗୋରୁ ଚର୍ବି ଏବଂ ଘୁଷୁରି ଚର୍ବିରେ ଲଡ୍ଡୁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଏହାପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ରିପୋର୍ଟ ମଗାଯାଇଛି। ଏହି ଖବର ପ୍ରଚାର ପରେ ଭକ୍ତଙ୍କ ମହଲରେ ଉଦବେଗ ପ୍ରକାଶ ପାଇ ଥିବାବେଳେ କର୍ଣ୍ଣାଟକ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

# ଭୁବନେଶ୍ୱରରେ ୱାଣ୍ଡରଲାର ଶୁଭ ଉଦ୍‌ଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତର ସର୍ବ ବୃହତ ଆମ୍ୟୁଜମେଣ୍ଟ ପାର୍କ ଚେନ୍ ୱାଣ୍ଡରଲା ହଲିଡେଜ୍ ଭୁବନେଶ୍ୱରରେ ଏହାର ଆମ୍ୟୁଜମେଣ୍ଟ ପାର୍କର ଉଦଘାଟନ କରିଛି। ଏହି ସମୟକୁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଭାବେ ପାଳନ କରିଛି। ଚିତ୍ତ ବିନୋଦନ ଏବଂ ମନୋରଞ୍ଜନ ଶିଳ୍ପରେ ଏକ ଅଗ୍ରଣୀ ଭାବରେ ନିଜର ସ୍ଥିତିକୁ ଦୃଢ଼ କରିଛି ୱାଣ୍ଡରଲା। ଏଥି ସହ ନିଜକୁ ଜାତୀୟ ବିସ୍ତାରରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଚିହ୍ନିତ କରିଛି। ଏହି ମନୋରଂଜନ ପାର୍କକୁ ଓଡିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦଘାଟନ କରିଥିବା ବେଳେ, ସମାରୋହରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଆଇଏଏସ୍ ସମର୍ଥ ବର୍ମା, କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଅରୁଣ କେ ଚିତ୍ତିଲିପିଲି, ଏମ୍.ଡି ଶିଭାଦାସ ଏମ, ପ୍ରେସିଡେଣ୍ଟ ଧିରେନ୍ ଚୌଧୁରୀ, ସିଓଓ କଳ୍ପତରୁ ନାୟକ ଏବଂ ପାର୍କ ହେଡ୍ ଭୁବନେଶ୍ୱର ଉପସ୍ଥିତ ଥିଲେ। ଓଡିଶାରେ ପ୍ରବେଶ କରିଥିବା ପ୍ରଥମ ପ୍ରମୁଖ ମନୋରଞ୍ଜନ ପାର୍କ ବ୍ରାଣ୍ଡ ଭାବରେ ୱାଣ୍ଡରଲା ଭୁବନେଶ୍ୱର ତଥା ରାଜ୍ୟରେ ମନୋରଞ୍ଜନ ଏବଂ ଅବକାଶ ପାଇଁ ଏକ ନୂତନ ମାନକ ସ୍ଥିର କରିଛି। ଏହି ପାର୍କର ଉଦଘାଟନ ହେଉଛି ୱାଣ୍ଡରଲାର ସମଗ୍ର ଭାରତରେ ପର୍ଯ୍ୟଟନ ଏବଂ ମନୋରଞ୍ଜନ ଶିଳ୍ପକୁ ବଢାଇବା ପାଇଁ ଏକ ରଣନୀତିକ ପଦକ୍ଷେପ। ଏହି ନୂତନ ପାର୍କ ଉଭୟ ସ୍ଥାନୀୟ ତଥା ଜାତୀୟ ପରିଦର୍ଶକଙ୍କ ପାଇଁ ଏକ ଗନ୍ତବ୍ୟ ସ୍ଥଳ ଭାବରେ କାର୍ଯ୍ୟ କରିବ, ବିଶ୍ୱ ସ୍ତରୀୟ ରଥଯାତ୍ରା ଏବଂ ଆକର୍ଷଣୀୟ ସ୍ଥାନ ପ୍ରଦାନ କରିବ ଯାହା ଓଡ଼ିଶାର ଏକ ଆକର୍ଷଣୀୟ ପର୍ଯ୍ୟଟନ ହବ୍ ଭାବରେ ସ୍ଥିତିକୁ ବଢାଇବାକୁ ପ୍ରସ୍ତୁତ। ମେ ମାସରେ ଏହାର ଉନ୍ମୋଚନ ପରଠାରୁ ୱାଣ୍ଡରଲା ଭୁବନେଶ୍ୱରରେ ୪ ଶହରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରି ସ୍ଥାନୀୟ ଅର୍ଥନୀତିରେ ବିଶେଷ ଅବଦାନ ରଖିଛି। ଏହି ପାର୍କ ସ୍ଥାନୀୟ ଛାତ୍ରମାନଙ୍କୁ ବିଦ୍ୟାଳୟ କିଟ୍ ବଣ୍ଟନ ଏବଂ ରେଡ୍ କ୍ରସ୍ ସୋସାଇଟି ସହଯୋଗରେ ରକ୍ତଦାନ ଶିବିର ଆୟୋଜନ କରିବା ସହିତ ଆଞ୍ଚଳିକ ବିକାଶ ପାଇଁ ୱାଣ୍ଡରଲାର ପ୍ରତିବଦ୍ଧତାକୁ ଦର୍ଶାଇ ପ୍ରଭାବଶାଳୀ ସମ୍ପ୍ରଦାୟ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, 'ଓଡ଼ିଶାର ପ୍ରଥମ ତଥା ସର୍ବ ବୃହତ ମନୋରଞ୍ଜନ ପାର୍କ ୱାଣ୍ଡରଲାକୁ ସମ୍ପୂର୍ଣ୍ଣ ସମର୍ଥନ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ପାର୍କ ଯୁବ ମାନସିକତାକୁ ପ୍ରେରଣା ଯୋଗାଇବ, ରାଜ୍ୟର ମନୋରଞ୍ଜନକୁ ବୃଦ୍ଧି କରିବ ଏବଂ ପର୍ଯ୍ୟଟନର ଅଭିବୃଦ୍ଧିରେ ସହାୟକ ହେବ।

CAD-1144
CDA
**କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨**
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - ୧୩-ରେ ପ୍ଲଟ୍ ନଂ-13-3E/1162 ଟିକୁ ଶ୍ରୀମତୀ ଅଞ୍ଜଳି ଦାସ, ସ୍ୱାମୀ- ପ୍ରିୟ ରଞ୍ଜନ ଦାସ, ସା-ଭଦିମୂଳ, ପୋ-CRRI, ଥା-ଚାଉଳିଆଗଞ୍ଜ, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଅଞ୍ଜଳି ଦାସ ଉକ୍ତ ପ୍ଲଟ ଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ କନ୍ୟା ଶ୍ରୀମତୀ ଅନୁରାଧା ଦାସ, ପିତା- ପ୍ରିୟ ରଞ୍ଜନ ଦାସ, ସ୍ୱାମୀ- ବିରଞ୍ଚି ବିଶ୍ୱପତି ବିଶ୍ୱାଳ, ସା-ଶ୍ରୀକୁଞ୍ଜ, ବନ୍ଧଗଳି, ଜାଭିଅର ମୋଣ୍ଟେଶୋରୀ ସ୍କୁଲ ନିକଟ, ବେହେରାମଲ, ଝାରସୁଗୁଡା-768203ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
ସ୍ୱା
ସଚିବ
OIPR-13037/11/0078/2425

C-637
**OFFICE OF THE MUNICIPAL COUNCIL, TITILAGARH**
(Dept. of Housing & Urban Development, Govt. of Odisha)
At/Po.Ps.Titilagarh,Dist.Balangir-767033, e-mail:titilagarhmunicipality @ gmail.com, www.titilagarhmunicipality.in
No.2347/ Dated.19.09.2024
**e-tender notice**
**BID Identification No.TIG-MPL-001-2024**
Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in
1. Name of the work : Civil Construction.
2. No. of Cover : 2
3. No. of works. : 02 Nos.
4. Estimated Cost : As per DTCN
5. Period of Completion : 180 Days
6. Date & Time of availability of Bid Documents in the Portal : From 24.09.2024, 11:00 PM to 09.10.2024, 5:00 PM.
7. Last date & time for receipt of bids in the portal. : On 09.10.2024 at 5:00 PM.
8. Last date & time for deposit Of Fees & Documents (in sealed envelope) at Office. : On 15.10.2024 at 04:00 PM.
9. Bids received online shall be opened on : On 17.10.2024 at 11:00 AM.
10. Name and address of the officer inviting Bid : Executive Officer. Titilagarh Municipality.
**Further details can be seen from the procurement portal i.e. https://tendersodisha.gov.in**
Executive Officer
Titilagarh Municipality
OIPR-13095/11/0001/2425

A-321
ଓଡିଶା ସରକାର
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଯାଜପୁର ଜଳସେଚନ ବିଭାଜନ
ଫୋନ ନଂ .06728-222022
ଇମେଲ -- jpt.irrigation@gmail.com
**'e' -Procurement Notice No. 10 / 2024-25**
1 କାର୍ଯ୍ୟ ର ନାମ : Procurement of DG Set.
2 ମୋଟ କାର୍ଯ୍ୟ ସଂଖ୍ୟା : ୦୨ (ଦୁଇ ଗୋଟି କାର୍ଯ୍ୟ).
3 ଅଟକଳ ମୂଲ୍ୟ : ପ୍ରତ୍ୟେକ ୮.୮୩ ଲକ୍ଷ
4 ଇ.ଏମ.ଡି (Bid security) ଓ ବିଡ ମୂଲ୍ୟ ର ଦେୟ ପ୍ରଣାଳୀ :The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5 କାର୍ଯ୍ୟ ସମାପ୍ତି ସମୟ : ୬ ମାସ।
6 ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ:
I. Procurement Officer : ଅଧିକ୍ଷଣ ଯନ୍ତ୍ରୀ,ଯାଜପୁର ଜଳସେଚନ ବିଭାଜନ, ଯାଜପୁର
II. ଅନଲାଇନ Bidding ର ସମୟସୀମା : ତା ୨୩.୦୯.୨୦୨୪ ଦିବା ୧୦ ଘଟିକା ରୁ ତା ୦୧.୧୦.୨୦୨୪ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ।
III. Technical ଏବଂ Financial bid ଖୋଲାଯିବା ର ତାରିଖ ଓ ସମୟ। : ଅଧିକ୍ଷଣ ଯନ୍ତ୍ରୀ , ଯାଜପୁର ଜଳସେଚନ ବିଭାଜନ ଙ୍କ କାର୍ଯ୍ୟାଳୟ ରେ ତା ୦୩.୧୦.୨୦୨୪ ଦିବା ୧୧.୩୦।
IV. Transparent Lottery ର ତାରିଖ ଓ ସମୟ : ଅଧିକ୍ଷଣ ଯନ୍ତ୍ରୀ , ଯାଜପୁର ଜଳସେଚନ ବିଭାଜନ ଙ୍କ କାର୍ଯ୍ୟାଳୟ ରେ ତା ୦୮.୧୦.୨୦୨୪ ଦିବା ୧୧.୦୦ ଘଟିକା ସମୟ ରେ।
Further details can be seen from the Govt. web site www.tendersorissa.gov.in.
ଅଧିକ୍ଷଣ ଯନ୍ତ୍ରୀ
ଯାଜପୁର ଜଳସେଚନ ବିଭାଜନ, ଯାଜପୁର
OIPR-32130/11/0016/2425

ଭୁବନେଶ୍ୱର
୨୨ ସେପ୍ଟେମ୍ବର
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ରତ୍ନଭଣ୍ଡାର ଯାଞ୍ଚ କଲା ଏଏସଆଇ, ହେଲା ଜିପିଆର ସର୍ଭେ



**ପୁରୀ, ୨୧।୯ ନ୍ୟୁଜ ବ୍ୟୁରୋ**
ପୁଣି ଥରେ ଶନିବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ କରିଛି ଏଏସଆଇ ଟିମ୍। ରତ୍ନଭଣ୍ଡାରରେ ଜିପିଆର ସର୍ଭେ କରିଛି ଏଏସଆଇର ବିଶେଷଜ୍ଞ ଟିମ୍ । ପ୍ରାୟ ୩ ଘଣ୍ଟା ୫୦ ମିନିଟ୍ ଧରି ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ରତ୍ନଭଣ୍ଡାର କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏ ନେଇ ସୂଚନା ଦେଇଛନ୍ତି। ଏଏସଆଇ ଟିମ ପକ୍ଷରୁ ରତ୍ନଭଣ୍ଡାର ଭିତରେ ୩ ପ୍ରକାର ମେସିନରେ ଯାଞ୍ଚ କରାଯାଇଥିଲା। ଚଟାଣ ତଳେ କ'ଣ ଅଛି ଏହାର ସର୍ଭେ କରାଯାଇଥିଲା। ଏହାପରେ ରତ୍ନଭଣ୍ଡାରର ବାହାର ଯାଞ୍ଚ କରାଯିବ। ଏହା ଲ୍ୟାବରେ ପରୀକ୍ଷଣ କରାଯିବ। ଡାଟା ପ୍ରୋସେସିଂ ପରେ ରିପୋର୍ଟ ପ୍ରସ୍ତୁତ ହେବ ବୋଲି ଏଏସଆଇ ବିଶେଷଜ୍ଞ କହିଛନ୍ତି। ଜଷ୍ଟିସ ବିଶ୍ୱନାଥ ରଥଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଏଏସଆଇ ଅଧିକାରୀ, ଏନ୍‌ଜିଆରଆଇ ବିଶେଷଜ୍ଞ ଟିମ୍, ତଦାରଖ କମିଟି ସଦସ୍ୟ ପ୍ରମୁଖ ରତ୍ନଭଣ୍ଡାର ଭିତରକୁ ଅପରାହ୍ନ ୨ଟାରେ ଯାଇଥିଲେ। ଯାଞ୍ଚ ପାଇଁ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ଅତ୍ୟାଧୁନିକ ମେସିନ୍ ଯାଇଥିଲା। ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଯାଞ୍ଚ କରାଯାଇଥିଲା। ଗତ ବୁଧବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ପ୍ରାରମ୍ଭିକ ଯାଞ୍ଚ ଏଏସ୍‌ଆଇ ଟିମ୍ କରିଥିଲା। ଯାଞ୍ଚ ବେଳେ ରତ୍ନଭଣ୍ଡାରର ଲେଜର ସ୍କାନିଂ କରାଯାଇଥିଲା। ପ୍ରାରମ୍ଭିକ ଯାଞ୍ଚରୁ ରତ୍ନଭଣ୍ଡାରରେ କୌଣସି ସୁଡଙ୍ଗ ବା ଗୁପ୍ତ କୋଠରୀ ଅଛି କି ନାହିଁ ଜାଣିବା ସମ୍ଭବ ନୁହେଁ ବୋଲି ଏଏସଆଇର ବିଶେଷଜ୍ଞ ଟିମ୍ କହିଥିଲେ। ଏଥିପାଇଁ ଜିପିଆର ସର୍ଭେ କରାଯିବ ବୋଲି ବିଶେଷଜ୍ଞ ଟିମ୍ କହିଥିଲେ। ସେଥିପାଇଁ ଶନିବାର ପୁଣିଥରେ ରତ୍ନଭଣ୍ଡାର ଯାଞ୍ଚ କରାଯାଇ ଜିପିଆର ସର୍ଭେ କରାଯାଇଥିଲା। ଏଏସଆଇ ପକ୍ଷରୁ ସର୍ଭେ ଓ ଯାଞ୍ଚ କାର୍ଯ୍ୟ ଶେଷ ପରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ରତ୍ନଭଣ୍ଡାର ଯାଞ୍ଚ ପାଇଁ ଶନିବାର ଦିନ ୨ଟାରୁ ସନ୍ଧ୍ୟା ୬ଟା ଯାଏଁ ବନ୍ଦ ଥିଲା ସର୍ବସାଧାରଣ ଦର୍ଶନ।

### କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ

# କେନ୍ଦୁଝରର ବିକାଶ ସମ୍ପର୍କରେ ଆଲୋଚନା କଲେ

**ଭୁବନେଶ୍ୱର, ୨୧/୯ ନ୍ୟୁଜ ବ୍ୟୁରୋ**
ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ କେନ୍ଦୁଝର ଷ୍ଟାଡିଅମ ଖେଳ ପଡିଆ ଠାରେ ପ୍ରାତଃଭ୍ରମଣ କରିଥିଲେ। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ସୁନାମ ଅର୍ଜନ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର ଚିରାଚରିତ ଷ୍ଟାଇଲରେ ପୁରୁଣା ବନ୍ଧୁ, ସାଧାରଣ ଲୋକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ସହିତ କେନ୍ଦୁଝର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ କେନ୍ଦୁଝରରେ ଥିବା ସମୟରେ ନିୟମିତ ପ୍ରାତଃଭ୍ରମଣ କରିଥାନ୍ତି। ସେହି ପୁରୁଣା ଜାଗାକୁ ଆସି ପୁରୁଣା ସାଥୀମାନଙ୍କ ସହିତ ଶନିବାର ସକାଳୁ ସେ ପ୍ରାତଃଭ୍ରମଣ କରିଥିଲେ ଏବଂ ପୁରୁଣା ସ୍ମୃତିକୁମନେ ପକାଇଥିଲେ। ପ୍ରାତଃଭ୍ରମଣ ପରେ ସେ ଷ୍ଟାଡିଅମ ପାଖରେ ଥିବା ବିଦେଶୀବାବୁଙ୍କ ଚା' ଦୋକାନରେ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗ ଦେଇ ତାଙ୍କ ପୁରୁଣା ବନ୍ଧୁ ଓ କେନ୍ଦୁଝର ସହରର ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବୀ ମା' ତାରିଣୀ ଓ ଆରାଧ୍ୟ ଦେବତା ପ୍ରଭୁ ବଳଦେବ ଜୀଉଙ୍କ କୃପାରୁ ବିଜୟ ଲାଭ କରି ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଛି। କେନ୍ଦୁଝରର ବିକାଶ ପାଇଁ ବିରୋଧୀ ଦଳରେ ଥିବା ବେଳେ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଥିଲି । କେନ୍ଦୁଝର ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ଯାହା ଯାହା ଆବଶ୍ୟକତା ଅଛି ତାକୁ ବିଚାରକୁ ନେଇ ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରାଯିବ। ଜିଲ୍ଲାରୁ ଦାରିଦ୍ର୍ୟ ହଟିବ ଏବଂ କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ସମ୍ପଦର ସୁବିନିଯୋଗ କରାଯାଇ ଜିଲ୍ଲାକୁ ସମୃଦ୍ଧି ପଥରେ ଆଗେଇ ନିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ସେ ଚା' ଦୋକାନୀ ବିଦେଶୀବାବୁଙ୍କୁ ମୁଖ୍ୟମନ୍ତ୍ରୀ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ ଏବଂ ଚା' ଦୋକାନରେ ପୁରୁଣା ବନ୍ଧୁମାନଙ୍କ ସହିତ ମିଶି ପୁରୁଣା ଦିନର ସ୍ମୃତି ଚାରଣ କରି ଖୁସି ହୋଇଥିଲେ।



### କେନ୍ଦ୍ରାପଡା ଓ ଗଜପତି ଜିଲ୍ଲାର ନିର୍ବାଚିତ ପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତାଙ୍କୁ ଭେଟିଲେ ବିଜେଡି ସୁପ୍ରିମୋ

# ରାଜ୍ୟରେ ଆଇନ ଶୃଙ୍ଖଳା ଥିବା ପରି ଅନୁଭବ ହେଉନି : ନବୀନ



**ଭୁବନେଶ୍ୱର ୨୧/୯ ନ୍ୟୁଜ ବ୍ୟୁରୋ**
ଶନିବାର ଶଙ୍ଖ ଭବନ ଠାରେ କେନ୍ଦ୍ରାପଡ଼ା ଓ ଗଜପତି ଜିଲ୍ଲାର ନିର୍ବାଚିତ ପ୍ରତିନିଧି ଓ ପଦାଧିକାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇ ସଂଗଠନକୁ ମଜବୁତ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଉଦ୍‌ବୋଧନ ଦେଇ ଦଳ ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାରର ୨୪ବର୍ଷ ଶାସନରେ ରାଜ୍ୟରେ ଗରିବୀ ୭୦ ପ୍ରତିଶତରୁ ୧୦ ପ୍ରତିଶତ କମିଛି। ଲୋକଙ୍କ ମୁଣ୍ଡ ପିଛା ଆୟ ବଢିଛି। ଏହା ଭାରତ ସରକାରଙ୍କ ରିପୋର୍ଟ କହୁଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏଥର ଯଦି ବିଜେଡି କ୍ଷମତାକୁ ଅସିଥାନ୍ତା ତେବେ ଓଡିଶାରୁ ଗରିବୀ ସମ୍ପୂର୍ଣ୍ଣ ଭାବରେ ଦୂର ହୋଇଥାନ୍ତା ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ସେ ଆହୁରି କହିଥିଲେ କେନ୍ଦ୍ରାପଡ଼ା ସବୁବେଳେ ତାଙ୍କ ପାଇଁ ଓ ବିଜୁ ବାବୁଙ୍କ ପାଇଁ ସ୍ୱତନ୍ତ୍ର ହୋଇ ରହିଆସିଛି। ଗଜପତି ଜିଲ୍ଲା ସହ ବିଜୁ ବାବୁଙ୍କ ପରିବାରର ସମ୍ପର୍କ ବହୁତ ପୁରୁଣା। ଲୋକଙ୍କ ଭଲ ପାଇବା ଏବେବି ବିଜେଡି ପ୍ରତି ଅତୁଟ ରହିଛି ବୋଲି ମତ ଦେଇ ଶ୍ରୀ ପଟ୍ଟନାୟକ ବିଜେପି ସରକାରର ମିଛ ପ୍ରତିଶ୍ରୁତି ସେ ସୁଭଦ୍ରା ଯୋଜନାରେ ଦୁଇ ବର୍ଷରେ ପଚାଶ ହଜାର ଟଙ୍କା ହେଉ ବା ମାଗଣା ବିଜୁଳି ଓ ଭତ୍ତା ସବୁ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଦୁଃଖର କଥା ଭୁବନେଶ୍ୱର ପରି ଜାଗାରେ ଥାନାରେ ମହିଳା ଅସୁରକ୍ଷିତ। ରାଜଭବନରେ କର୍ମଚାରୀ ମାଡ ଖାଉଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ଥିବା ପରି ଲାଗୁ ନାହିଁ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାରରେ ଥିବା ବେଳେ ଲୋକଙ୍କ ପାଇଁ ଅନେକ ଭଲ କାମ କରିଥିଲା। ଲୋକଙ୍କ ଭଲ ପାଇବା ଏବେବି ଆମ ସହିତ ରହିଛି। ତେଣୁ ଲୋକଙ୍କ ସେବା ଜାରି ରଖିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।
କେନ୍ଦ୍ରାପଡା ବୈଠକ ସଂଯୋଜନା କରିଥିଲେ ଆଳି ବିଧାୟକ ପ୍ରତାପ ଦେବ। ଗଜପତି ବୈଠକ ସଂଯୋଜନା କରିଥିଲେ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଧ୍ରୁବ ସାହୁ, ବିଧାୟକ ଅରବିନ୍ଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ରୁପେଶ ପାଣିଗ୍ରାହୀ, ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର ତଥା ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଓ କର୍ମକର୍ତ୍ତାମାନେ ଉଦ୍‌ବୋଧନ ଦେଇ ବିଜେଡିକୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବେ ବୋଲି ଘୋଷଣା କରିଥିଲେ।

### କିଟ୍‌ରେ ପାଣିପାଗ ଓ ଜଳବାୟୁ ହାକାଥନ ଉଦ୍‌ଯାପିତ

# କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା




**ଭୁବନେଶ୍ୱର, ୨୧ ।୯ ନ୍ୟୁଜ ବ୍ୟୁରୋ**
ଆମେରିକାର ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ, ମୁମ୍ବାଇସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ୍, କିଟ୍ ଓ କିସ୍‌ର ମିଳିତ ଆନୁକୂଲ୍ୟରେ ୧୯ ତାରିଖରୁ ଚାଲିଥିବା ହାକାଥନ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି । ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ଏବଂ ବାୟୁର ଗୁଣବତ୍ତା ସହିତ ଜଡ଼ିତ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । କ୍ୟୁନି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକଙ୍କ ସମେତ ଗୋଆ, ମହାରାଷ୍ଟ୍ର, ଛତିଶଗଡ଼, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଗୁଜୁରାଟ ଆଦି ଭାରତର ୧୬ଟି ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗବେଷକମାନେ ଏଥିରେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ସ୍ଥାନୀୟ ଜଳବାୟୁ ଓ ବାୟୁର ମାନକୁ ନେଇ ଜନ ସଚେତନତା ଏବଂ ଲୋକମାନେ ଯେଭଳି ବୁଝି ପାରିବେ ସେହି ଉଦ୍ଦେଶ୍ୟରେ ଉପକରଣ ଓ ଆପ୍ ତିଆରି କାର୍ଯ୍ୟକ୍ରମ କରିଥିଲେ । ଆମେରିକା ବୈଦେଶିକ ବିଭାଗ ଓ ରାଷ୍ଟ୍ରୀୟ ବିଜ୍ଞାନ ଫାଉଣ୍ଡେସନ୍ (ଏନ୍‌ଏସ୍‌ଏଫ୍) ଅନୁସନ୍ଧାନ ଅନୁଦାନରେ ସ୍ଥାପିତ ୨୨ଟି ପାଣିପାଗ ଓ ଜଳବାୟୁ ନେଟୱାର୍କ କେନ୍ଦ୍ରରୁ ସେମାନେ ତଥ୍ୟ ବିନିଯୋଗ କରିଥିଲେ । ତେବେ ଏହି ପ୍ରୟାସ ଜଳବାୟୁ ପରିବର୍ତ୍ତନ ବିରୋଧରେ ବିଶ୍ୱସ୍ତରୀୟ ପଦକ୍ଷେପଗୁଡ଼ିକରେ ଯୋଗଦାନ କରିବ ବୋଲି ଆଶା କରାଯାଉଛି । ପ୍ରତିଯୋଗୀମାନଙ୍କୁ ହାକାଥନ୍ ଅବସରରେ ପାଣିପାଗ, ଜଳବାୟୁ, ବାୟୁର ମାନରେ ଉନ୍ନତି, ଉତ୍ତାପ ତରଙ୍ଗ ଆଦି ୫ଟି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ ଦେବାକୁ କୁହାଯାଇଥିଲା । କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କ୍ୟୁନି ବିଶ୍ୱବିଦ୍ୟାଳୟର ସଭାପତି ଡ. ମିଲଟନ୍ ସାଣ୍ଟିଆଗୋ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଓ ଏହାର ସମାଧାନ କିପରି କରାଯିବ ତା ଉପରେ କହିଥିଲେ । ଏହା ସହିତ କିଟ୍ ଓ କିସ୍‌ର ସହଯୋଗ ତଥା ଏ ଦିଗରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। କ୍ୟୁନି ବିଶ୍ୱବିଦ୍ୟାଳୟ ପ୍ରଫେସର ପିଟର ଗ୍ରୋଫମ୍ୟାନ୍ ଭବିଷ୍ୟତ ପାଇଁ ଜଳବାୟୁର ସୁରକ୍ଷା ଓ ଚରମ ସ୍ଥିତି ପାଇଁ କିଭଳି ପ୍ରସ୍ତୁତ ହେବାକୁ ପଡ଼ିବ ତା' ଉପରେ ଆଲୋଚନା କରିଥିଲେ । କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ କହିଲେ, କିଟ୍‌ରେ ବିଭିନ୍ନ ସମୟରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ସମ୍ମିଳନୀମାନ ଆୟୋଜିତ ହୋଇଥାଏ । ଏହା ଦ୍ୱାରା ଓଡ଼ିଶାର କଳା, ସଂସ୍କୃତି ଓ ପରିବେଶ ଉପରେ ବିଦେଶରୁ ଆସୁଥିବା ଲୋକମାନେ ସକାରାତ୍ମକ ଅନୁଭୂତି ନେଇ ଯାଉଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ବୋଲି ଡ. ସାମନ୍ତ କହିଥିଲେ । ଏହି ଅବସରରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ମ୍ୟାଜିକ୍ ନମ୍ବର ଛୁଇଁଲା ହୀରାକୁଦର ଜଳସ୍ତର, ଏବେ ସମସ୍ତ ଗେଟ୍ ବନ୍ଦ

**ସମ୍ବଲପୁର ୨୧।୦୯ ନ୍ୟୁଜ ବ୍ୟୁରୋ**
ମ୍ୟାଜିକ୍ ନମ୍ବର ଛୁଇଁଲା ହୀରାକୁଦର ଜଳସ୍ତର। ଚଳିତ ବର୍ଷ ପ୍ରଥମ କରି ହୀରାକୁଦ ଜଳସ୍ତର ସର୍ବୋଚ୍ଚ ସୀମା ଛୁଇଁଛି। ଶନିବାର ସକାଳ ୯ଟା ପରେ ଜଳସ୍ତର ମ୍ୟାଜିକ ନମ୍ବର ୬୩୦ ଫୁଟ ଛୁଇଁଛି। ସୂଚନାନୁଯାୟୀ, ଶନିବାର ସକାଳ ୯ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରକୁ ୫୬ ହଜାର ୩୯୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୩୭,୩୩୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଆଗକୁ ମୌସୁମୀ ଅବଧି ସରିବାକୁ ଥିବା ବେଳେ ରୁଲ କର୍ଭ ଅନୁଯାୟୀ ସେପ୍ଟେମ୍ବର ଶେଷ ସୁଦ୍ଧା ଜଳସ୍ତରକୁ ସର୍ବୋଚ୍ଚ ସ୍ତରରେ ରଖିବାକୁ ନିଷ୍ପତ୍ତି ନେଇଛନ୍ତି କର୍ତ୍ତୃପକ୍ଷ। ବର୍ତ୍ତମାନ ସମସ୍ତ ଗେଟ୍ ବନ୍ଦ ରହିଛି ।

### ଏମ୍‌ସ ଭୁବନେଶ୍ୱରର ଦ୍ୱାଦଶ ବାର୍ଷିକ ଉତ୍ସବ

# ରୋଗୀ ସଂଖ୍ୟା ବୃଦ୍ଧି ଏମ୍‌ସ ଭୁବନେଶ୍ୱରର ସଫଳତାକୁ ପ୍ରତିଫଳିତ କରୁଛି: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧/୦୯ ନ୍ୟୁଜ ବ୍ୟୁରୋ**
ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍‌ସ ଭୁବନେଶ୍ୱର ଶନିବାର ଦ୍ୱାଦଶ ବାର୍ଷିକ ଉତ୍ସବକୁ ପ୍ରତିବଦ୍ଧତା ଏବଂ ଅନ୍ତର୍ଭୁକ୍ତୀକରଣ ସହିତ ପାଳନ କରିଛି। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ଚିକିତ୍ସା ନିମନ୍ତେ ଦୈନିକ ଏଠାକୁ ଆସୁଥିବା ହଜାର ହଜାର ରୋଗୀଙ୍କ ସଂଖ୍ୟା ହିଁ ଏହି ଅନୁଷ୍ଠାନର ସଫଳତାକୁ ପ୍ରତିପାଦିତ କରୁଛି। ଏମ୍‌ସ ଭୁବନେଶ୍ୱରକୁ ଆହୁରି ଅଧିକ ଗତିଶୀଳ ଏବଂ କ୍ରିୟାଶୀଳ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ଥିବା ଶ୍ରୀ ସିଂହ ଦେଓ ପ୍ରକାଶ କରିଥିଲେ। ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ସମସ୍ତଙ୍କର ସାମୂହିକ ଉଦ୍ୟମ, ରୋଗୀ ସେବା ଏବଂ ଚିକିତ୍ସା ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟସେବାରେ ନବସୃଜନ ଆଣିବା ସହିତ ଚିକିତ୍ସା ବିଜ୍ଞାନ ସହିତ ପ୍ରଯୁକ୍ତିବିଦ୍ୟାର ଅନ୍ତର୍ଭୁକ୍ତିକରଣ ପାଇଁ ଏମ୍‌ସ ସର୍ବଦା ପ୍ରୟାସରତ। ଏହି ଅବସରରେ ଗତ ଏକ ବର୍ଷରେ ଏଠାରେ ହୋଇଥିବା ଏକାଧିକ ସଫଳ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏମ୍‌ସରେ ଗତ ଏକ ବର୍ଷରେ ୧୦ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି। ୧୭ ଲକ୍ଷ ପରୀକ୍ଷା କରାଯାଇଥିବା ବେଳେ ୨୫ହଜାର ଅସ୍ତ୍ରୋପଚାର କରାଯାଇଛି। ଆଭା (ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ) ପଞ୍ଜୀକରଣରେ ଦେଶରେ ତୃତୀୟ ସ୍ଥାନ ଅଧିକାର କରିବାର ସଫଳତା ହାସଲ କରିଛି ଏମ୍‌ସ। ୨୦୨୪ ଶିକ୍ଷାବର୍ଷ ପାଇଁ ଏମ୍‌ସକୁ ଏନ୍‌ଆଇଆରଏଫରେ ୧୫ତମ ସ୍ଥାନ ମିଳିଛି ଯାହାକି ସମଗ୍ର ରାଜ୍ୟରେ ଶ୍ରେଷ୍ଠ। ଅନ୍ୟମାନଙ୍କ ମଧ୍ୟରେ ଡିନ୍ (ଏକାଡେମିକ୍) ଡ. ପି ଆର ମହାପାତ୍ର, ଡିନ୍ (ଗବେଷଣା) ଡ. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱାଦଶ ବାର୍ଷିକ ଉତ୍ସବ ସମାରୋହ ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ ନେଇ ଏକାଧିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବାର୍ଷିକ ସ୍ମରଣିକା 'ଦି ଇନ୍‌ସାଇଟ୍'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆୟୋଜକ କମିଟି ସଚିବ ଡ. ସ୍ୱେତା ସିଂ ଏବଂ ଅତିରିକ୍ତ ସଚିବ ଡ. ସୋମନାଥ ପାଢ଼ୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ସଫଳତାର ସହିତ ସମାପ୍ତ ହୋଇଥିଲା। ନିଆରା ଫଟୋ ପ୍ରଦର୍ଶନୀ ପ୍ରଥମଥର ପାଇଁ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଏକ ଫଟୋଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ୫୦ ଫଟୋକୁ ନେଇ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଯାହାକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଏମ୍‌ସ ଭଳି ଅନୁଷ୍ଠାନରେ ରହିଥିବା ଏପରି ସୃଜନଶୀଳ ପ୍ରତିଭାମାନଙ୍କୁ ସମସ୍ତେ ପ୍ରଶଂସା କରିଥିଲେ। ସେହିପରି ଗତ ଏକ ବର୍ଷରେ ଏମ୍‌ସରେ ହୋଇଥିବା ଏକାଧିକ ସଫଳତା ସମ୍ବଳିତ ଏକ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

# ରାଜ୍ୟରେ ଦିନକୁ ଦିନ ବଢ଼ୁଛି ବଜ୍ରାଘାତ ଜନିତ ମୃତ୍ୟୁ

**ମୟୂରଭଞ୍ଜ, ୨୧/୯ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ଦିନକୁ ଦିନ ବଢ଼ୁଛି ବଜ୍ରାଘାତ ଜନିତ ମୃତ୍ୟୁ। ବିଗତ ୫ ବର୍ଷ ମଧ୍ୟରେ ସମଗ୍ର ଓଡ଼ିଶାରେ ୧୧ ଶହରୁ ଅଧିକ ଲୋକ ବଜ୍ରପାତରେ ମୃତ୍ୟୁ ବରଣ କରିଛନ୍ତି । କେବଳ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୨୫ ଜଣଙ୍କର ଜୀବନ ଯାଇଛି। ବିଶେଷଜ୍ଞଙ୍କ ମତ ହେଲା, ଅଧିକ ବୃକ୍ଷ ରୋପଣ ଓ ସଚେତନତା ଦ୍ୱାରା ଏହାକୁ ପ୍ରତିହତ କରାଯାଇପାରିବ।
ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ ଏବେ ବଜ୍ରପାତର ଭୟ। ସାରା ଦେଶରେ ବଜ୍ରପାତ ଜନିତ ମୃତ୍ୟୁରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିବା ବେଳେ ମୟୂରଭଞ୍ଜ ବଜ୍ରପାତ ପ୍ରବଣ ଜିଲ୍ଲା ଭାବେ ରହିଆସିଛି। ଜିଲ୍ଲାର ବେତନଟୀ, ବାଙ୍ଗିରିପୋଷି, କପ୍ତିପଦା, ଖୁଣ୍ଟା, ରାସଗୋବିନ୍ଦପୁର, ବଡସାହି ଆଦି ବ୍ଲକ୍ ଅଞ୍ଚଳରେ ବଜ୍ରପାତରେ ଅଧିକ ଜୀବନ ଯାଇଛି । ସୂଚନା ଅନୁସାରେ ବିଗତ ୫ ବର୍ଷରେ ବଜ୍ରପାତ ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ୧୨୫ ଜଣଙ୍କ ମୃତ୍ୟୁ ହୋଇଛି । ଜିଲ୍ଲାର ୩୯ ପ୍ରତିଶତରୁ ଊର୍ଦ୍ଧ୍ୱ ଅର୍ଥାତ ମୋଟ ସାଢେ ୪ ହଜାର ବର୍ଗ କିଲୋମିଟର ବନାଞ୍ଚଳ ରହିଛି। ତଥାପି ବଜ୍ରପାତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି । ଜିଲ୍ଲାରେ ତାଳଗଛ ସଂଖ୍ୟା ହ୍ରାସ ପାଉଥିବା ଯୋଗୁଁ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢୁଥିବା କୁହାଯାଉଛି। ବିଲ ବାଡ଼ିରେ କାମ କରୁଥିବା ଶ୍ରମିକମାନେ ବଜ୍ରପାତରେ ଅଧିକ ଶିକାର ହେଉଛନ୍ତି। ବିଶେଷଜ୍ଞଙ୍କ ମତରେ ବାୟୁମଣ୍ଡଳ ଦୂଷିତ ହୋଇ ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ମାତ୍ରାଧିକ ବଜ୍ରାଘାତ ହେଉଛି ଏବଂ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଫାଙ୍କା ଜାଗା ଓ ଚାଷ ଜମି ମାନଙ୍କରେ ଅଧିକରୁ ଅଧିକ ତାଳ ଜାତୀୟ ଉଚ୍ଚବୃକ୍ଷ ରୋପଣ କରିବା ଦରକାର। ତେବେ ରାଜ୍ୟ ସରକାର ବଜ୍ରପାତ ଜନିତ ମୃତ୍ୟୁ ଘଟଣାକୁ ଗୁରୁତର ସହ ନେଇଛନ୍ତି । ସମଗ୍ର ରାଜ୍ୟରେ ତାଳ ଗଛ ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଜିଲ୍ଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହାକୁ କିପରି ଅଧିକ ତ୍ୱରାନ୍ୱିତ କରାଯାଇପାରିବ ଏବଂ ମୋବାଇଲ ଆପ୍ ସାହଯ୍ୟରେ ଲୋକମାନେ କେମିତି ଏହାର ପୂର୍ବ ସୂଚନା ପାଇପାରିବେ ସେନେଇ ଅଧିକ ଗୁରୁତ୍ୱ ଦେଇଛି ଜିଲ୍ଲା ପ୍ରଶାସନ । ଜିଲ୍ଲାରେ ଅଧିକରୁ ଅଧିକ ତାଳ ଗଛ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ବନବିଭାଗ ପକ୍ଷରୁ ଖୁବଶୀଘ୍ର ପଦକ୍ଷେପ ନିଆଯାଉଥିବା କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ।

# ଅନିୟମିତ ପାଣିପାଗର ଚରମ ରୂପ: ମାଡ଼ି ଆସୁଛି ବଡ଼ ବିପଦ, ଉଜାଡୁଛି ଚାଷ, ଖସୁଛି ଭୂତଳ ଜଳ



**ଭୁବନେଶ୍ୱର,୨୧/୯ ନ୍ୟୁଜ ବ୍ୟୁରୋ**
ଜଳବାୟୁ ପରିବର୍ତ୍ତନର ହଟ୍‌ସ୍ପଟ୍ ପାଲଟିଛି ଓଡ଼ିଶା। ଏଥିପାଇଁ ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ, ବାତ୍ୟା, ବର୍ଷା ଅଭାବ ସହ ବେଳେବେଳେ ଅତ୍ୟଧିକ ବର୍ଷାର ବିପତ୍ତିକୁ ସାମ୍ନା କରିବାକୁ ପଡୁଛି । ପାଣିପାଗର ଏଭଳି ଚରମ ରୂପ ସ୍ୱାସ୍ଥ୍ୟ ଓ କୃଷିକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ପାଗରେ ଅଚାନକ ପରିବର୍ତ୍ତନ ଯୋଗୁଁ ବୃଦ୍ଧ, ଶିଶୁ ଏବଂ ରୋଗାକ୍ରାନ୍ତ ଲୋକଙ୍କ ଶରୀର ତାହାକୁ ସହିପାରୁନି । ଅନିୟମିତ ବର୍ଷା ଯୋଗୁ ଫସଲ ପରିଚାଳନା ଯୋଜନା। ବିଗିଡ଼ିଯାଉଛି । ବୁଣାବୁଣିରୁ ଅମଳ ପର୍ଯ୍ୟନ୍ତ, ସବୁର ସମୟ ଏପାଖସେପାଖ ହେଉଛି। ବିଶେଷଜ୍ଞ ଚେତାଇ ଦେଇଛନ୍ତି, ପାଣିପାଗର ଏ ବିଚିତ୍ର ଧାରା ଆଗକୁ ଆହୁରି ବଢ଼ିବ। ବର୍ଷା ହେବ, ହେଲେ ମାଟି ବତୁରିବ ନାହିଁ । ଏପଟେ ବନ୍ୟା ହେଲେ, ସେପଟେ ମରୁଡ଼ି ପଡ଼ିବ । ବର୍ଷା ସଙ୍କଟରୁ ଶୁଖିଯିବ ଜଳ ଉତ୍ସ । ଖସିଯିବ ଭୂତଳ ଜଳ ସ୍ତର । ଆଗକୁ ତୀବ୍ର ହେବ ପାନୀୟ ଜଳ ସଙ୍କଟ । ଏସବୁର ସିଧା ପ୍ରଭାବ ପଡ଼ିବ ମଣିଷର ସ୍ୱାସ୍ଥ୍ୟ ଉପରେ । ହଠାତ୍ ଅସୁସ୍ଥତା ଗ୍ରାସିଯିବ ଜନଜୀବନକୁ। ରକ୍ତଚାପ, ହୃଦରୋଗ ରୋଗ ଆଶଙ୍କା ବଢ଼ିବ ।
କବିର କବିତା ପାଇଁ ଖୋରାକ ଯୋଗାଇବାକୁ ଆଉ ଝରୁନାହିଁ ଝଡ଼ି ବର୍ଷା। ଏବେ ବର୍ଷା ଅଜାଡ଼ି ଦେଉଛି, ପୁଣି ଟାଇଁଟାଇ ଖରା । ଲମ୍ବା ଅବଧି ବର୍ଷା ଦେଖିବାକୁ ମିଳୁନି । ମୌସୁମୀର ଅଧିକାଂଶ ଦିନ ଏତେ ତତଲା ରହୁଛି ଯେ, ଜାଣି ହେଉନି ଏଇଟା ବର୍ଷା ନା ଗ୍ରୀଷ୍ମ। ବିଚିତ୍ର ରୂପ ନେଲାଣି ପାଣିପାଗ। ସେପ୍ଟେମ୍ବର ଅଧା ଟପିଲାଣି, ଗରମ ଯାଉନି । ନାକେଦମ କରୁଛି ଗୁଳୁଗୁଳି । ଦିନ ହେଉ କି ରାତି, ଦରକାର ପଡୁଛି ପଙ୍ଖା ଆଉ ଏସି (ଶୀତତାପ ନିୟନ୍ତ୍ରିତ ଯନ୍ତ୍ର)। ଯେବେ ବର୍ଷା ହେଉଛି, ଅସରାଏ ଲେଖାଏଁ ଅଜାଡ଼ି ଦେଉଛି । ମାତ୍ର ଲଗାତାର ଦୁଇ ତିନି ଧରି ଲାଗି ରହୁଥିବା ଝଡ଼ି ବର୍ଷା ଆଉ ନାହିଁ । ମୂଷଳଧାରା ବର୍ଷା ବି କୁଆଡ଼େ ହଜିଗଲାଣି ।
ଏବେ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ୍ ଛୁଇଁଛି ବାଲେଶ୍ୱରରେ, ଯାହାକି ସ୍ୱାଭାବିକ ତୁଳନାରେ ୪ ଡିଗ୍ରୀ ଅଧିକ । ପାରାଦୀପରେ ସ୍ୱାଭାବିକଠାରୁ ୪.୭ ଡିଗ୍ରୀ ସେଲସିୟସ୍ ଅଧିକ ଥିଲା ତାପମାତ୍ରା, ପହଞ୍ଚିଲା ୩୬.୬ ଡିଗ୍ରୀରେ। ଭୁବନେଶ୍ୱର ତାପମାତ୍ରା ୩୫.୭ ଡିଗ୍ରୀ ଥିଲା, ସ୍ୱାଭାବିକଠାରୁ ୩.୩ ଡିଗ୍ରୀ ଅଧିକ। ଅଧିକାଂଶ ସ୍ଥାନରେ ପାରଦ ୩୩-୩୬ ଡିଗ୍ରୀ ପାଖାପାଖି । ଆର୍ଦ୍ରତା ପରିମାଣ ବି ଅଧିକ । କୃଷି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ପୂର୍ବାନୁମାନ ଚରମ ପାଣିପାଗଜନିତ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। କଲମ୍ବିଆ ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାସନାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଫର କ୍ଲାଇମେଟ ଆଣ୍ଡ୍ ସୋସାଇଟି (ଆରଆରଆଇ)ଙ୍କ ବିଶ୍ଲେଷଣକୁ ଆଧାର କରି ପ୍ରଫେସର ପଶୁପାଳକ କହିଛନ୍ତି, ଏ ବର୍ଷ ଲା-ନିନା ଯୋଗୁଁ ଦେଶରେ ଶୀତ ପ୍ରକୋପ ଅଧିକ ରହିବ । ମାତ୍ର ଓଡ଼ିଶାରେ ଏହାର ପ୍ରଭାବ କମ୍ ପଡ଼ିବ । ସ୍ୱାଭାବିକଠାରୁ ଅଧିକ ରହିବ ତାପମାତ୍ରା। ଅକ୍ଟୋବରରେ ଓଡ଼ିଶା ଓ ସଂଲଗ୍ନ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିପାରେ । ନଭେମ୍ବର, ଡିସେମ୍ବର ଓ ଜାନୁଆରୀରେ ଦେଶର ବିଭିନ୍ନ ସ୍ଥାନରେ ଥଣ୍ଡା ଅଧିକ ହେବ । ଓଡ଼ିଶାରେ ଏଥର ଶୀତଋତୁରେ ଅଧିକାଂଶ ଦିନ ପାଗ ମେଘୁଆ ରହିବ । ତେଣୁ ଗରମ ଅଧିକ ହେବ । ପ୍ରଫେସର ପଶୁପାଳକ କହିଛନ୍ତି, ବର୍ଷା ଅନିୟମିତର କାରଣ ଜଳବାୟୁ ପରିବର୍ତ୍ତନ । ସୋଆ ଜଳବାୟୁ ଓ ପରିବେଶ କେନ୍ଦ୍ର ନିର୍ଦ୍ଦେଶକ ତଥା ବିଶିଷ୍ଟ ପାଣିପାଗ ବୈଜ୍ଞାନିକ ଡକ୍ଟର ଶରତ ଚନ୍ଦ୍ର ସାହୁଙ୍କ କହିବାନୁସାରେ, ଜଳବାୟୁ ପରିବର୍ତ୍ତନ ଓ ଗ୍ଲୋବାଲ୍ ୱାର୍ମିଂ ପ୍ରଭାବରେ କ୍ରମଶଃ ତାପମାତ୍ରା ବୃଦ୍ଧି ପାଇବା ସହ ବର୍ଷା ଅନିୟମିତ ହେଉଛି । ୨୦୦୦ ମସିହା ପୂର୍ବରୁ ବର୍ଷା ଦିନେ ଝଡ଼ି ବର୍ଷା (୨/୩ ଦିନ ଧରି ଝିପିଝିପି) ହେଉଥିଲା । ଏଥିରେ ବାୟୁମଣ୍ଡଳ ଥଣ୍ଡା ପଡୁଥିଲା । ଆଉ ସେଭଳି ବର୍ଷା ନାହିଁ । ଚଳିତବର୍ଷ ନା ମୂଷଳ ଧାରା ବର୍ଷା ହୋଇଛି ନା ଝଡ଼ିବର୍ଷା । ପୂର୍ବରୁ ପ୍ରାୟତଃ ଘୂର୍ଣ୍ଣିବଳୟ/ଲଘୁଚାପ ଉପକୂଳଠାରୁ ଦୂରରେ ସମୁଦ୍ର ଭିତରେ ସୃଷ୍ଟି ହେଉଥିଲା । ଏହା ଅଧିକ ଘନୀଭୂତ ହେଉନଥିଲା । ଏହା ପ୍ରଭାବରେ ଉପକୂଳରେ ଅଧିକ ଦିନ ଧରି ଭଲ ବର୍ଷା ହେଉଥିଲା । ମାତ୍ର ଏବେ ପ୍ରାୟତଃ ଘୂର୍ଣ୍ଣିବଳୟ/ଲଘୁଚାପ ଉପକୂଳରେ ସୃଷ୍ଟି ହେଉଛି । ଗ୍ଲୋବାଲ୍ ୱାର୍ମିଂ ପ୍ରଭାବରେ ସମୁଦ୍ର ଜଳପୃଷ୍ଠ ଉତ୍ତପ୍ତ ରହୁଥିବାରୁ ଏହା ଶୀଘ୍ର ଘନୀଭୂତ ହେଉଛି । ଏହା ସ୍ଥଳଭାଗକୁ ଶୀଘ୍ର ଆସିବା ଯୋଗୁ ବର୍ଷା ଯେତିକି ହେବା କଥା ହେଉନି। ଉପକୂଳଠାରୁ ଆଭ୍ୟନ୍ତରୀଣ ଅଞ୍ଚଳରେ ବେଶି ବର୍ଷା କରାଉଛି। ବର୍ତ୍ତମାନ ବାୟୁମଣ୍ଡଳରେ ଯେତିକି ଜଳୀୟ ବାଷ୍ପ ରହୁଛି, ସେହି ଅନୁପାତରେ ବର୍ଷା ହେଉନି । ବର୍ଷା ଯେତେବେଳେ ହେଉଛି, ଅସରାଏ ଲେଖାଏଁ । କେବେ ୫ରୁ ୧୦ ମିମି କିମ୍ବା ଅତି ବେଶିରେ ୪୦ରୁ ୬୦ ମିଲିମିଟର । କିଛି ସମୟ ବର୍ଷା କାଟିବା ପରେ ପୁଣି ପାଗ ବଦଳିଯାଉଛି, ତେଣୁ ଗରମ ଅଧିକ ରହୁଛି । ବର୍ଷାର ଅନିୟମିତତାରେ ଫସଲ ଉତ୍ପାଦନ କମିବ । ବିଭିନ୍ନ ମହାମାରୀ ସହ ମ୍ୟାଲେରିଆ, ଡେଙ୍ଗୁ ରୋଗ ବି ବଢ଼ିବ। ବାୟୁମଣ୍ଡଳରେ ପ୍ରଦୂଷଣ ସ୍ତର ବି ବଢ଼ି ଚାଲିବ। ଚଳିତବର୍ଷ ରାଜ୍ୟରେ ଏବେ ସୁଦ୍ଧା (ଜୁନ୍ ପହିଲାରୁ ସେପ୍ଟେମ୍ବର ୨୧ ଭିତରେ) ହାରାହାରି ୧୦୦୦.୮ ମିଲିମିଟର ବର୍ଷା ହୋଇଛି । ଏହା ସ୍ୱାଭାବିକଠାରୁ ୮% କମ୍। ପାଣିପାଗ ବିଭାଗ ହିସାବରେ ୧୯% କମିଲେ ହିଁ ନିଅଣ୍ଟିଆ କୁହାଯାଏ । ତେଣୁ ଏହାକୁ ସ୍ୱାଭାବିକ ବର୍ଷା କୁହାଯିବ । ୧୦ଟି ଜିଲ୍ଲାରେ ବର୍ଷା ପରିମାଣ ନିଅଣ୍ଟିଆ ରହିଛି ଏଯାଏ । ମୋଟ ହିସାବ ଅନୁସାରେ ରାଜ୍ୟରେ ବର୍ଷା ନିଅଣ୍ଟିଆ ସ୍ଥିତି ନାହିଁ। ମାତ୍ର ଏହା ସତ୍ତ୍ୱେ ଏତେ ଗରମ କାହିଁକି, ତାହା ଚକିତ କରୁଛି । ଚଳିତବର୍ଷ ଜୁନ୍, ଜୁଲାଇ, ଅଗଷ୍ଟର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ସହ ପୂର୍ବ ରେକର୍ଡ ଭାଙ୍ଗିଥିବା ବିଶେଷଜ୍ଞ କହୁଛନ୍ତି। ଅନେକ ଲଘୁଚାପ ଆସୁଛି, ଢେର ବର୍ଷୁଛି, ତଥାପି ମାଟି ବତରୁ ନାହିଁ ଅଧିକାଂଶ ଅଞ୍ଚଳରେ । ଗତ ଦେଢ଼ ଦଶନ୍ଧି ଭିତରେ ମହାନଦୀରେ ଆଉ ବଡ଼ ବନ୍ୟା ଆସିନାହିଁ । ବର୍ଷ ତମାମ ରାଜ୍ୟରେ ନଦୀଗୁଡ଼ିକ ଶୁଖିଲା ରହୁଛି। ଜଳ ଉତ୍ସ ଯେମିତି ମରି ମରି ଚାଲିଛି । ବିଶେଷଜ୍ଞ ଆଶଙ୍କା କଲେଣି, ବର୍ଷାର ଅନିୟମିତତା ଏହାର ଏକ ପ୍ରମୁଖ କାରଣ । ଭୂତଳ ଜଳ ବି ଖସିବାରେ ଲାଗିଛି । ଯଦି ଏ ଧାରା ଲାଗି ରହେ, ଆଗକୁ ମହାବିପତ୍ତି ମାଡ଼ି ଆସିବ । ନିକଟରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟରେ ବିଶେଷଜ୍ଞମାନେ ଭାରତକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଜଳ ଉତ୍ସ ଅଭାବରୁ ଆଗକୁ ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତା ଭଳି ଆମ ଅଞ୍ଚଳ ଲୋପ ପାଇଯିବନି ତ?

## ହାତୀ ଶାବକ 'ଅଭି'କୁ ହରପିସ୍ : ଚିନ୍ତାରେ ନନ୍ଦନକାନନ କର୍ତ୍ତୃପକ୍ଷ




**ବାରଙ୍ଗ,୨୧/୦୯ ନ୍ୟୁଜ ବ୍ୟୁରୋ**
ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଚିକିତ୍ସାଳୟ ନିକଟ ହାତୀ ଶାଳରେ ରହୁଥିବା ୧୭ ମାସର ହାତୀ ଶାବକ 'ଅଭି' ଅସୁସ୍ଥ ହୋଇପଡ଼ିଛି । ଦେହର ତାପମାତ୍ରା ବଢ଼ିବା ସହିତ ଥୋଡ଼ପାହୁଲରୁ ଲାଲ ଗଡୁଛି । ତେଣୁ ତାକୁ ହରପିସ୍ ଭୂତାଣୁ ସଂକ୍ରମଣ ହୋଇଥିବା ଅନୁମାନ କରି ପରୀକ୍ଷା କରାଯିବା ପରେ ହରପିସ୍‌ରେ ଆକ୍ରାନ୍ତ ଥିବା ଜଣାପଡିଛି । ଏନେଇ ନନ୍ଦନକାନନ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଯାଇଛନ୍ତି । ଶାବକଟି ଠିକ ଭାବରେ ଖାଦ୍ୟ ଗ୍ରହଣ କରୁନାହିଁ । ନନ୍ଦନକାନନ ପ୍ରାଣୀ ଚିକିତ୍ସକ ଏବଂ ଓୟୁଏଟିର ପ୍ରଫେସରଙ୍କ ତତ୍ତ୍ୱାବଧାନରେ 'ଅଭି'ର ଚିକିତ୍ସା ଜାରୀ ରହିଛି । ଶାବକଟି ଉପରେ ୨୪ ଘଣ୍ଟା ନଜର ରଖିବା ପାଇଁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି । କିଛି ଦିନ ପୂର୍ବରୁ 'ଅଭି' ଖାଦ୍ୟ ଖାଇବା କମାଇ ଦେଇଥିଲା । ପ୍ରାଣୀ ଚିକିତ୍ସକ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଉଥିଲେ । ସ୍ୱାସ୍ଥ୍ୟରେ ପରିବର୍ତ୍ତନ ନହେବାରୁ ତା'ର ହରପିସ୍ ପରୀକ୍ଷା କରାଯାଇଥିଲା । ରିପୋର୍ଟ ପଜିଟିଭ ଆସିଥିଲା । ପ୍ରାଣୀ ଉଦ୍ୟାନର ଛୋଟ ହାତୀ ଲାଳନପାଳନ ଶାଳାରେ ଅଭି ସହ 'ଲିସା' ଓ 'ଆଶା' ରହୁଥିଲେ । ଅଗଷ୍ଟରେ ଉଭୟ ହରପିସ୍‌ରେ ସଂକ୍ରମିତ ହୋଇଥିଲେ । କିନ୍ତୁ ସେମାନେ ସୁସ୍ଥ ହୋଇଗଲେ । ବର୍ତ୍ତମାନ 'ଅଭି'କୁ ହରପିସ୍ ହେବା ଚିନ୍ତାର କାରଣ ସାଜିଛି । ୨୫ ଜୁନ ୨୦୨୩ରେ ୨ ମାସର ହୋଇଥିବା ବେଳେ କେନ୍ଦୁଝର ଘଟଗାଁରୁ ହାତୀ ଛୁଆ 'ଅଭି' ଉଦ୍ଧାର ହୋଇ ପ୍ରାଣୀ ଉଦ୍ୟାନକୁ ଆସିଥିଲା। ହାତୀ ପଲ ଗାଁ ଅଭିମୁଖେ ଆସିଥିବା ବେଳେ ସକାଳେ ଜଙ୍ଗଲକୁ ଫେରିବା ବେଳେ ହାତୀ ଛୁଆଟି ଏକ ଗାତରେ ପଡ଼ିଯାଇଥିଲା। ଗ୍ରାମବାସୀ ତା'କୁ ଉଦ୍ଧାର କରିଥିଲେ । ମଣିଷ ସଂସ୍ପର୍ଶରେ ଆସିବାରୁ ତା'ମା' ଗ୍ରହଣ ନକରିବାରୁ ତା'କୁ ବନବିଭାଗ ଉଦ୍ଧାର କରି ନନ୍ଦନକାନନ ପଠାଇଥିଲେ ।